R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୩
ତିଥି: ନବମୀ
୦୭ ଅଗଷ୍ଟ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 303
07 August 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଘନୀଭୂତ ହୋଇପାରେ ଘୂର୍ଣ୍ଣିବଳୟ

# ଆଉ ତିନିଦିନ ପ୍ରବଳ ବର୍ଷା



ଭୁବନେଶ୍ୱର, ୬।୮ (ସବ୍ୟୁ) : ରାଜ୍ୟରେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ବୁଧବାର ରାତିରୁ ତୁହାକୁ ତୁହା ବର୍ଷା ଲାଗିରହିଛି। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ଼ କରାଯାଇଛି । ରାତିଅଧିଆ ବର୍ଷା ଯୋଗୁ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ହଠାତ ଘର ଭିତରେ ଆଣ୍ଠୁଏ ଉଚ୍ଚା ପାଣି ପଶିଛି । ଘୂର୍ଣ୍ଣିବଳୟ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇରୁ ତିନିଦିନ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହୋଇପାରେ । ଏହିଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଏବଂ ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚରେ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟରେ

**ଭୁବନେଶ୍ୱରରେ ସର୍ବାଧିକ ୧୦୭ ମିମି**

**୧୨ରେ ଲଘୁଚାପ ସମ୍ଭାବନା**

**ସ୍ୱାଧୀନତା ଦିବସରେ ପୁଣି ଅଜାଡ଼ିବ**

ଆଗାମୀ ଦୁଇରୁ ତିନି ଦିନ ଯାଏଁ ଭଲ ବର୍ଷା ହୋଇପାରେ । ବିଶେଷକରି ଉତ୍ତର ଉପକୂଳ ଜିଲ୍ଲା ଏବଂ ପାଶ୍ୱର୍ବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଭାରୀ ବର୍ଷା ହେବାର ସମ୍ଭାବନା (୯ ପୃଷ୍ଠାରେ)

# ଆଜି ଆସିବ ବନ୍ୟା କ୍ଷୟକ୍ଷତି ରିପୋର୍ଟ

- ୨୨ ଜିଲ୍ଲାକୁ ୧୧୦ କୋଟି ଟଙ୍କାର ଆର୍ଥିକ ସହାୟତା
- ଖୁବ୍‌ଶୀଘ୍ର ସମସ୍ତ ପ୍ରସ୍ତାବିତ ଡପଲର୍ ରାଡାର୍ କାର୍ଯ୍ୟକ୍ଷମ
- ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି
- ଶାଣିତ, ନିର୍ଭୁଲ୍ ହେବ ପାଣିପାଗ ପୂର୍ବାନୁମାନ
- ଅତ୍ୟାଧୁନିକ ଜ୍ଞାନକୌଶଳର ହେବ ଉପଯୋଗ

ଭୁବନେଶ୍ୱର, ୬।୮ (ସବ୍ୟୁ): ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଭିତରେ ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ପାଇଥିଲା ବେଳେ ଅନେକ ସ୍ଥାନରେ ସମ୍ପୂର୍ଣ୍ଣ ହ୍ରାସ ହୋଇ ନାହିଁ । ଆସନ୍ତାକାଲି(ଶୁକ୍ରବାର) ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଶୁକ୍ରବାର ଅର୍ଥାତ ୭ତାରିଖରେ ସନ୍ଧ୍ୟାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ପ୍ରଭାବିତ ଅଞ୍ଚଳର ଜିଲ୍ଲା ପ୍ରଶାସନ, ବିଡିଓ, ତହସିଲଦାରମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ଆଲୋଚନା କରିବେ । ବନ୍ୟାର ପ୍ରକୋପ ହ୍ରାସ, ବିଭିନ୍ନ ସ୍ଥାନରେ ସୃଷ୍ଟ ଘାଇର ମରାମତି, (୯ ପୃଷ୍ଠାରେ)

# ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର, ୬।୮ (ସବ୍ୟୁ): ଗୁରୁବାର ଦିନ ସନ୍ଧ୍ୟାରେ ର ଧାମରା ହ୍ୱିଲର ଦ୍ୱୀପ ସ୍ଥିତ ଅବଦୁଲକାଲାମ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କେନ୍ଦ୍ରର ଏଲ୍‌ସି-୪ ଉତ୍‌କ୍ଷେପଣ କେନ୍ଦ୍ରରୁ ମଧ୍ୟମ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି -୩ ର ପରୀକ୍ଷଣ ହୋଇଯାଇଛି । ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ ହେଉଥିବା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି । ଏହା ୪ହଜାର କି.ମି. ଦୂରରେ ଥିବା ଯେକୌଣସି ଲକ୍ଷ୍ୟସ୍ଥଳକୁ ଭେଦ କରିବାର କ୍ଷମତା ରହିଛି । ଯୁଦ୍ଧ ସମୟରେ ଏହି (୯ ପୃଷ୍ଠାରେ)

# ମୌସୁମୀ ଅଧିବେଶନକୁ ୧୪ ଦିନ

ନୂଆଦିଲ୍ଲୀ, ୬।୮ : ୧୪ ଦିନ ହେଲାଣିସଂସଦରମୌସୁମୀଅଧିବେଶନ ଅଚଳ ହୋଇପଡ଼ିଛି। ବିରୋଧୀ ଦଳଗୁଡ଼ିକ ୨୦ ତାରିଖରେ ଛାତ୍ରଙ୍କ ଆନ୍ଦୋଳନ ସମୟରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନ ଓ ରାମମନ୍ଦିର ଦାନ ଅର୍ଥରେ ଅନିୟମିତତା ପ୍ରସଙ୍ଗରେ ସରକାରଙ୍କ ବିବୃତ୍ତି ଦାବି କରୁଛନ୍ତି। ଏ ନେଇ ସେମାନେ ସଂସଦର ଉଭୟ ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି। ଫଳରେ ମୌସୁମୀ ଅଧିବେଶନ ୨୦ ତାରିଖରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଚାଲିପାରିନାହିଁ। ତେବେ ବିନା ଆଲୋଚନାରେ ଗୋଟିଏ ପରେ ଗୋଟିଏ ବିଲ୍ ପାରିତ କରାଯାଉଛି।

**ଚାଲିପାରୁନି ସଂସଦ**

**ବିନା ଆଲୋଚନାରେ ପାରିତ ହେଉଛି ବିଲ୍**

ଲୋକସଭାରେ ଆଜି ଟ୍ୟାକ୍ସେସନ୍ ଓ ଅନ୍ୟ ଆଇନ୍ ସଂଶୋଧନ ବିଲ୍‌କୁ ବିନା ବିତର୍କରେ ପାରିତ କରାଯାଇଛି। ରାଜ୍ୟସଭାରେ ମଧ୍ୟ ଆପ୍ରୋପିଏସନ୍ ବିଲ୍‌କୁ ପାରିତ କରାଯାଇଛି। ମହିଳା ସଂରକ୍ଷଣ ବିଲ୍ ଓ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଏହି ମୌସୁମୀ ଅଧିବେଶନରେ ଆଗତ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ଏହି ବିଲ୍ ନେଇ ବିରୋଧୀ ଦଳଗୁଡ଼ିକର ସହମତି ପାଇଁ ସରକାର ଚେଷ୍ଟା କରୁଛନ୍ତି। ମହିଳା ସଂରକ୍ଷଣ ବିଲ୍‌ରେ ଆଗାମୀ ୨୦୨୯ ଲୋକସଭା ଓ ବିଧାନସଭା ନିର୍ବାଚନରେ ୩୩% ସଂରକ୍ଷଣ ରହିବ ଓ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌ରେ (୯ ପୃଷ୍ଠାରେ)

## ପରବର୍ତ୍ତୀ ଡିଜିପି ନେଇ କଳ୍ପନା ଜଳ୍ପନା

# ୟୁପିଏସ୍‌ସି ବୈଠକ ଉପରେ ନଜର

ଭୁବନେଶ୍ୱର, ୬।୮ (ସବ୍ୟୁ) : ରାଜ୍ୟରେ ପରବର୍ତ୍ତୀ ପୋଲିସ ଡିଜି କିଏ ହେବ ତାହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ଆସନ୍ତାକାଲି ଡିଜିପି ଚୟନ ନେଇ ଦିଲ୍ଲୀରେ ୟୁପିଏସ୍‌ସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ବୈଠକ ବସୁଛି। ୟୁପିଏସ୍‌ସି ୩ ଜଣଙ୍କ ନାମ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ। ଏଥିରୁ ଜଣଙ୍କୁ ରାଜ୍ୟ ସରକାର ଡିଜିପି ଭାବେ ନିଯୁକ୍ତି ଦେବେ। ତେବେ ଡିଜିପି ଦୌଡରେ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚ୍‌ର ସୁଶାନ୍ତ ନାଥ, ଆର୍‌ପି କୋଚେଙ୍କ ମଧ୍ୟରୁ କାହାକୁ ପୋଲିସ ଡିଜି କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

ଅଗଷ୍ଟ ୧୫ ପରଦିନ ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି। ୧୦ ତାରିଖ ସୁଦ୍ଧା ନୂଆ ନାଁ ଘୋଷଣା ହେବ। ୟୁପିଏସ୍‌ସି ଚୟନ କମିଟି ବୈଠକ ଉପରେ ସମସ୍ତଙ୍କ ନଜର ରହିଛି। ଏହି ବୈଠକରେ କେନ୍ଦ୍ର ଗୃହ ବିଭାଗ ସଚିବ, କେନ୍ଦ୍ର ସରକାରଙ୍କ (୯ ପୃଷ୍ଠାରେ)

7001/86/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ ୨୦୨୬-୨୦୨୭**

**ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.୦୧-୧୧-୨୦୨୬ ରିଖ ରୁ ତା.୩୧-୦୩-୨୦୨୭ ରିଖ ମଧ୍ୟରେ ପରିଚାଳିତ ହେବ। ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପଞ୍ଜିକରଣ ପ୍ରକ୍ରିୟା :**

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ତା.୦୭.୦୮.୨୦୨୬ ରିଖରୁ ଆରମ୍ଭ ହୋଇଛି। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ୍ www.foododisha.in ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

**ଆବଶ୍ୟକ କାଗଜପତ୍ର :**

- ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର/ ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ଆଧାର ସଂଯୁକ୍ତ ମୋବାଇଲ ନମ୍ବର (ଯଦି ଥାଏ) / ବିକଳ୍ପ ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ / ଖତିୟାନ / ସ୍ୱତ୍ୱଲିପି (ଆର.ଓ.ଆର)
୪. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠାର ନକଲ
୫. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୬. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)
୭. **କୃଷକ ରେଜିଷ୍ଟ୍ରି ସଂଖ୍ୟା ବା ଆଗ୍ରୀଷ୍ଟାକ(AGRISTACK) ନମ୍ବର (କୃଷି ଓ କୃଷକ ସଶକ୍ତିକରଣ ବିଭାଗ)**

**ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ e-KYC ଜରୁରୀ ଅଟେ।**

**ପଞ୍ଜିକରଣ ଅବଧି :**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

**ଭାଗ ଚାଷୀ :**

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।
- **ଭାଗ ଚାଷୀ ଓ ଜମି ମାଲିକଙ୍କର ଆଧାର e-KYC ମାଧ୍ୟମରେ ପଞ୍ଜିକରଣ କରାଯିବ।**
- ଏଥିପାଇଁ ଜମି ମାଲିକଙ୍କ ଉପସ୍ଥିତି ଜରୁରୀ ଅଟେ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ :**

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇ ଲାଭାନ୍ୱିତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

**ସମିତିର ଦାୟିତ୍ୱ :**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.୦୭.୦୮.୨୦୨୬ ରିଖ ରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ୍ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

**ହେଲ୍ପ ଡେସ୍କ :**

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବେ। ଏଥିପାଇଁ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

**ହେଲ୍ପଲାଇନ୍ :**

- ସହାୟତା ନିମନ୍ତେ ଦେୟମୁକ୍ତ ନମ୍ବର **୧୯୬୭**ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର **୧୯୬୭** ରେ ଯୋଗାଯୋଗ କରନ୍ତୁ।

OIPR: 7001/7002/2/26-27/0008

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ । ସମବାୟ ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଓଡ଼ିଶା ସରକାର | Foododisha | Food Odisha | Foododishagov | www.Foododisha.gov.in

## ମୁଗଡାଲି ବର୍ଫି




ସାମଗ୍ରୀ- ମୁଗଡାଲି-୫୦୦ଗ୍ରାମ୍, ଚିନି-୨୫୦ଗ୍ରାମ୍, କ୍ଷୀର-ଏକଲିଟର, ଘିଅ ତିନିଚାମଚ, ଗୁଜୁରାତିଗୁଣ୍ଡ ଏକଚାମଚ, କାଜୁ-୧୦ଟା, ସ୍ୱାଦ ଅନୁସାରେ ଲୁଣ ।


ପ୍ରଣାଳୀ- ମୁଗଡ଼ାଲିକୁ ଭାଜି ଚୁନାକରିଦିଅନ୍ତୁ । କାଜୁକୁ ଛୋଟ ଛୋଟ କାଟି ଘିଅରେ ଭାଜିଦିଅନ୍ତୁ । କ୍ଷୀରକୁ ଗରମକରି ସେଥିରେ ଚିନି ପକାନ୍ତୁ । କ୍ଷୀର ସିଝି ସିଝି ବହଳିଆ ହୋଇଗଲେ ସେଥିରେ ମୁଗଡ଼ାଲିଚୁନା ଓ ଘିଅ ଏକଚାମଚ ପକାଇ ଗୋଳାନ୍ତୁ । ଏହା ସିଝିଗଲେ ଗୁଜୁରାତି ଗୁଣ୍ଡ ପକାଇ ତଳକୁ ଓହ୍ଲାଇ ଆଣନ୍ତୁ । ଗୋଟେ ପ୍ଲେଟରେ ଘିଅମାରି ଏହି ମିଶ୍ରଣକୁ ସେଥିରେ ଢାଳନ୍ତୁ । ଏହାଉପରେ କଟାକାଜୁ ପକାଇଦିଅନ୍ତୁ । ଥଣ୍ଡା ହୋଇଗଲେ ଏହାକୁ ଖଣ୍ଡଖଣ୍ଡକରି କାଟି ପରଷନ୍ତୁ ।

## ଜାତୀୟ ହସ୍ତତନ୍ତ ଦିବସ

ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପରମ୍ପରା ଏବଂ କାରିଗରମାନଙ୍କ ନିପୁଣତାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ ସାରା ଦେଶରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନ କରାଯାଏ । ଏହି ବିଶେଷ ଦିନର ଇତିହାସ ୧୯୦୫ ମସିହା ଅଗଷ୍ଟ ୭ ତାରିଖର ଐତିହାସିକ 'ସ୍ୱଦେଶୀ ଆନ୍ଦୋଳନ' ସହ ଜଡ଼ିତ । ଯେଉଁଦିନ କୋଲକାତାର ଟାଉନ୍ ହଲ୍‌ରେ ବିଦେଶୀ ବସ୍ତ୍ର ବର୍ଜନ କରି ଦେଶୀୟ ବୁଣାକାର ଓ ହସ୍ତତନ୍ତ ସାମଗ୍ରୀକୁ ଆପଣେଇବା ପାଇଁ ଶପଥ ନିଆଯାଇଥିଲା । ଏହି ସ୍ମରଣୀୟ ଘଟଣାକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ୨୦୧୫ ମସିହାରେ ଭାରତ ସରକାର ଅଗଷ୍ଟ ୭ କୁ ଆନୁଷ୍ଠାନିକ ଭାବେ ଜାତୀୟ ହସ୍ତତନ୍ତ ଦିବସ ଭାବେ ଘୋଷଣା କରିଥିଲେ । ସାମ୍ପ୍ରତିକ ସମୟରେ ଏହି ଦିବସର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ହସ୍ତତନ୍ତ କ୍ଷେତ୍ର କେବଳ ଭାରତର ପ୍ରାଚୀନ କଳାକୁ ଜୀବିତ ରଖିନାହିଁ । କୃଷି ପରେ ଦେଶର ଦ୍ୱିତୀୟ ବୃହତ୍ତମ ଜୀବିକା ସୃଷ୍ଟିକାରୀ କ୍ଷେତ୍ର ଭାବେ ଲକ୍ଷ ଲକ୍ଷ ବୁଣାକାର, ବିଶେଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁରୀ, ବନ୍ଧକଳା, ପାଟ ମାଣିଆବନ୍ଧ ଓ ବୋମକାଇ ଶାଢ଼ୀ ଭଳି ହସ୍ତତନ୍ତ କୃତି ଆଜି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ସ୍ଥାୟୀ ଫ୍ୟାଶନ୍‌କୁ ପ୍ରୋତ୍ସାହିତ କରିବା ଏବଂ 'ଭୋକାଲ୍ ଫର୍ ଲୋକାଲ୍' ଓ ଆତ୍ମନିର୍ଭର ଭାରତ ଗଠନର ସ୍ୱପ୍ନକୁ ସାକାର କରିବାରେ ଏହି ଦିବସ ଏକ ସାମାଜିକ ଓ ଅର୍ଥନୈତିକ ସଂକଳ୍ପର ବାର୍ତ୍ତା ବହନ କରେ ।



## ଗରମରୁ ସୁରକ୍ଷା ଦେଉଛି କୁକୁର ମାଂସ ସୁପ୍



ଉତ୍ତର କୋରିଆରେ ସାମ୍ପ୍ରତିକ ସମୟରେ ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ କେତେକ ଅଞ୍ଚଳରେ ତାପମାତ୍ରା ୩୫ ରୁ ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଯାଇଛି । ଏହି ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ସେଠାକାର ସରକାର ଓ ଡାକ୍ତରମାନେ ସାଧାରଣ ଲୋକଙ୍କୁ କୁକୁର ମାଂସ ସୁପ୍ ପିଇବାକୁ ପରାମର୍ଶ ଦେଉଛନ୍ତି । ଡାକ୍ତରଙ୍କ ମତାମତ ଅନୁଯାୟୀ, ଅତ୍ୟଧିକ ଗରମ ଯୋଗୁଁ ହୃଦ୍‌ରୋଗ, ମଧୁମେହ ଓ ଥାଇରଏଡ୍ ରୋଗୀଙ୍କ ଅସୁବିଧା ବୃଦ୍ଧି ପାଇପାରେ । ଏଣୁ ଏହି ସୁପ୍ ଶରୀରକୁ ବଳ ଦେବା ସହ କ୍ଲାନ୍ତି ଦୂର କରିବାରେ ସାହାଯ୍ୟ କରିଥାଏ । ଏହା ସହିତ ତରଭୁଜ, କାକୁଡ଼ି ଓ ମୁଗ ଭଳି ଥଣ୍ଡା ପଦାର୍ଥ ଖାଇବାକୁ ମଧ୍ୟ ପରାମର୍ଶ ଦିଆଯାଉଛି । ୧୯୯୦ ଦଶକର ଦୁର୍ଭିକ୍ଷ ପୂର୍ବରୁ ଏହି ସୁପ୍ ସାଧାରଣ ଲୋକଙ୍କ ପାଇଁ ଖୁବ ସହଜ ଥିଲା । ପୂର୍ବରୁ କୁକୁର ମାଂସର ଦାମ୍ ୧୫୦-୩୦୦ ଉତ୍ତର କୋରିଆନ୍ ୱନ୍ ଥିବାବେଳେ ଏବେ ତାହା ବୃଦ୍ଧି ପାଇ ପ୍ରାୟ ୩୦ ହଜାର ୱନ୍ (ପ୍ରାୟ ୩,୨୦୦ ଟଙ୍କା) ହୋଇଯାଇଛି । ଯାହା ଫଳରେ ଏହା ଏବେ କେବଳ ଧନୀ ଲୋକଙ୍କ ପହଞ୍ଚ ମଧ୍ୟରେ ସୀମିତ ରହିଯାଇଛି । ଉତ୍ତର କୋରିଆରେ କୁକୁର ସୁପ୍ ପିଇବାର ପରମ୍ପରା ବହୁ ଦଶନ୍ଧି ପୁରୁଣା ହୋଇଥିବାବେଳେ ୧୯୮୦ ମସିହାରେ ତତ୍କାଳୀନ ନେତା କିମ୍ ଇଲ୍ ସଙ୍ଗ୍ ଏହାର ନାମ ବଦଳାଇ 'ଡାଙ୍ଗୋଗୀ' (ମିଠା ମାଂସର ସୁପ୍) ରଖିଥିଲେ, ଯେପରି ବିଦେଶୀ ପର୍ଯ୍ୟଟକମାନେ ଏହା ଶୁଣି ଅସହଜ ଅନୁଭବ ନକରନ୍ତି ।

## ଇତିହାସ

୧୭୫୩- ବିଧାନସଭା ଆକ୍ଟ ଅନ୍ତର୍ଗତ ବ୍ରିଟେନ୍ ମ୍ୟୁଜିୟମ୍ ସ୍ଥାପିତ ।

୧୯୦୫- ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ୍ ଦ୍ୱାରା ବ୍ରିଟିଶ୍ ସାମଗ୍ରୀ ବହିଷ୍କୃତ ।



୧୯୨୫- ପ୍ରସିଦ୍ଧ ଭାରତୀୟ କୃଷି ବୈଜ୍ଞାନିକ ଏମ୍‌ଏମ୍ ସ୍ୱାମୀନାଥନଙ୍କ ଜନ୍ମ ।

୧୯୪୧- ଭାରତୀୟ ଲେଖକ, ନୋବେଲ ପୁରସ୍କାରପ୍ରାପ୍ତ ରବୀନ୍ଦ୍ରନାଥ ଟାଗୋରଙ୍କ ପରଲୋକ ।

୧୯୪୪- ପ୍ରଥମ ଇଲେକ୍ଟ୍ରିକ୍ କାଲ୍‌କୁଲେଟରର ନିର୍ମାଣ ହେଲା, ଯାହା ୫୧ ଫୁଟ ଲମ୍ବ, ୮ ଫୁଟ ଉଚ୍ଚତା ଏବଂ ୫ଟନ୍ ଓଜନବିଶିଷ୍ଟ ଥିଲା ।

୧୯୪୭- ମୁମ୍ବାଇ ନଗର ନିଗମକୁ ବିଦ୍ୟୁତ ଏବଂ ପରିବହନ ବ୍ୟବସ୍ଥା ଔପଚାରିକ ରୂପେ ହସ୍ତାନ୍ତର କରାଗଲା ।

୧୯୮୫- ବିଶ୍ୱ ଆମେଚର ବିଲିୟାର୍ଡ୍ସ ଚାମ୍ପିଅନ୍‌ସିପ୍‌ରେ ବିଜୟୀ ହୋଇଥିବା ଗୀତ ସେଠୀ ତୃତୀୟ ଭାରତୀୟ ହେଲେ ।

୧୯୯୪- ଇସ୍ରାଏଲ୍ ଏବଂ ଜୋର୍ଡନ୍ ମଧ୍ୟରେ ପ୍ରଥମ ଟେଲିଫୋନ୍ ସେବା ଶୁଭାରମ୍ଭ ।

## ଅଣ୍ଡିରା ଛେଳି ଦେଉଛି କ୍ଷୀର



ଛେଳି କ୍ଷୀର ଦେବା ଏକ ସାଧାରଣ କଥା, କିନ୍ତୁ ଉତ୍ତରାଖଣ୍ଡର ଡେହରାଡୁନ୍ ସ୍ଥିତ ଏକ ଗାଁରେ ୨ ବର୍ଷର ଗୋଟିଏ ଅଣ୍ଡିରା ଛେଳି ପ୍ରତିଦିନ କ୍ଷୀର ଦେଉଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । 'ବୋରା' ନାମକ ଏହି ଅଣ୍ଡିରା ଛେଳିର ମାଲିକ ସୁଖପାଲ ଯେତେବେଳେ ପ୍ରଥମଥର ପାଇଁ ଛେଳି ଠାରୁ କ୍ଷୀର ବାହାର କରିଥିଲେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏବେ ଦୂରଦୂରାନ୍ତରୁ ଅନେକ ଲୋକ ଏହି ଅନନ୍ୟ ଛେଳିକୁ ଦେଖିବା ପାଇଁ ଭିଡ଼ ଜମାଉଛନ୍ତି । ଡାକ୍ତରମାନଙ୍କ ମତାମତ ଅନୁଯାୟୀ, ଏହି ଅଣ୍ଡିରା ଛେଳିର ଶରୀରରେ 'ଏଷ୍ଟ୍ରୋଜେନ୍' ଏବଂ 'ପ୍ରୋଲେକ୍ଟିନ୍' ହରମୋନ୍ ସାଧାରଣ ଅପେକ୍ଷା ଯଥେଷ୍ଟ ଅଧିକ ପରିମାଣରେ ରହିଛି । ଯାହା ଫଳରେ ସେ ମାଈ ଛେଳିଙ୍କ ଭଳି କ୍ଷୀର ଦେବାର ସମ୍ଭାବନା ସୃଷ୍ଟି ହୋଇଛି । ଚିକିତ୍ସା ବିଜ୍ଞାନରେ ଏହାକୁ ଏକ ଅତ୍ୟନ୍ତ ଦୁର୍ଲଭ ପରିସ୍ଥିତି ବୋଲି କୁହାଯାଏ, ଯାହାକୁ 'ଗାଇନେକୋମାଷ୍ଟିଆ' କୁହାଯାଏ ଏବଂ ହଜାର ହଜାର ଅଣ୍ଡିରା ଛେଳିଙ୍କ ମଧ୍ୟରୁ କୌଣସି ଜଣଙ୍କଠାରେ ଏପରି ମାମଲା ଦେଖିବାକୁ ମିଳିଥାଏ । ବିଶେଷଜ୍ଞମାନେ ଏହାକୁ ଏକ ଦୁର୍ଲଭ ହରମୋନ୍‌ଗତ ପରିବର୍ତ୍ତନ ବୋଲି ମାନୁଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟ ବା ଅଜବ ଘଟଣାରୁ କମ୍ ନୁହେଁ ।

## ସହଜ ନଥିଲା ସଫଳତାର ଯାତ୍ରା



ବଲିଉଡର ଅନ୍ୟତମ ସଫଳ ଏବଂ ଚର୍ଚ୍ଚିତ ଅଭିନେତ୍ରୀ ଭାବେ ଗଣାଯାଉଥିବା କିଆରା ଆଡଭାନୀଙ୍କ ପାଇଁ ସଫଳତାର ଶୀର୍ଷରେ ପହଞ୍ଚିବା ଆଦୌ ସହଜ ନଥିଲା । ୩୧ ଜୁଲାଇ ୧୯୯୨ରେ ମୁମ୍ବାଇରେ ଜନ୍ମିତ କିଆରା ଜଣେ ବ୍ୟବସାୟୀ ପିତା ଓ ଶିକ୍ଷୟିତ୍ରୀ ମାଆଙ୍କ ଝିଅ ଭାବେ ବଡ଼ ହୋଇଥିଲେ ଏବଂ ଅଭିନୟକୁ ଆସିବା ପୂର୍ବରୁ ଏକ ପ୍ରି-ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ସଲମାନ ଖାନଙ୍କ ପରିବାର ସହ ପାରିବାରିକ ସମ୍ପର୍କ ଥିଲେ ମଧ୍ୟ ସେ ଏହାର କୌଣସି ସୁଫଳ ପାଇନଥିଲେ । କେବଳ ପରିଚୟ ବଳରେ ନୁହେଁ, ବରଂ ନିଜ ସଂଘର୍ଷ ଓ ଯୋଗ୍ୟତା ଯୋଗୁଁ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ସ୍ଥାନ ପାଇଛନ୍ତି ବୋଲି ସେ ଅନେକ ସମୟରେ ମତ ଦେଇଛନ୍ତି । ୨୦୧୪ରେ 'ଫଗଲି' ଫିଲ୍ମରୁ ଡେବ୍ୟୁ କରିଥିବା କିଆରାଙ୍କ ପ୍ରଥମ ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହେବା ପରେ ମାସ ମାସ ଧରି ତାଙ୍କୁ କୌଣସି କାମ ମିଳିନଥିଲା । ୨୦୧୬ରେ 'ଏମ୍.ଏସ୍. ଧୋନି : ଦି ଅନଟୋଲ୍ଡ ଷ୍ଟୋରୀ' ପରି ସୁପରହିଟ୍ ଫିଲ୍ମରେ ସାକ୍ଷୀ ଧୋନିଙ୍କ ଭୂମିକା ନିଭାଇବା ପରେ ମଧ୍ୟ ତାଙ୍କୁ କ୍ରମାଗତ ଅଡିସନ ଓ ରିଜେକ୍ସନର ସାମ୍ନା କରିବାକୁ ପଡ଼ିଥିଲା । ଏପରିକି ଆରମ୍ଭ ଦିନରେ ବଡ଼ ଫ୍ୟାଶନ ଡିଜାଇନରମାନେ ମଧ୍ୟ ତାଙ୍କୁ ରେଡ୍ କାର୍ପେଟ୍ ପାଇଁ ପୋଷାକ ଦେବାକୁ ମନା କରିଦେଇଥିଲେ । ତେବେ ସୋସିଆଲ ମିଡିଆ ଟ୍ରୋଲିଂ, ଅଭିନୟକୁ ନେଇ ସମାଲୋଚନା ଓ ପ୍ରତ୍ୟାଖ୍ୟାନରେ ଭାଙ୍ଗି ନପଡ଼ି ସେ ଆକ୍ଟିଂ ୱାର୍କସପ୍ ମାଧ୍ୟମରେ ନିଜ ଦକ୍ଷତାକୁ ସୁଧାରିଥିଲେ । ଯାହାର ଫଳସ୍ୱରୂପ 'କବୀର ସିଂ' ଏବଂ ପରବର୍ତ୍ତୀ ବ୍ଲକବଷ୍ଟର ଫିଲ୍ମଗୁଡ଼ିକ ମାଧ୍ୟମରେ ସେ ଆଜି କୋଟି କୋଟି ପ୍ରଶଂସକଙ୍କ ହୃଦୟ ଜିତିବା ସହ ବଲିଉଡ୍ ଓ ଫ୍ୟାଶନ ଜଗତର ପ୍ରଥମ ପସନ୍ଦ ପାଲଟିପାରିଛନ୍ତି ।

## ଅପରାଧୀ ବିଲେଇର ଏନକାଉଣ୍ଟର



ନ୍ୟୁଜିଲ୍ୟାଣ୍ଡରେ ଗତ ୩ ବର୍ଷ ଧରି ବନ ବିଭାଗ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ଫରାର୍ ଥିବା ଏକ ଜଙ୍ଗଲୀ ବିଲେଇର ଶେଷରେ ଏନକାଉଣ୍ଟର କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି ବିଲେଇ ପାଖରେ ନଅଟି ଜୀବନ ଥିଲା, କାରଣ ସେ ବାରମ୍ବାର ଖସିଯିବାରେ ସଫଳ ହେଉଥିଲା । ପ୍ରକୃତରେ, ଏକ ବନ୍ୟଜନ୍ତୁ ସଂରକ୍ଷଣ ସଂସ୍ଥା ପୁରେରୁଆ ଅଞ୍ଚଳରେ ୨୦ଟି ଦୁର୍ଲଭ 'ପାଟେକେ' ଜାତିର ବତକଙ୍କୁ ଛାଡ଼ିଥିଲା । କିନ୍ତୁ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସେଥିରୁ ପ୍ରଥମ ବତକଟି ମୃତ ଅବସ୍ଥାରେ ମିଳିଥିଲା ଏବଂ କ୍ୟାମେରାରେ ଏକ ନିର୍ଦ୍ଦିଷ୍ଟ ଦାଗ ଥିବା ବିଲେଇର ଚିତ୍ର କଏଦ ହୋଇଥିଲା । ଏହି ବିଲେଇକୁ ଧରିବା ପାଇଁ ଅନେକ ଜାଲ, ନାଇଟ୍ କ୍ୟାମେରା ଓ ଆଧୁନିକ ଉପକରଣ ଲଗାଯାଇଥିଲେ ବି ସେ ପ୍ରତିଥର ଚକମା ଦେଇ ଖସି ପଳାଉଥିଲା । କିଛି ସମୟ ମଧ୍ୟରେ ସେହି ୨୦ଟି ବତକ ମଧ୍ୟରୁ ୧୫ଟିକୁ ମାରିଦେବା ପରେ ଅଧିକାରୀମାନେ ତାକୁ ଜାଲରେ ଛନ୍ଦି ଶେଷରେ ଗୁଳି କରି ମାରିଦେଇଛନ୍ତି । ପ୍ରୋଜେକ୍ଟ ମ୍ୟାନେଜର ଏଣ୍ଡି ମେଣ୍ଟରଙ୍କ କହିବା ଅନୁଯାୟୀ, ଏହି ବିଲେଇକୁ ଧରିବା ଆଦୌ ସହଜ ନଥିଲା । ନ୍ୟୁଜିଲ୍ୟାଣ୍ଡରେ ଜଙ୍ଗଲୀ ଓ ପୋଷା ବିଲେଇମାନଙ୍କ ଦ୍ୱାରା ବନ୍ୟଜନ୍ତୁଙ୍କ ପ୍ରତି ସୃଷ୍ଟି ହେଉଥିବା ବିପଦକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ଚାଲିଥିବା ବେଳେ, ଏହି ବିଲେଇକୁ ଗୁଳି କରି ମାରିବା ଘଟଣାକୁ ସୋସିଆଲ ମିଡିଆରେ କିଛି ଲୋକ କଡ଼ା ବିରୋଧ ମଧ୍ୟ କରିଛନ୍ତି ।

## ସୋସିଆଲ କୋଟ୍ସ



ମୋ ଝିଅ ଜନ୍ମ ସମୟରେ କପିଲ ମୋ ଘରକୁ ଆସିଥିଲା । ସେ ସେଠାରେ ମୋ ଝିଅକୁ ଦେଖିଲା ଓ ମୋତେ ପୁଣି ଶୋକୁ ଫେରିବାକୁ କହିଥିଲା । ଯାହା ମୁଁ ଭାଙ୍ଗି ପାରି ନଥିଲି ଏବଂ ଜାଇଥିଲି ।

**ଚନ୍ଦନ ପ୍ରଭାକର, କମେଡିଆନ**



ଉଦୟ ନାଥଙ୍କ ବ୍ୟବହାର ଅସହ୍ୟ ଥିଲା । କୌଣସି ନାରୀଙ୍କ ଉପରେ ଖରାପ ଜୋକକୁ ସହ୍ୟ କରାଯିବ ନାହିଁ । ତାଙ୍କୁ ଉଚିତ ଦଣ୍ଡ ମିଳିଛି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ମୁଁ ମୋ ଭଲପାଇବା ପାଇ ଖୁବ ଖୁସି ଅଛି । ଆଗକୁ ଅନେକ ସ୍ୱପ୍ନ ଅଛି ପୂରଣ କରିବାକୁ । ମୋ ଭଲପାଇବା ମୋତେ ହଠାତ ମିଳିଥିଲା ।

**ଜିୟା ଶଙ୍କର, ଅଭିନେତ୍ରୀ**



**ମେଷ:** ମୂଲ୍ୟବାନ ପଦାର୍ଥ ନଷ୍ଟ, ଅଯଥା ଖର୍ଚ୍ଚ, କର୍ମରେ ବିଫଳତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା, ସନ୍ତାନଲାଭ, କର୍ମକ୍ଷେତ୍ରେ ଶାନ୍ତି, ବିଦେଶଯାତ୍ରା ଯୋଗ, ଶରୀର ସୁସ୍ଥ, ସମ୍ପତ୍ତିବିବାଦ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**ବୃଷ:** ସମ୍ମାନଲାଭ, ଶୁଭଖବର, ଅନୁଷ୍ଠାନରୁ ସାହାଯ୍ୟ, ଭୂସମ୍ପତ୍ତିଲାଭ, ନୂତନ ନିଯୁକ୍ତି, କର୍ମକ୍ଷେତ୍ରେ ସଫଳ, ପଦବୀଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ମିଥୁନ:** କର୍ମକ୍ଷେତ୍ରେ ଅପମାନ, ସ୍ୱଳ୍ପଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶରୀର ଅସୁସ୍ଥ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା, ଦୂରଯାତ୍ରାରେ ସତର୍କ, ଦାମ୍ପତ୍ୟକଳହ, ସନ୍ତାନସମସ୍ୟା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ମା' ଭଗବତୀ ।

**କର୍କଟ:** ନୂତନ ଆୟ, ଶୁଭଖବର, ଶରୀର ସୁସ୍ଥ, ବ୍ୟକ୍ତିସହାୟତା, ବ୍ୟବସାୟରେ ସଫଳ, ଦୂରଯାତ୍ରା, ପାରିବାରିକ ସାହାଯ୍ୟ, ଶତ୍ରୁ ପରାଜିତ, ଖୁସିଖବର, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ବୃନ୍ଦାବତୀ ।

**ସିଂହ:** ମନରେ ପ୍ରସନ୍ନତା, କାର୍ଯ୍ୟକ୍ଷେତ୍ରେ ସଫଳ, ବ୍ୟବସାୟରେ ଲାଭ, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଶୁଭଖବର, ଦୂରଯାତ୍ରାରେ ଲାଭ, ବନ୍ଧୁସାହାଯ୍ୟ, ସମ୍ପତ୍ତିଲାଭ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଜଗନ୍ନାଥ ମହାପ୍ରଭୁ ।

**କନ୍ୟା:** ମାନସିକ ଦୁଶ୍ଚିନ୍ତା, ସମ୍ମାନହାନି, ଅଯଥାଖର୍ଚ୍ଚ, କିଛିକାର୍ଯ୍ୟରେ ବ୍ୟୟ ଅଧିକ, ସହକର୍ମୀଙ୍କ ଉପହାସର ପାତ୍ର ହେବେ, ଗୁରୁଜନଙ୍କ ସହ ବିବାଦ, ଦାମ୍ପତ୍ୟକଳହ, ବିଦ୍ୟାରେ ଅସଫଳ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ତ୍ରିପୁରାସୁନ୍ଦରୀ ।

**ତୁଳା:** ବାଦବିବାଦ, ଅର୍ଥକାରବାରରେ ସତର୍କ, ପରିବାରରେ ମନୋମାଳିନ୍ୟ, ଆୟଠାରୁ ବ୍ୟୟ ଅଧିକ, ମାନସିକ ଅସ୍ଥିରତା, ଶୁଭକାର୍ଯ୍ୟ ବିଳମ୍ବ, ଶାରୀରିକ କ୍ଷତି, ସନ୍ତାନଖୁସି, ଦ୍ରବ୍ୟଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର , ସଂଖ୍ୟା-୪, ଆରାଧନା-ପ୍ରଭୁ ଶ୍ରୀରାମ ।

**ବିଛା:** ଅସମ୍ଭବ କାର୍ଯ୍ୟ ସମ୍ଭବ, ମନରେ ପ୍ରସନ୍ନତା, ବନ୍ଧୁଲାଭ, ସମସ୍ୟା ସମାଧାନ, ଦାମ୍ପତ୍ୟଖୁସି, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ମାତ୍ର କିଛି କାର୍ଯ୍ୟରେ ବିଳମ୍ବ, ସମ୍ମାନ ମିଳିବ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ପ୍ରଭୁ ନୃସିଂହ ।

**ଧନୁ:** ବ୍ୟବସାୟରେ ଲାଭ, କର୍ମକ୍ଷେତ୍ରେ ସମ୍ମାନ, ମାନସିକ ଶାନ୍ତି, ସମସ୍ୟାରୁ ମୁକ୍ତି, ଆର୍ଥିକସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଦୁଶ୍ଚିନ୍ତା, ଶୁଭକାର୍ଯ୍ୟରେ ବିଳମ୍ବ, ହଠାତ୍ ଦୂରଯାତ୍ରା, ହେବାକାର୍ଯ୍ୟ ବିଳମ୍ବ, ପୈତୃକ ସମ୍ପତ୍ତି ବିବାଦ, ଶରୀର ଅସୁସ୍ଥ, ଶତ୍ରୁସମସ୍ୟା, ବନ୍ଧୁସାହାଯ୍ୟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ଆକସ୍ମିକ ଧନଲାଭ, ବିଦେଶଯାତ୍ରା, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଶୁଭଖବର, ଦ୍ରବ୍ୟକ୍ରୟ, ପାରିବାରିକ ସୁଖ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟଖୁସି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମୀନ:** ସମ୍ପତ୍ତିଲାଭ, ମାନସିକ ଅସ୍ଥିରତା, ଦୂରଯାତ୍ରା, ଶୁଭଖବର, ଅର୍ଥଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ ନୂତନ ନିଯୁକ୍ତି, ପିଲାଙ୍କଖୁସି, ଲୋକସମ୍ପର୍କ ବୃଦ୍ଧି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ ।

**ଶ୍ରାବଣ କୃଷ୍ଣପକ୍ଷ ନବମୀ**
**୭.୮.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ସୌଜନ୍ୟମୂଳକ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡର ରାଜ୍ୟପାଳ ରମେନ୍ ଡେକା

## ମଦ ଜବତ:ଜଣେ ଗିରଫ

ଆଗରପଡ଼ା, (ସବ୍ୟୁ): ବେଆଇନ ମଦ କାରବାର ବିରୋଧରେ ବନ୍ତ ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ପୋଲିସ ରଘୁନାଥପୁର ଛକ ନିକଟରୁ ୩୫ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସର ଏକ ଟିମ୍ ନିୟମିତ ଯାଂଚ ସମୟରେ ଏକ ହିରୋ ଗ୍ଲାମର୍ ମୋଟରସାଇକେଲ୍ ନମ୍ବର (ଓଡି-୨୨ଇ-୧୩୭୨) କୁ ରଘୁନାଥପୁର ଛକ ନିକଟରେ ଅଟକାଇଥିଲା । ଯାଂଚ ବେଳେ ବାଇକ୍‌ରେ ସ୍ୱଚ୍ଛ ପଲିଥିନ୍ ବ୍ୟାଗରେ ରଖା ଯାଇଥିବା ୩୫ ଲିଟର ଚୋରା ମଦ ପୋଲିସ ଉଦ୍ଧାର କରିଥିଲା । ଏହି ଘଟଣାରେ ବାଇକ୍ ଚାଳକଙ୍କୁ ପୋଲିସ କାବୁ କରିଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ବନ୍ତ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସ୍ୱର୍ଗତ ଡମ୍ବରୁଧର ସାହୁଙ୍କ ପୁଅ ମାନସ ସାହୁ (୫୧) ବୋଲି ଜଣାପଡ଼ିଛି । ଏହି ଘଟଣାରେ ପୋଲିସ ମଦ ସହ ସମ୍ପୃକ୍ତ ମୋଟରସାଇକେଲ୍‌କୁ ଜବତ କରିଛି ।

### ଏସ୍‌ଆଇଆର୍ ୨୦୨୬

# ଏବେ ସୁଦ୍ଧା ୧୨ ହଜାର ଭୋଟରଙ୍କୁ ଅଯୋଗ୍ୟ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଚଳିତ ମାସ ୧୯ ତାରିଖ ମଧ୍ୟରେ ଯୋଗ୍ୟ ନାଗରିକମାନେ ଆବେଦନ କରିପାରିବେ ।

ବର୍ତ୍ତମାନ ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି । ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇସାରିଛି । ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି । ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟର ମାନଙ୍କ ଆବଶ୍ୟକୀୟ



ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି ।

ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି । ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି । ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି ।

ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି । ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ ନିବେଦନ କରିଛନ୍ତି ।

- ୧୯ ଯାଏଁ କରିପାରିବେ ଅଭିଯୋଗ ଆବେଦନ
- ୧୭ ସେପ୍ଟେମ୍ବର ଯାଏଁ ନୋଟିସ, ଆପତ୍ତିର ଫଇସଲା
- ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

### ରେଭେନ୍ସା ବିବାଦରେ ନୂଆ ମୋଡ଼

## ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରୁ ଓହରିଲା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ

କଟକ, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲକୁ କେନ୍ଦ୍ର କରି ଚାଲିଥିବା ବିବାଦରେ ଗୁରୁବାର ଏକ ନୂଆ ମୋଡ଼ ଆସିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (RUTA) ପୂର୍ବରୁ ଉଠାଇଥିବା କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନକରାତ୍ମକ ଭାଷା ପ୍ରୟୋଗ ଉପରେ କ୍ଷମା ପ୍ରାର୍ଥନା ଦାବିରୁ ଓହରି ଯାଇଛି । ଫଳରେ ଦୁଇ ଦିନ ଧରି ଚାଲିଥିବା ବିବାଦ ସମାଧାନ ଆଡ଼କୁ ଗତିକରୁଛି । ତେବେ ରୁଟା ବିଧାୟକ ଶ୍ରୀ ସେଠୀ ବାଚସ୍ପତିଙ୍କ ନିକଟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ କରିଥିବା ଅଭିଯୋଗକୁ ପ୍ରତ୍ୟାହାର କରିବାକୁ ଦାବି କରିଛି ।

ଗୁରୁବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୁଟାର ସଭାପତି ଉର୍ମିଶ୍ରୀ ବେଦମତ୍ତା ୩ଟି ବିଷୟ ଉପରେ ପ୍ରାଧାନ୍ୟ ଦେଇଛି । ସିନେଟ ଗଠନ ପ୍ରକ୍ରିୟା ଏଯାଏ ସରିନାହିଁ କିମ୍ବା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇନି । ତେଣୁ ସିନେଟ୍ ସଦସ୍ୟ କହି ଆଭ୍ୟନ୍ତରୀଣ ବୈଠକରେ ସାମିଲ ହେବାର କୌଣସି ଆଧାର ନାହିଁ ବୋଲି ସଂଘ କହିଛି । ସେହିଭଳି ବାଚସ୍ପତିଙ୍କୁ ବିଧାୟକ ଲେଖିଥିବା ଚିଠି ସର୍ବସାଧାରଣରେ ପ୍ରଘଟ ହୋଇସାରିଥିବାରୁ ଏହାଦ୍ୱାରା ପ୍ରଫେସର ମିଶ୍ରଙ୍କ କ୍ୟାରିୟର ପ୍ରଭାବିତ ହେବାର ଆଶଙ୍କା ରହିଛି । ତେଣୁ ବିଧାୟକ ଏହାକୁ ପ୍ରତ୍ୟାହାର କରନ୍ତୁ ବୋଲି ସଂଘ ଦାବି କରିଥିଲା । ବର୍ତ୍ତମାନ ନୂତନ ସିନେଟ ଗଠନ ପ୍ରକ୍ରିୟା ଚାଲିଥିବାରୁ ସିନେଟ ସଦସ୍ୟ ପରିଚୟ ଦେଇ ବିଶ୍ୱବିଦ୍ୟାଳୟରେ କୌଣସି ପ୍ରକାର ହସ୍ତକ୍ଷେପ କରିବାର ମାନେ ନାହିଁ ବୋଲି ପରୋକ୍ଷରେ ବିଧାୟକଙ୍କୁ ଚେତେଇ ଦେଇଛନ୍ତି । ଜନପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବା ସ୍ୱାଗତଯୋଗ୍ୟ, କିନ୍ତୁ ସେହି ସହଯୋଗ ଆଇନ ଓ ପ୍ରଚଳିତ ନିୟମାବଳୀ ଅନୁଯାୟୀ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।

ରୁଟା ପକ୍ଷରୁ କୁଳପତିଙ୍କ ଉପସ୍ଥିତିରେ ୱାର୍ଡେନ ଓ ଛାତ୍ରଛାତ୍ରୀଙ୍କ ବୈଠକ ସମୟରେ ଘଟିଥିବା ଅପ୍ରୀତିକର ଘଟଣା ପାଇଁ ଦୁଃଖ ପ୍ରକାଶ କରାଯାଇଛି । ସେହିପରି କୁଳାଧିପତିଙ୍କ କାର୍ଯ୍ୟାଳୟକୁ ଜନପ୍ରତିନିଧିମାନଙ୍କ ସହ ବିଶ୍ୱବିଦ୍ୟାଳୟର ଯୋଗାଯୋଗ ଓ ସହଭାଗିତା ପାଇଁ ଏକ ସ୍ୱଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା ପ୍ରଣୟନ କରିବାକୁ ଅନୁରୋଧ କରାଯାଇଛି । ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ଓ ଗରିମା ଅକ୍ଷୁଣ୍ଣ ରହିବ ବୋଲି ସଂଘ ମତ ପ୍ରକାଶ କରିଛି ।

ସଂଘ ପକ୍ଷରୁ ସଭାପତି ପ୍ରଫେସର ଉର୍ମିଶ୍ରୀ ବେଦମତ୍ତା ଆହୁରି କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ସମସ୍ୟା କୌଣସି ବ୍ୟକ୍ତିଗତ ପ୍ରସଙ୍ଗ ନୁହେଁ; ଏହା ଏକ ଐତିହ୍ୟବାହୀ ଶିକ୍ଷାନୁଷ୍ଠାନର ସୁପ୍ରଶାସନ, ସ୍ୱାଧୀନତା ଓ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଜଡ଼ିତ । ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତଙ୍କ ସହ ମିଶି କାମ କରିବାକୁ ରୁଟା ପ୍ରତିବଦ୍ଧ ବୋଲି ସେ ସ୍ୱଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଏହାକୁ ନେଇ ବିଧାୟକ ଶ୍ରୀ ସେଠୀ ମଧ୍ୟ ନିଜର ପ୍ରତିକ୍ରିୟା ରଖି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେଉ ବୋଲି କହିଛନ୍ତି । ଇଷ୍ଟ ହଷ୍ଟେଲ ଡେପୁଟି ୱାର୍ଡେନଙ୍କୁ ଦାୟିତ୍ୱରୁ ହଟାଇ ଦିଆଗଲେ ସେ ମଧ୍ୟ ବାଚସ୍ପତିଙ୍କୁ ଲେଖିଥିବା ଚିଠିକୁ ପ୍ରତ୍ୟାହାର କରିନେବେ ବୋଲି କହିଛନ୍ତି । ତେବେ ଆଗକୁ ଏହି ବିବାଦ ସମାଧାନ ହେବା ନେଇ ସମ୍ଭାବନା ଦେଖା ଦେଇଛି ।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଧାରଣାରୁ ଏହି ବିବାଦ ଆରମ୍ଭ ହୋଇଥିଲା । ଛାତ୍ରଙ୍କ ସମସ୍ୟାକୁ ନେଇ ହୋଇଥିବା ବୈଠକରେ ଚିଫ୍ ୱାର୍ଡେନ ତଥା ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ.ସୁଦର୍ଶନ ମିଶ୍ରଙ୍କୁ କଟକ ସଦର ବିଧାୟକ ପ୍ରକାଶ ସେଠୀ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ସବୁ ହଷ୍ଟେଲର ୱାର୍ଡେନ ଏବଂ ଡେପୁଟି ୱାର୍ଡେନଙ୍କ ସମେତ ଚିଫ୍ ୱାର୍ଡେନ ଇସ୍ତଫା ଦେଇଥିଲେ;ମାତ୍ର କୁଳପତି ଉକ୍ତ ଇସ୍ତଫା ପତ୍ର ଗ୍ରହଣ କରି ନ ଥିଲେ । ତେବେ ଏହାର ଗୋଟିଏ ଦିନ ପରେ ହଠାତ ଘଟଣା ନୂଆମୋଡ଼ ନେଇଛି ।

### ଆଇନ୍ ଫାନ୍ଦରେ ବନ୍ଧାପଡିଛି କ୍ରସରଶିଳ୍ପ; ଦାଦନମୁହାଁ ଶ୍ରମିକ

# ବଜାରରେ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ

ଖୋର୍ଦ୍ଧା, (ସବ୍ୟୁ): ମାସେ କି ଦୁଇମାସ ନୁହେଁ ବରଂ ଦୀର୍ଘ ବର୍ଷ ହେବ କଂଚାମାଲ ଅଭାବରୁ କ୍ରସର ଶିଳ୍ପରେ ତାଲା । ଏହି ପରିସ୍ଥିତି ପଛରେ ରହିଛି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ, ଯାହା ଆଇନଗତ ତ୍ରୁଟିକୁ ଦର୍ଶାଇ ୨୦୧୮ ମସିହାର ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଥିଲା । ୨୦୧୮ ମସିହାରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ବିଜ୍ଞାପନ ସଂଖ୍ୟା–୭୩୨୯, ତାରିଖ ୭ ଜୁଲାଇ ୨୦୧୮ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧୀନରେ ଥିବା ୪୪ଟି କଳା ଗ୍ରାନାଇଟ୍ ମୁଣ୍ଡିଆକୁ ୧୦ବର୍ଷ ପାଇଁ ନିଲାମରେ ଦେବାକୁ ଟେଣ୍ଡର ଆହ୍ୱାନ କରିଥିଲେ । ଖୋର୍ଦ୍ଧା, କାଇପଦର, ନିଜିଗଡ଼ ତାପଙ୍ଗ, ଡଙ୍ଗରପଡ଼ା ଓ କିଆଝରି ଅଂଚଳର ଏହି ପାହାଡ଼ଗୁଡ଼ିକରୁ କଳା ଗ୍ରାନାଇଟ୍ ଉତୋଳନ କରିବାକୁ ଅନେକ ବ୍ୟକ୍ତି, କମ୍ପାନୀ ଓ ସଂସ୍ଥା ଟେଣ୍ଡରରେ ଅଂଶଗ୍ରହଣ କରିଥିଲେ । ସର୍ବାଧିକ ଦରଦାତାଙ୍କୁ ଖଣି ପରିଚାଳନାର ଅଧିକାର ଦିଆଯାଇଥିଲା । ଏହାକୁ ଆଧାର କରି ଅନେକ ଉଦ୍ୟୋଗୀ କୋଟି କୋଟି ଟଙ୍କା ନିବେଶ କରି କ୍ରସର ଶିଳ୍ପ ସ୍ଥାପନ କରିଥିଲେ । ବ୍ୟାଙ୍କ ଓ ବିଭିନ୍ନ ଆର୍ଥିକ ସଂସ୍ଥାରୁ ଋଣ ନେଇ ଦାମୀ ଯନ୍ତ୍ରପାତି କିଣାଯାଇଥିଲା ଏବଂ ହଜାର ହଜାର ପରିବାରର ଜୀବିକା ଏହି ଶିଳ୍ପ ସହ ଜଡ଼ିତ ହୋଇପଡ଼ିଥିଲା । କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ସତ୍ୟପୀର ଶ୍ରୀଚନ୍ଦନ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁ.ପି(ସି)ନଂ-୧୩୪୨୪ ଅଫ ୨୦୧୮ ଦାଖଲ କରିଥିଲେ ।

ତାଙ୍କ ଅଭିଯୋଗ ଥିଲା ଯେ, ଓଡ଼ିଶା କ୍ଷୁଦ୍ର ଖଣିଜ ଖଣି ରିହାତି ନିୟମାବଳୀ,୨୦୧୬( ଓ.ଏମ୍.ଏମ୍.ସି. ନିୟମାବଳି) ଅନୁଯାୟୀ ଏଭଳି ମାଇନର ମିନେରାଲ କ୍ୱାରୀର ଟେଣ୍ଡର ଜାରି କରିବାର କ୍ଷମତା ଉପ-ଜିଲ୍ଲାପାଳଙ୍କ ନାହିଁ । ତେଣୁ ତାଙ୍କ ଦ୍ୱାରା ଜାରି ହୋଇଥିବା ଟେଣ୍ଡର ଆଇନସମ୍ମତ ନୁହେଁ । ଗତ ୨୦୨୨ ଜୁଲାଇ ୨୦ରେ ବିଚାରପତି ଡ଼.ବି. ଆର.ଷଡ଼ଙ୍ଗୀ ଏବଂ ଜଷ୍ଟିସ ଏସ୍.କେ. ମିଶ୍ରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାୟ ଦେଇଥିଲେ । ନ୍ୟାୟାଳୟ ରେକର୍ଡ ଓ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣି ସ୍ୱଷ୍ଟ କରିଥିଲେ ଯେ, ଓ.ଏମ୍.ଏମ୍.ସି. ନିୟମାବଳି-୨୦୧୬ ଅନୁଯାୟୀ ତହସିଲଦାର ହିଁ ମାଇନର ମିନେରାଲ କ୍ୱାରୀର ନିଲାମ ପାଇଁ ସକ୍ଷମ କର୍ତ୍ତୃପକ୍ଷ । ଉପ-ଜିଲ୍ଲାପାଳଙ୍କ ଦ୍ୱାରା ୨୦୧୮ ଜୁଲାଇ ୭ରେ ଜାରି ହୋଇଥିବା ଟେଣ୍ଡର ବିଜ୍ଞପ୍ତି କ୍ଷମତା ବହିର୍ଭୂତ ଥିବାରୁ ତାହା ଆଇନ ସମ୍ମତ ନୁହେଁ । ଫଳରେ ଉକ୍ତ ଟେଣ୍ଡର ବିଜ୍ଞପ୍ତିକୁ ଉଚ୍ଚ ନ୍ୟାୟାଳୟ ବାତିଲ କରିଦେଇଥିଲେ । ଏହି ରାୟ ପରେ ଜିଲ୍ଲା ପ୍ରଶାସନ କାଇପଦର, ନିଜିଗଡ଼ ତାପଙ୍ଗ, ଡଙ୍ଗରପଡ଼ା ଓ କିଆଝରି ଅଂଚଳର ମୁଣ୍ଡିଆଗୁଡ଼ିକରେ ବ୍ଲାଷ୍ଟିଂ ଓ ଖଣି କାର୍ଯ୍ୟ ବନ୍ଦ କରିଦେଇଥିଲା । କଂଚାମାଲ ନ ମିଳିବାରୁ କ୍ରସର ଶିଳ୍ପ ଧୀରେ ଧୀରେ ବନ୍ଦ ହେବା ଆରମ୍ଭ ହୋଇଥିଲା ।

ସୂଚନାଯୋଗ୍ୟ, ଦୀର୍ଘ ୭୦ବର୍ଷରୁ ଉର୍ଦ୍ଧ୍ୱର୍ ହେବ ଖୋର୍ଦ୍ଧା ଅଂଚଳର ଦଳେଇପୁଟ, କୁରାଢମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡା, କଁପୁର, ଗୋଡା, ନରଣଗଡ, ସାଆନ୍ତା, କାଇପଦର, ଗୋଡିପଡା ପ୍ରମୁଖ ସ୍ଥାନ ମାନଙ୍କରେ କ୍ରସର ଶିଳ୍ପ ଗଢି ଉଠିଛି । ପାଖାପାଖି ୫ଶହ କ୍ରସର ଉପରେ କେବଳ ଖୋର୍ଦ୍ଧା ନୁହେଁ ବରଂ ଆଦିବାସୀ ବହୁଳ ଜିଲ୍ଲାଭାବେ ପରିଚିତ କୋରାପୁଟ, ବୌଦ୍ଧ, ଫୁଲବାଣୀ, ବଲାଙ୍ଗିର, ସୋନପୁର, ମୟୁରଭଞ୍ଜ ଭଳି ଅନେକ ଜିଲ୍ଲାର ଶ୍ରମିକମାନେ ନିଜର ପେଟପାଟଣା ପାଇଁ ଏଠାରେ କାମଧନ୍ଦା କରୁଥିଲେ । ପ୍ରାୟ ୧୫ହଜାର ରୁ ଉର୍ଦ୍ଧ୍ୱର୍ ବେକାର ଯୁବକ ଯୁବତୀ ସିଧାସଳଖଭାବେ କ୍ରସର ଶିଳ୍ପ ଦ୍ୱାରା ଉପକୃତ ହେଉଥିବାବେଳେ ପରୋକ୍ଷରେ ହଜାର ହଜାର ଗାଡି ମାଲିକ, ଶତାଧିକ ବ୍ୟବସାୟୀ ଏବଂ ଠିକାଦାର ମଧ୍ୟ ଉପକୃତ ହେଉଥିଲେ । ମାତ୍ର ଦୀର୍ଘ ବର୍ଷ ହେବ ବନ୍ଦ ପଡିଛି କ୍ରସର ଶିଳ୍ପ ।ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ ଏହାକୁ ଦୃଷ୍ଟିରେ ରଖି କରାଯାଇଥିବା ଗାଡି ଓ ମେସିନ୍ ପ୍ରଭୃତି ଏବେ ପଡି ଖତ ଖାଉଛି । କ୍ରସର ବନ୍ଦ ର ଅଧିକ ପ୍ରଭାବ ପଡ଼ିଛି ଶ୍ରମିକଙ୍କ ଉପରେ । ଶହ, ଶହ ଶ୍ରମିକ ଜୀବିକା ହରାଇ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟକୁ ପରିବାର ସହ ପଳାୟନ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଯେଉଁ ଶ୍ରମିକମାନେ ବର୍ଷ ବର୍ଷ ଧରି କ୍ରସର ଶିଳ୍ପରେ କାମ କରୁଥିଲେ, ସେମାନେ ଏବେ ଅନ୍ୟ ରାଜ୍ୟରେ ଦିନମଜୁରି କରିବାକୁ ବାଧ ହୋଇଛନ୍ତି । ବ୍ୟାଙ୍କ ଓ ଘରୋଇ ଆର୍ଥିକ ସଂସ୍ଥାରୁ ଋଣ ନେଇ କ୍ରସର ସ୍ଥାପନ କରିଥିବା ଅନେକ ଯୁବ ଶିଳ୍ପୋଦ୍ୟୋଗୀ ଆଜି ଋଣ ଜାଲରେ ଫସି ଯାଇଛନ୍ତି । କେତେକ ଶିଳ୍ପୋଦ୍ୟୋଗୀ ବ୍ୟାଙ୍କ୍ ର ନୋଟିସ ଓ ଆର୍ଥିକ ଚାପରେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି । ଉଚ୍ଚ ନ୍ୟାୟାଳୟ କୌଣସି ଖଣି କିମ୍ବା କ୍ରସର ଶିଳ୍ପକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ କହିନଥିଲେ । ବରଂ ଆଇନଗତ କ୍ଷମତା ନଥିବା କର୍ତ୍ତୃପକ୍ଷଙ୍କ ଜାରି କରିଥିବା ଟେଣ୍ଡରକୁ ବାତିଲ କରିଥିଲେ । ତେଣୁ ଓ.ଏମ୍.ଏମ୍.ସି. ନୀୟମାବଳି-୨୦୧୬ ଅନୁଯାୟୀ ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ନୂତନ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ କରି ଆଇନସମ୍ମତ ଭାବେ କ୍ରସର ଶିଳ୍ପକୁ ପୁନଃ ଚାଲୁ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।

## ଚୀନ, ଇରାନର ପ୍ରତିନିଧିଙ୍କ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରରେ ଆୟୋଜିତ ହେଉଥିବା ବ୍ରିକ୍ସ ଶିକ୍ଷା ସମ୍ମିଳନୀରେ



ଯୋଗଦେଇଥିବା ଚୀନ ଓ ଇରାନ ଦେଶର ପ୍ରତିନିଧି ମଣ୍ଡଳୀ ଗୁରୁବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ଼. ଭାରତୀ ପାଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶାର ସମୃଦ୍ଧ ଇତିହାସ, ଐତିହ୍ୟ, ସ୍ଥାପତ୍ୟ, ସାହିତ୍ୟ, କଳା ଓ ସଂସ୍କୃତି ସମ୍ବନ୍ଧରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ପ୍ରତିନିଧିମାନେ ସଂଗ୍ରହାଳୟରେ ଥିବା ପ୍ରତ୍ନତତ୍ତ୍ୱ, ତାଳପତ୍ର ପୋଥି, ଲିପିତତ୍ତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚାରୁ ଓ କାରୁକଳା, ଅନୁଭବ ଐତିହ୍ୟ ଗ୍ୟାଲେରୀ ଆଦିକୁ ବୁଲି ଦେଖିଥିଲେ । ଏଥିସହ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଏବଂ ବୌଦ୍ଧ ଓ ଜୈନ ଧର୍ମ ସମ୍ବନ୍ଧିତ କୀର୍ତ୍ତିରାଜିର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଟାଇମ୍ଲେସ ଟେଲ୍ ଶୀର୍ଷକ ଏକ ପୁସ୍ତକ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ବନ୍ଧିତ ବିବରଣୀ ପୁସ୍ତକ) ପ୍ରଦାନ କରାଯାଇଥିଲା ।

## ବ୍ରାଉନସୁଗର ଜବତ, ବିକ୍ରେତା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ କଲେଜ ପାଖରେ ବ୍ରାଉନସୁଗର ବିକ୍ରି କରୁଥିବା ଜଣେ ଯୁବକକୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ତା'ନିକଟରୁ ୮ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । କଲେଜ ପାଖରେ ବ୍ରାଉନସୁଗର ବିକ୍ରିର କରୁଥିବା ଯୁବକ ସମ୍ପର୍କରେ ଖଣ୍ଡଗିରି ଥାନା ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା । ପୋଲିସ ଚଢାଉ କରିବା ବେଳେ ଯୁବକ ଜଣକ ସେଠାରୁ ଖସିଯିବା ପାଇଁ ଉଦ୍ୟମ କରିଥିଲା । ପୋଲିସ ତାକୁ ଗୋଡାଇ ଗୋଡାଇ କାବୁ କରିନେଇଥିଲା । ପଚରାଉଚରା ବେଳେ ତା'ନାଁ ଏସ୍‌କେ ଇନାଜ ଓରଫ ଆନ୍ନା (୨୭) ବୋଲି କହିଥିଲା । ତା'ଘର ଭଦ୍ରକ ଜିଲ୍ଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରହି ବ୍ରାଉନସୁଗର ବିକ୍ରି କରେ । ବ୍ରାଉନସୁଗର ଭଦ୍ରକ ଅଞ୍ଚଳରୁ ଆଣି ରାଜଧାନୀରେ ଅଧିକ ଦାମ୍‌ରେ ବିକ୍ରି କରିଥାଏ ବୋଲି ପୋଲିସରେ କହିଛି । ପୋଲିସ ଆନ୍ନାକୁ ଗୁରୁବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଶ୍ରଦ୍ଧାଞ୍ଜଳି ସଭା

## ମେଗା ରକ୍ତଦାନ ଶିବିରରେ ୪୧୭ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଟାଣୁଆ ଜନନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ସୁଶାନ୍ତ ସିଂହ ସ୍ମୃତି କମିଟି ତରଫରୁ ବରଗଡ଼ ଜିଲ୍ଲାର ସୋହେଲାର ହଳଦୀପାଲି ସ୍ଥିତ ପଡ଼ିଆରେ ଆୟୋଜିତ ସଭାରେ ଜନନେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଜନସେବା ପ୍ରତି ତାଙ୍କର ନିଷ୍ଠା, ସାଧାରଣ ଲୋକଙ୍କ ସହ ତାଙ୍କର ଆତ୍ମୀୟ ସମ୍ପର୍କ ସଦାସର୍ବଦା ସ୍ମରଣୀୟ ହୋଇ ରହିବ । ଉପସ୍ଥିତ ନେତା ଜନତା ସମସ୍ତେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରି ପ୍ରାର୍ଥନା କରିଥିଲେ । ସେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ଜନନେତା ଓ ସୁସଙ୍ଗଠକ ଭାବେ ପରିଚୟ ରହିଛି । ଯାହାଙ୍କ ଜନସେବା କରିବା ଜୀବନର ସବୁଠୁ ବଡ଼ ଲକ୍ଷ୍ୟ ଥିଲା । ଜଣେ ସାଲିସ ବିହୀନ ରାଜନେତା ଭାବରେ ବରଗଡ଼ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ତିନି ଥରର ବିଧାୟକ ଥିଲେ । ଏହାସହିତ କ୍ୟାବିନେଟ ମନ୍ତ୍ରୀ ଭାବେ ଅନେକ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଅନେକ ଦିନ ହେବ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗ ବିଜୁ ଜନତା ଦଳ ପାଇଁ ଅପୂରଣୀୟ କ୍ଷତି । ୧୭ ମାର୍ଚ୍ଚ ୧୯୭୩ ରେ ବରଗଡ଼ ଜିଲ୍ଲାର ସୋହେଲା ଠାରେ ଏକ ଅତି ସାଧାରଣ ଘରେ ଜନ୍ମ ଗ୍ରହଣ କରିଥିଲେ । ଦୁର୍ନୀତି ବିରୁଦ୍ଧରେ ଲଢ଼ିବାର ପ୍ରବୃତ୍ତି ତାଙ୍କୁ ରାଜନୀତି ଭିତରକୁ ଟାଣି ଆଣିଥିଲା ।

ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳ ତଥା ରାଜନୈତିକ ମହଲରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫,୦୦୦ରୁ ଅଧିକ ଲୋକେ ଯୋଗ



ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପ ସଭାପତି ଦେବୀପ୍ରସାଦ ମିଶ୍ର, ଶ୍ରୀମତି ସୁଜାତା ରାଉତ, ପ୍ରଣବ ପ୍ରକାଶ ଦାସ, ଶ୍ରୀମତି ସ୍ନେହାଙ୍ଗିନୀ ଛୁରିଆ, ଅଶୋକ ପଣ୍ଡା, ନିରଞ୍ଜନ ପୂଜାରୀ, ଦେବେଶ

ଆଚାର୍ଯ୍ୟ, ବ୍ରଜ କିଶୋର ପ୍ରଧାନ, ସଞ୍ଜୟ ଦାସ ବର୍ମା, ଯୋଗେଶ ସିଂ, ମନ୍ମଥ ରାଉତରାୟ, କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ପ୍ରୀତି ରଞ୍ଜନ ଘଡେଇ, ପ୍ରଦୀପ ଅମାତ ପ୍ରମୁଖ ଶତାଧିକ ନେତା ଉପସ୍ଥିତ ରହି ଜନ ନେତା ସ୍ୱର୍ଗତ ସୁଶାନ୍ତ ସିଂହଙ୍କୁ ଭାବ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ତାଙ୍କର ଗୁଣ ଗାନ କରିଥିଲେ । ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଦିବଙ୍ଗତ ଜନନେତା ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ସ୍ମୃତିରେ ୪୧୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଉକ୍ତ ଶିବିରରେ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୧୭୬ ୟୁନିଟ୍, ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୧୨୧ ୟୁନିଟ୍, ସମ୍ବଲପୁର ରକ୍ତଭଣ୍ଡାର ଦ୍ୱାରା ୬୪ ୟୁନିଟ୍ ଏବଂ ପଦ୍ମପୁର ରକ୍ତଭଣ୍ଡାର ଦ୍ୱାରା ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସମସ୍ତ ସ୍ୱଚ୍ଛାକୃତ ରକ୍ତଦାତା, ସହଯୋଗୀ ସାମାଜିକ ଅନୁଷ୍ଠାନ, ରକ୍ତଭଣ୍ଡାରର କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ପ୍ରତ୍ୟକ୍ଷ ସହଯୋଗ କରିଥିବା ସମସ୍ତଙ୍କୁ ସୁଶାନ୍ତ ସିଂହ ସ୍ମୃତି କମିଟି ତରଫରୁ ଆନ୍ତରିକ କୃତଜ୍ଞତା ଓ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ଦିବ୍ୟାଙ୍ଗଜନଙ୍କ ଭୂସ୍ୱର୍ଗ ଓଲଟପୁରସ୍ଥିତ ଏସ୍‌ଭିନିରତାର

କଟକ, (ସବ୍ୟୁ): ୧୯୭୫ମସିହାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ, ତାଲିମ ଓ ଗବେଷଣା ପ୍ରତିଷ୍ଠାନ ବା "ଏସଭି ନିରତାର' ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନିମିତ ଏକ ଭୂସ୍ୱର୍ଗ ଅନୁଷ୍ଠାନରେ ପରିଣତ ହୋଇଛି । କଟକ ଜିଲା କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏହି ସୁପ୍ରତିଷ୍ଠିତ ଅନୁଷ୍ଠାନକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଓ ଭାରତର ଏକାଧିକ ତୁଙ୍ଗ ବକ୍ତିତ୍ୱଙ୍କ ସମେତ ଦେଶ ବିଦେଶର ସଂଖାଧିକ ମାନଗଣ୍ୟ ବ୍ୟକ୍ତି ପରିଦର୍ଶନ କରିଛନ୍ତି । ସମଗ୍ର ଏସିଆ ମହାଦେଶରେ ଏହା ଏକମାତ୍ର ଫିଜିଓଥେରାପି ଚିକିତ୍ସା ପ୍ରତିଷ୍ଠାନଭାବେ ଜଣାଶୁଣା । କେନ୍ଦ୍ର ସରକାରଙ୍କ ସାମାଜିକନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅଧିନସ୍ଥ ଦିବ୍ୟାଙ୍ଗ ସଶକ୍ତିକରଣ ନିର୍ଦ୍ଦେଶାଳୟ ଅଧିନରେ ଏହା ପରିଚାଳିତ । ଦୈନିକ ୪ଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ରୋଗୀ ଦେଶର ବିଭିନ୍ନ ଭାଗରୁ ଏଠାକୁ ଆସନ୍ତି । ବର୍ତ୍ତମାନ ଏଠାରେ ସ୍ନାତକ (ୟୁଜି) ପାଠ୍ୟକ୍ରମ ପାଇଁ ୬୨ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୧୫ଟି ଆସନ ରହିଛି । ଛାତ୍ରଛାତ୍ରୀଙ୍କୁ



ପାଠ ପଢ଼ାଇବା ପାଇଁ ୯ଟି ଓ ଚିକିତ୍ସା ପାଇଁ ଦୁଇଟି ମଂଜୁରୀପ୍ରାପ୍ତ ପଦ ରହିଛି । ଗୋଟିଏ ଲେଖାଏଁ ସହଯୋଗୀ ପ୍ରାଧ୍ୟାପକ ଓ ସହକାରୀ ପ୍ରାଧ୍ୟାପକ ପଦ ଥିବା ବେଳେ ଦୁଇଟି ଅଧ୍ୟାପକ, ତିନୋଟି କନିଷ୍ଠ ଅଧ୍ୟାପକ ଓ ଦୁଇଟି ଡେମନଷ୍ଟ୍ରେଟର ପଦବୀକୁ ମଂଜୁରୀ ମିଳିଥିବା ଜଣାପଡ଼ିଛି । ତେବେ ପ୍ରତିଷ୍ଠାନ ଆରମ୍ଭରୁ ଅନ୍ତଃବିଭାଗ ଚିକିତ୍ସା ଲାଗି ୧୦୦ଟି ଶର୍ଯା ଥିଲାବେଳେ ୨୦୨୫ମସିହାରେ ଆଉ ୫୦ ଓ ପରବର୍ତ୍ତୀ ସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଚିକିତ୍ସା ସୁବିଧା ସହ ଏହାକୁ ଦୁଇ ଶହକୁ ବୃଦ୍ଧି କରାଯାଇଛି । ସେହିପରି ଦିବ୍ୟାଙ୍ଗମାନଙ୍କ ମାନସିକ ଓ ଶାରୀରିକ ବିକାଶକୁ ଗୁରୁତ୍ୱ ଦେଇ ବାସ୍କେଟବଲ, ଜାଭେଲିନ ଥ୍ରୋ ଓ ମାରାଥନ ଭଳି କ୍ରୀଡ଼ାର ବ୍ୟବସ୍ଥା ଆରମ୍ଭ ହୋଇଛି । ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ରଭାବେ ଦିବ୍ୟାଙ୍ଗଙ୍କୁ ଧନ୍ଦାମୂଳକ କାର୍ଯ୍ୟର ତାଲିମ ପ୍ରଦାନ କରାଯାଉଛି । ବୟସ୍କଙ୍କ ପାଇଁ ପୁନର୍ବାସ ଯୋଜନାରେ ରୋବୋଟିକ ଥେରାପି, ଥ୍ରି ଡି ବାୟୋମେକାନିକ୍ସ, ପ୍ରୋଥେଟିକ୍ସ ଓ ଅର୍ଥୋଟିକ୍ସ, ମାୟୋଇଲେକଫିକ ଓ କସମେଟିକ ଲାବ, ସିମୁଲେସନୟୁନିଟ ଏବଂ ଅତ୍ୟାଧୁନିକ ଆଇସିୟୁ ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ପ୍ରଧାନମନ୍ତ୍ରୀ ଜନ ଔଷଧି ସୁବିଧା ସହ ସୌର ଶକ୍ତି ବ୍ୟବସ୍ଥା, ସୁବିଧାଜନକ ପରିବହନ, କାଫେଟେରିଆ, ଆହାର କେନ୍ଦ୍ର, ପ୍ରଶାସନିକ କାର୍ଯ କ୍ଷେତ୍ରରେ ଡିଜିଟାଲ ଗଭର୍ଣ୍ଣାନ୍ସ, ଇ-ଅଫିସ ବ୍ୟବସ୍ଥା ଉପଲବ୍ଧ ରହିଛି । ଶିକ୍ଷାର୍ଥୀଙ୍କ ସକାଶେ ବିଭିନ୍ନ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ବିରଳ ଅସ୍ତ୍ରୋପଚାର, ଉନ୍ନତ କୃତ୍ରିମ ଓ ଅର୍ଥୋଟିକ ଚିକିତ୍ସା ସେବା ଉପରେ ପ୍ରଶିକ୍ଷଣ ଦିଆଯାଉଛି । ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରାଇବା ଲକ୍ଷରେ ଧନ୍ଦାମୂଳକ ଶିକ୍ଷା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ଯଦ୍ୱାରା କେହି ଭିନ୍ନକ୍ଷମ ନିଜକୁ ଅସହାୟ ମନେ କରିବେ ନାହିଁ ବୋଲି ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ସୂଚନା ଦେଇଛନ୍ତି । ପ୍ରତିଷ୍ଠାନର ଉନ୍ନତିକରଣ ସହିତ ଦିବ୍ୟାଙ୍ଗ ଜନଙ୍କ ଚିକିତ୍ସା ଓ ସେମାନଙ୍କର ଦକ୍ଷତା ବିକାଶକୁ ସମାନ ଭାବରେ ଗୁରୁତ୍ୱ ଦିଆଉଥିବା ବିଷୟ ଡା.ମହାନ୍ତି ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଓଲଟପୁରସ୍ଥିତ ଏସଭି ନିରତାର ମୂଳ ପ୍ରତିଷ୍ଠାନ ହୋଇଥିଲାବେଳେ ଗୌହାଟି, ବଲାଙ୍ଗୀର, ରାଞ୍ଚି ଓ ଇମ୍ଫାଲରେ ୪ଟି ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି । ସେହିପରି ଓଡ଼ିଶାର କଟକ, ଭୁବନେଶ୍ୱର, ଢେଙ୍କାନାଳ ଓ ନୂଆପଡ଼ାରେ ୪ଟି ଉପ କେନ୍ଦ୍ର ରହିଛି ।

## ୧୧ରେ ବିକଶିତ ଭାରତ ସଂକଳ୍ପ ସଂସ୍ଥା ଓଡିଶା ଶାଖାର ପ୍ରତିଷ୍ଠା

# ଡକ୍ଟର ତିରୁପତି ପାଣିଗ୍ରାହୀ ପ୍ରଥମ ଅଧ୍ୟକ୍ଷ ମନୋନୀତ

ଭୁବନେଶ୍ୱର (ସବ୍ୟୁ): ଶ୍ରମିକ କଲ୍ୟାଣ ଓ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବା ବିକଶିତ ଭାରତ ସଂକଳ୍ପ ସଂସ୍ଥା, ଓଡିଶାରେ ଏହାର ଶାଖା ଭାରତୀୟ



ଜନତା ମଜଦୁର ମଞ୍ଚ ପ୍ରତିଷ୍ଠା କରିବ। ଆସନ୍ତା ୧୧ ତାରିଖ ଦିନ ହାଇଟେକ୍ ମେଡିକାଲ୍ କଲେଜ ଅଡିଟୋରିୟମରେ ଏ ନେଇ କାର୍ଯ୍ୟକ୍ରମ ରଖାଯାଇଛି ଓ ଆଜି ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ସର୍ବସମ୍ମତି କ୍ରମେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କୁ ଓଡିଶା ଶାଖାର ସଭାପତି ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଅନ୍ୟ ଦଳର ବରିଷ୍ଠ ନେତାଙ୍କ ସହ ଦେଶର ବିଭିନ୍ନ ରାଜ୍ୟରୁ ଶହେରୁ ଅଧିକ ରାଜନେତା, ସମାଜସେବୀ, ସାମ୍ବାଦିକ, ଶିକ୍ଷାବିତ୍, ଶିଳ୍ପପତି, ଶ୍ରମିକନେତା, ବିଭିନ୍ନ ମଜଦୁର ସଂଘର କର୍ମକର୍ତ୍ତା ମାନେ ଯୋଗଦେବେ । ବିକଶିତ ଭାରତ ସଂକଳ୍ପ ସଂସ୍ଥା ମୁଖ୍ୟତଃ ଦୁଇଟି ଦିଗ ଉପରେ ତାର କାର୍ଯ୍ୟ କରି ଆସୁଛି। ପ୍ରଥମତଃ ସବୁ ବର୍ଗର ଶ୍ରମିକଙ୍କ କଲ୍ୟାଣ, ସମସ୍ତଙ୍କ ପାଇଁ ନିରନ୍ତର ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେବା ସହ ସମାଜର ସବୁବର୍ଗର ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁଛି । ରାଜସ୍ଥାନ ଜୟପୁରରେ ଏହାର ମୁଖ୍ୟ ଶାଖା ଥିବା ବେଳେ ଓଡିଶାରେ ଏହାର ଶାଖା ଖୋଲି ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି ବୋଲି ଏହାର କର୍ମକର୍ତ୍ତା କହିଛନ୍ତି । ଦୀର୍ଘବର୍ଷ ଧରି ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ ଗରିବ,ଅସହାୟ, ଶ୍ରମିକ ଓ ପୀଡିତଙ୍କ ସେବା ଜାରି ରଖିଥିବା ବେଳେ ବିକଶିତ ଭାରତ ସଂକଳ୍ପ ସଂସ୍ଥାକୁ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରାଯିବ ବୋଲି ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି । ରାଜ୍ୟର ଶ୍ରମିକ, ଶୋଷିତ, ନିଷ୍ପେସିତ ଲୋକଙ୍କ ସେବା ପାଇଁ ହାଇଟେକ୍ ଗ୍ରୁପ ସବୁବେଳେ ଆଗରେ ରହିବ ବୋଲି ସେ କହିଛନ୍ତି । ଆଜିର ପ୍ରସ୍ତୁତି ବୈଠକରେ ଡକ୍ଟର ତିରୁପତି ପାଣିଗ୍ରାହୀ. ଡକ୍ଟର ଚିଦାମ୍ବିକା ଖଟୁଆ, ବିକଶିତ ଭାରତ ସଂକଳ୍ପ ସଂସ୍ଥାର ରାଷ୍ଟ୍ରୀୟ ମହାମନ୍ତ୍ରୀ, ମେଜର ଡକ୍ଟର କଳ୍ପନା ଦାଶ, ଡକ୍ଟର ସସ୍ମିତା ସାମନ୍ତ, ରଜନୀକାନ୍ତ ମିଶ୍ର ଏବଂ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବକାରୀ ଚଢ଼ାଉ : ୩ ଗିରଫ

ସୋର, (ସବ୍ୟୁ): ସୋର ଆଦର୍ଶ ଅବକାରୀ ଥାନା ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ, ବିଦେଶୀ ମଦ ଏବଂ ଜିଞ୍ଜର ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଉପ ଅଧିକ୍ଷକ ସ୍ୱପ୍ନା ରାଣୀ ସାହୁଙ୍କ ତତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁ, ସହ ଉପ -ନିରୀକ୍ଷକ ବସନ୍ତ କୁମାର ବାରିକଙ୍କୁ ନେଇ ଗଠିତ ଏକ ଟିମ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ନାରାୟଣ ସେଠି ନିକଟରୁ ୧୫ ଲିଟର ଦେଶୀ ମଦ, ନହରପଦା ଗ୍ରାମର ନାଥ ସିଂ ନିକଟରୁ ୧୦ ଲିଟର ଦେଶୀ ମଦ ଏବଂ କୁରୁଣିଆ ଗ୍ରାମର ମନୋରଞ୍ଜନ ବେଜ ନିକଟରୁ ୧୮ ଲିଟର ବିୟର, ୩.୬ ଲିଟର ବିଦେଶୀ ମଦ ଏବଂ ୪. ୫ ଲିଟର ଜିଞ୍ଜର ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲେ ।

# ସୋଆରେ ଅନ୍ତର୍ଜାତୀୟ ସମ୍ମିଳନୀ 'ଆଇସିସିଏମ୍‌ଇଏସ୍‌ଏଚ୍-୨୦୨୬' ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ ଗଣିତ ବିଭାଗ ପକ୍ଷରୁ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ 'ଇଂଟରନ୍ୟାସନାଲ୍ କନଫରେନ୍ସ ଅନ୍ କଂପ୍ୟୁଟେସନାଲ୍ ମ୍ୟାଥମାଟିକ୍ସ ଫର୍ ଇଞ୍ଜିନିୟରିଂ ସାଇନ୍ସେସ୍ ଆଣ୍ଡ ହେଲ୍‌ଥକେୟାର (ଆଇସିସିଏମ୍‌ଇଏସ୍‌ଏଚ୍-୨୦୨୬)'ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ସୋଆର



କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀଲଙ୍କାର ୟୁନିଭର୍ସିଟି ଅଫ୍ କଲମ୍ବୋର ଚେୟାର ପ୍ରଫେସର ଅଫ୍ ମ୍ୟାଥମାଟିକ୍ସ ତଥା ସେଂଟର ଫର ମ୍ୟାଥମାଟିକାଲ୍ ମଡେଲିଂର ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ପେରେରା ମୁଖ୍ୟ ଅତିଥି ଏବଂ ସୋଆର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଆଇଟିଇଆର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, ଗଣିତ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆୟୋଜକ ଅଧ୍ୟକ୍ଷ ପ୍ରଫେସର ସୁନିତା ଚାନ୍ଦ, ସମ୍ମିଳନୀର ଆବାହକ ପ୍ରଫେସର ମିତାଲୀ ମଧୁସ୍ମିତା ନାୟକ ଏବଂ ସହ-ଆବାହକ ଡଃ ସୌଭାଗ୍ୟ କୁମାର ସାହୁ ଓ ଡଃ ପିନାକୀ ପ୍ରସାଦ କର ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ଭାଷଣରେ ପ୍ରଫେସର ସଞ୍ଜୀବ ପେରେରା ସଂକ୍ରାମକ ରୋଗ ସମେତ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରର ଜଟିଳ ଚ୍ୟାଲେଞ୍ଜର ମୁକାବିଲାରେ କଂପ୍ୟୁଟେସନାଲ୍ ମ୍ୟାଥମାଟିକ୍ସ, ଗାଣିତିକ ମଡେଲିଂ ଏବଂ କୃତ୍ରିମ ବୁଦ୍ଧିମତାର (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ ବର୍ତ୍ତମାନ ସମୟରେ ବାସ୍ତବ ଜୀବନର ବହୁମାତ୍ରିକ ସମସ୍ୟାର ସମାଧାନ କ୍ଷେତ୍ରରେ କଂପ୍ୟୁଟେସନାଲ୍ ସାଇନ୍ସେସ୍‌ର ଭୂମିକା କ୍ରମଶଃ ବୃଦ୍ଧି ପାଉଛି। ଉଚ୍ଚମାନର ଗବେଷଣା, ନବସୃଜନ ଏବଂ ଆନ୍ତର୍ଜାତୀୟ ଶୈକ୍ଷିକ ସହଯୋଗକୁ ସୋଆ ସଦାସର୍ବଦା ପ୍ରାଧାନ୍ୟ ଦେଇଆସୁଛି ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ମାନସ୍ୱରୂପ ସ୍ମାରକ ପ୍ରଦାନ କରାଯାଇଥିବା ବେଳେ ସମ୍ମିଳନୀର ଅବଷ୍ଟ୍ରାକ୍ଟ ବୁକ୍ ଉନ୍ମୋଚିତ ହୋଇଥିଲା। ସମ୍ମିଳନୀରେ ବିଶ୍ୱପ୍ରସିଦ୍ଧ ଗଣିତଜ୍ଞ ତଥା ଫ୍ରାକ୍ସନାଲ୍ କାଲ୍‌କୁଲସ୍ ଓ ଗାଣିତିକ ପଦାର୍ଥ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରଫେସର ଡୁମିତ୍ରୁ ବାଲେନୁ, ଆଇଆଇଟି ରୁରକି ର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ମିଲେ ପନ୍ତ, ଆଇଆଇଟି ପାଟନାର ପ୍ରଫେସର ପ୍ରଶାନ୍ତ କୁମାର ଶ୍ରୀବାସ୍ତବଙ୍କ ସମେତ ବହୁ ବିଶିଷ୍ଟ ବକ୍ତା ଯୋଗ ଦେଇଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟ ବକ୍ତବ୍ୟ, ଆମନ୍ତ୍ରିତ ବ୍ୟାଖ୍ୟାନ, ବୈଷୟିକ ଗବେଷଣାପତ୍ର ଉପସ୍ଥାପନା ଏବଂ ବିଭିନ୍ନ ଆନ୍ତଃକ୍ରିୟାତ୍ମକ ଏକାଡେମିକ୍ ଅଧିବେଶନ ଅନୁଷ୍ଠିତ ହେବ।

# ଘରୋଇ ହସ୍ପିଟାଲ୍ ଆଇସିୟୁରେ ଅଗ୍ନିକାଣ୍ଡ: ୩ରୋଗୀ ସୁରକ୍ଷିତ ଉଦ୍ଧାର

କଟକ,(ସବ୍ୟୁ): କଟକରେ ଏକ ଘରୋଇ ହସ୍ପିଟାଲର ଆଇସିୟୁ କକ୍ଷରେ ଆଜି ଏକ ଅଗ୍ନିକାଣ୍ଡ ଘଟିଛି । ତେବେ ହସ୍ପିଟାଲ୍ ସୁରକ୍ଷା କର୍ମୀ ଏବଂ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ଭୟଙ୍କର ଦୁର୍ଘଟଣା ଏଡ଼ାଇ ଦିଆଯାଇଛି । ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ କୌଣସି ଜୀବନହାନି ଘଟିନାହିଁ କିମ୍ବା କେହି ଆହାତ ହୋଇନାହାନ୍ତି । ହସ୍ପିଟାଲ୍‌ର ଦ୍ୱିତୀୟ ମହଲାରେ ଥିବା ଆଇସିୟୁ ବିଭାଗରେ ହଠାତ୍ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ଏସିର ଆଉଟଡୋର୍ କିମ୍ବା ରିଟର୍ଣ୍ଣ କେବୁଲ୍ ଅତ୍ୟାଧିକ ଗରମ ହୋଇଯିବା ଯୋଗୁଁ ଏହି ନିଆଁ ଲାଗିଥିବା ପ୍ରାରମ୍ଭିକ ତଦନ୍ତରୁ ସନ୍ଦେହ କରାଯାଉଛି । କେବୁଲରୁ ନିଆଁ ବାହାରିବା ମାତ୍ରେ ହସ୍ପିଟାଲ୍‌ରେ ନିୟୋଜିତ ଥିବା ସୁରକ୍ଷା କର୍ମଚାରୀମାନେ ଅତ୍ୟନ୍ତ ସତର୍କତା ଓ ସାହସର ସହ ନିଜସ୍ୱ ଅଗ୍ନିଶମ ଯନ୍ତ୍ରପାତି ବ୍ୟବହାର କରି ନିଆଁକୁ ପ୍ରାରମ୍ଭିକ ଅବସ୍ଥାରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । ସେମାନଙ୍କର ଏହି ତୁରନ୍ତ ପଦକ୍ଷେପ ଯୋଗୁଁ ନିଆଁ ଅନ୍ୟ କୌଣସି କକ୍ଷକୁ ବ୍ୟାପିପାରି ନଥିଲା । ଏହା ସହିତ ଘଟଣା ସମ୍ପର୍କରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଖବର ପାଇବା ମାତ୍ରେ କଟକ ଏବଂ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବା ସହ କୁଲିଂ ଅପରେସନ୍ କରିଥିଲେ । ଫଳରେ ନିଆଁ ସମ୍ପୂର୍ଣ୍ଣ ଲିଭି ଯାଇଥିଲା । ଅଗ୍ନିକାଣ୍ଡ ସମୟରେ ଆଇସିୟୁରେ ୩ ଜଣ ଗୁରୁତର ରୋଗୀ ଚିକିତ୍ସାଧୀନ ଥିଲେ ।

# ଲେଡିଜ୍ ହଷ୍ଟେଲରେ ପଶିଗଲା ସ୍କର୍ପିଓ : ୩ ଗାଡ଼ି ଚୁରମାର୍, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲେଡିଜ୍ ହଷ୍ଟେଲ ଭିତରେ ସ୍କର୍ପିଓ ପଶିଯିବାରୁ ତିନୋଟି ସ୍କୁଟର ଭାଙ୍ଗିରୁଜି ଯାଇଛି । ସ୍କର୍ପିଓ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା । ଖବର ପାଇ ନୂଆପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଥାନାକୁ ନେବା ସହ ସ୍କର୍ପିଓକୁ ଜବତ କରିଛି ।

ଜୟଦେବବିହାର ଆଡୁ ବିଜୁ ପଟ୍ଟନାୟକ କଲେଜ ରାସ୍ତାକାରେ ଆସୁଥିବା ଏକ ସ୍କର୍ପିଓ ଫୁଟ୍‌ପାଥ୍ ଉପରେ ଦ୍ରୁତ ଗତିରେ କିଛିବାଟ ଆସିବା ପରେ ଗେଟ୍ ଭାଙ୍ଗି ଲେଡିଜ୍ ହଷ୍ଟେଲ ଭିତରକୁ ପଶିଯାଇଥିଲା । ଗେଟ୍ ସାମ୍ନା ତଳ ମହଲାରେ ଥିବା ତିନୋଟି ସ୍କୁଟର ଉପରେ ମାଡିଯାଇ ସିଡିର ଦୁଇଟି ପାହାଚ ଚଢିଯାଇଥିଲା । ନିଶାଶକ୍ତ ଅବସ୍ଥାରେ ଥିବା ଡ୍ରାଇଭର ଗାଡିରୁ ବାହାରି ପାରିନଥିଲେ ।

ଭୟଭୀତ ହୋଇ ହଷ୍ଟେଲ ଅନ୍ତେବାସିନୀ ପୋଲିସକୁ ଫୋନ୍ କରିଥିଲେ । ଅବିଳମ୍ବେ ଘଟଣାସ୍ଥଳରେ ପିସିଆର୍, ପୋଲିସ ଭ୍ୟାନ୍ ପହଞ୍ଚି ଡ୍ରାଇଭରକୁ କାବୁ କରିନେବା ସହ ଘଟଣା ସମ୍ପର୍କରେ ସେଠାରେ ପଚରାଉଚରା କରିଥିଲେ । ନିଶାଶକ୍ତ ଅବସ୍ଥାରେ ସ୍କର୍ପିଓ ଚଲାଉଥିବା ଯୁବକ ଏପରି ଘଟଣା ଘଟାଇଲେ ନା କୌଣସି ଉଦ୍ଦେଶ୍ୟ ରଖି ଲେଡିଜ୍ ହଷ୍ଟେଲ ଭିତରେ ଗାଡି ପୂରାଇଦେଲେ ତାହା ଜାଣିବା ପାଇଁ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଛି । ଦୁର୍ଘଟଣା ଘଟାଇଥିବା କାର୍‌କୁ ପୋଲିସ ଥାନାକୁ ନେଇ ଜବତ କରିଥିବା ବେଳେ ହଷ୍ଟେଲରେ ଭାଙ୍ଗିଥିବା ସ୍କୁଟରର ଭିଡିଓଗ୍ରାଫି ସଂଗ୍ରହ କରିଛି । ମାମଲାର ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି ।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍‌ର ଡିଜିଟାଲ ପ୍ରଚାର ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ପୁଞ୍ଜି ନିବେଶକାରୀମାନେ ସମ୍ପ୍ରତି ପାଉଥିବା ରିଟର୍ଣ୍ଣ ଊର୍ଦ୍ଧ୍ୱକୁ ଯାଇ ବିଚାର କରିବା ଏବଂ ଫଣ୍ଡଗୁଡିକର ଏକ ପୋର୍ଟଫୋଲିଓ କିଭଳି ଡିଜାଇନ କରାଯାଇଛି, ସେ ସମ୍ପର୍କରେ ସେମାନେ ବୁଝିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ, ମଲ୍‌ଟି ଆସେଟ ଆଲୋକେସନ ବର୍ଗ ନିମନ୍ତେ ପ୍ରସ୍ତୁତ ଏକ ନୂତନ ଡିଜିଟାଲ ପ୍ରଚାର ଅଭିଯାନ ଆରମ୍ଭ କରିଛି। ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡଗୁଡିକରେ ପୁଞ୍ଜିନିବେଶକାରୀଙ୍କର ଆଗ୍ରହ ଦ୍ରୁତି ଗତିରେ ବୃଦ୍ଧି ପାଇଥିବାବେଳେ ଅନେକ ପୁଞ୍ଜି ନିବେଶକାରୀ ଏହି ଫଣ୍ଡଗୁଡିକ ଯାହା

ପ୍ରଦାନ କରିବାକୁ ଉଦ୍ଦିଷ୍ଟ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଆଶା ଆକାଂକ୍ଷା ନେଇ ସେମାନଙ୍କର ଗବେଷଣା ଆରମ୍ଭ କରୁଥିବା ବିଷୟ ଲକ୍ଷ୍ୟ କରିବା ପରେ ଏହି ପ୍ରଚାର ଅଭିଯାନ ପ୍ରସ୍ତୁତ କରାଯାଇଛି। ଏଏମ୍‌ଏଫଆଇ କହିବା ଅନୁଯାୟୀ ଜାନୁଆରୀ-ମାର୍ଚ୍ଚ ୨୦୨୬ ଅବଧିରେ ଇକ୍ୱିଟି-ଭିତ୍ତିକ ସ୍କିମ୍‌ଗୁଡିକୁ ହୋଇଥିବା ନେଟ୍ ଆଗମନର ୨୭% ହେଉଛି ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡ, ଯାହା ପୂର୍ବ ତ୍ରୟମାସିକ ତୁଳନାରେ ୨୧% ଅଧିକ ଏବଂ ଗତବର୍ଷର ସେହି ସମୟର ମାତ୍ର ୬% ଅଟେ। ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡରେ ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡଗୁଡିକରେ କାରବାର କରୁଥିବା ପୁଞ୍ଜି ନିବେଶକାରୀଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ଚଳିତ ବର୍ଷ ତିନିଗୁଣ ବୃଦ୍ଧିପାଇଛି।

## ଆଉ ଡିଜିଟାଲ ଶିକ୍ଷାରୁ ବଞ୍ଚିତ ହେବେନି ଗାଁ ପିଲା

# ଚୌଦ୍ୱାରରୁ ଗଡ଼ିଲା 'ଇ-ଶିକ୍ଷା ଏକ୍ସପ୍ରେସ', ଦ୍ୱାର ପାଖରେ ପହଞ୍ଚିବ କମ୍ପ୍ୟୁଟର ଶିକ୍ଷା

ଚୌଦ୍ୱାର, (ସବ୍ୟୁ):ଡିଜିଟାଲ ଯୁଗରେ ଶିକ୍ଷାର ସୁଯୋଗ କେବଳ ସହର ମଧ୍ୟରେ ସୀମିତ ନ ରହି ଗାଁର ପ୍ରତ୍ୟେକ ଶିଶୁଙ୍କ ପାଖରେ ପହଞ୍ଚୁ। ଏହି ଲକ୍ଷ୍ୟକୁ ସାମ୍ନାରେ ରଖି ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଛି ଅଭିନବ ଭ୍ରାମ୍ୟମାଣ ଶିକ୍ଷା ଅଭିଯାନ 'ଇ-ଶିକ୍ଷା ଏକ୍ସପ୍ରେସ'।



ଇଣ୍ଡୋ ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଯୋଜନା ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଶିକ୍ଷାରେ ପ୍ରଯୁକ୍ତିର ନୂଆ ଦିଗ ଖୋଲିବ।ଏହି ଭ୍ରାମ୍ୟମାଣ ଶିକ୍ଷା ଯାନ କେବଳ ଏକ ବସ୍ ନୁହେଁ, ବରଂ ଏକ ଚଳନ୍ତି ଡିଜିଟାଲ ଶ୍ରେଣୀଗୃହ। କମ୍ପ୍ୟୁଟର, ଡିଜିଟାଲ ଲର୍ଣ୍ଣିଂ ଟୁଲ୍ ଓ ଆଧୁନିକ ଶିକ୍ଷଣ ବ୍ୟବସ୍ଥାରେ ସଜ୍ଜିତ ଏହି ଯାନ ଗ୍ରାମାଞ୍ଚଳର ସ୍କୁଲଗୁଡ଼ିକୁ ଯାଇ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ବ୍ୟବହାର, ଡିଜିଟାଲ ସାକ୍ଷରତା, ଇଣ୍ଟରନେଟ ସଚେତନତା ଓ ପ୍ରଯୁକ୍ତିଭିତ୍ତିକ ଶିକ୍ଷା ସମ୍ପର୍କରେ ହାତକଲମରେ ପ୍ରଶିକ୍ଷଣ ଦେବ। ଏହା ମାଧ୍ୟମରେ ସହର-ଗ୍ରାମ ମଧ୍ୟରେ ଥିବା ଡିଜିଟାଲ ଶିକ୍ଷାର ବ୍ୟବଧାନ କମାଇବା ସହ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାକୁ ଉଦ୍ଦେଶ୍ୟ ରହିଛି।

ଏହି ଶିକ୍ଷା ଅଭିଯାନର ଶୁଭାରମ୍ଭ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ଉପସଭାପତି ଧର୍ମେଶ ଗୋହେଲଙ୍କ ଉପସ୍ଥିତିରେ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଯାନ ମଧ୍ୟରେ ଥିବା ଶିକ୍ଷା ବ୍ୟବସ୍ଥା, ଉପକରଣ ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଅବଲୋକନ କରି ଏହାକୁ ଗ୍ରାମୀଣ ଶିକ୍ଷା କ୍ଷେତ୍ରରେ ଏକ ସମୟୋପଯୋଗୀ ଓ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଇଣ୍ଡୋର ଲଲାଟ ମହାପାତ୍ର, ପ୍ରଦ୍ୟୁମ୍ନ ମହାନ୍ତି, ଦେବାଶିଷ ତ୍ରିପାଠୀ, ବବିତ ନନ୍ଦ, ସୁଭଦୀପ ଦାସ, ନିରଞ୍ଜନ ସାହୁ, ମାନସ ପ୍ରଧାନ, ଅଭିଷେକ ଘୋଷ, ସୁଶାନ୍ତ ନାୟକ, ରଞ୍ଜିତ ବେହେରା ଓ ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡୋର ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମୟନାକ ସର୍କାର ଓ ଅନନ୍ୟା ମହାନ୍ତି ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ।ଗ୍ରାମରୁ ଡିଜିଟାଲ ଭାରତର ସ୍ୱପ୍ନ ସାକାର କରିବା ଦିଗରେ 'ଇ-ଶିକ୍ଷା ଏକ୍ସପ୍ରେସ' ଏକ ପ୍ରଭାବଶାଳୀ ପଦକ୍ଷେପ ହେବ ବୋଲି ଶିକ୍ଷାବିତ୍ ଓ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ କବି-ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୨ତମ ଜୟନ୍ତୀ

# ଭାଷା, ସାହିତ୍ୟ, ସଂସ୍କୃତି ଆଧାରରେ ନୀଳକଣ୍ଠ ଆଧୁନିକ ଓଡ଼ିଶାର ମୂଳଭିତ୍ତି ସ୍ଥାପନ କରିଥିଲେ : ମାନସ ରଞ୍ଜନ

ଭୁବନେଶ୍ୱର (ସବ୍ୟୁ): ମହାମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ଓ ଦର୍ଶନ ଶାସ୍ତ୍ର ଅବଗାହୀ ଜଣେ ଯଶସ୍ୱୀ ସାରସ୍ୱତ ପ୍ରତିଭା ରୂପେ ଖ୍ୟାତିଲାଭ କରିଥିଲେ ଏବଂ ଗତ ଶତାବ୍ଦୀରେ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନକୁ ବାସ୍ତବାୟିତ କରିବା ସହ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ଯାଇଛନ୍ତି । ତାଙ୍କ ଦୃଷ୍ଟିରେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଚରିତ୍ର ନିର୍ମାଣ । ଭାଷା, ସାହିତ୍ୟ, ସଂସ୍କୃତି, ସମାଜ, ରାଜନୀତି ଓ ଦର୍ଶନଶାସ୍ତ୍ର ଦୃଷ୍ଟିରୁ ସେ ଆଧୁନିକ ଓଡ଼ିଶାର ମୂଳଭିତ୍ତି ସ୍ଥାପନ କରିଥିଲେ । ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ କାବ୍ୟ-କବିତା, ସମାଲୋଚନା, ବ୍ୟାକରଣ, ଜୀବନୀ ଓ ଇତିହାସ ଆଦି ଗ୍ରନ୍ଥ ରଚନା କରିବା ସଂଗେ ସଂଗେ ଓଡ଼ିଆ ଶିଶୁ ସାହିତ୍ୟ ଓ ଅନୁବାଦର ଆଦି ସ୍ରଷ୍ଟା ଭାବରେ ସ୍ୱୀକୃତି ଲାଭ କରିଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଭାବରେ ସେ କେବଳ ଶିକ୍ଷାଦାନ ମଧ୍ୟରେ ନିଜକୁ ସୀମିତ ରଖି ନ ଥିଲେ ବରଂ ଦେଶର ଜାତୀୟ ସଂଗ୍ରାମ ଓ ନୂତନ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର ପ୍ରାକ୍ତନ ମୁଖ୍ୟ ଓ ଉତ୍ତର-ପୂର୍ବାଞ୍ଚଳ



ପରିଷଦ ପୂର୍ବତନ ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ମହାପାତ୍ର ମତବ୍ୟକ୍ତ କରିଛନ୍ତି ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଅପରାହ୍ଣରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୨ତମ ଜୟନ୍ତୀ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ କୁଳପତି ପ୍ରଫେସର୍ ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରିବା ସହ ପଣ୍ଡିତ ନୀଳକଣ୍ଠ ଦାସଙ୍କ କୀର୍ତ୍ତିମାନ୍ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କୁଳସଚିବ ରଶ୍ମିରେଖା ଦାସ ତାଙ୍କ ବକ୍ତବ୍ୟରେ ଇତିହାସ ଦୃଷ୍ଟିରୁ ନୀଳକଣ୍ଠଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ଡ. ନିବେଦିତା ମହାନ୍ତିଙ୍କ ସଂଯୋଜନାରେ ସଂଚାଳିତ ଏହି ସ୍ମୃତିସଭାରେ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ଅତିଥି ପ୍ରଫେସର୍ ଡ. ଅନନ୍ତ କିଶୋର ଜେନା ବିଂଶ ଶତକ ଭାରତର ସାମାଜିକ, ସାଂସ୍କୃତିକ, ରାଜନୀତିକ ପୃଷ୍ଠଭୂମି ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିବା ବେଳେ ଆଞ୍ଚଳିକ, ଜନଜାତି ଓ ଐତିହ୍ୟ ଅଧ୍ୟୟନ ବିଭାଗ ଅତିଥି ପ୍ରଫେସର୍ ଡ. ବଭ୍ରୁବାହନ ମହାପାତ୍ର ନୀଳକଣ୍ଠଙ୍କ ସାରସ୍ୱତ ପ୍ରତିଭା ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ । ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ନୀଳକଣ୍ଠ ଦାସଙ୍କ କାବ୍ୟକୃତି ଓ ଜାତୀୟ ଚେତନା ପ୍ରସଙ୍ଗରେ ଆଲୋକପାତ କରିଥିବା ବେଳେ ଭାଷା ଓ ସାହିତ୍ୟ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ବାସନ୍ତୀ ମହାନ୍ତି ସଂସ୍କାରକ ନୀଳକଣ୍ଠଙ୍କ ସେବା ଓ ସାଧନା ବିଷୟରେ ଆଲୋଚନା କରିଥିଲେ ।

ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ଅତିଥି ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ଏହି ବିଭାଗ ଅତିଥି ଅଧ୍ୟାପିକା ଡ. ଶୁଭସ୍ମିତା ନାୟକ, ଭାଷା ଓ ସାହିତ୍ୟ ବିଭାଗ ଅତିଥି ଅଧ୍ୟାପିକା ଡ. ମୋନାଲି ଚ୍ୟାଙ୍ଗ ଓ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଅତିଥି ଅଧ୍ୟାପିକା ଡ. ସସ୍ମିତା ଜେନା ପ୍ରମୁଖ ନୀଳକଣ୍ଠଙ୍କ ଉଦ୍ଦେଶ୍ୟରେ ସ୍ମୃତିଅର୍ଘ୍ୟ ଅର୍ପଣ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବ୍ୟକ୍ତିତ୍ୱର ଅମଳିନ ଆଭା ଓ ଆଦର୍ଶ ପ୍ରସଙ୍ଗ ଉଲ୍ଲେଖ ପୂର୍ବକ ଶେଷରେ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଶ୍ୱଜିତ ଦଳାଇ, ସାଇପ୍ରସାଦ ପଟ୍ଟନାୟକ, ନିରଞ୍ଜନ ନାୟକ ଓ ଅନ୍ନପୂର୍ଣ୍ଣା ରଥ ନୀଳକଣ୍ଠଙ୍କ ସାରସ୍ୱତ ବ୍ୟକ୍ତିତ୍ୱ ସଂପର୍କରେ କହିଥିବା ବେଳେ ରାଜଶ୍ରୀ ସାହୁ କବିତା ଆବୃତ୍ତି କରିଥିଲେ । ପ୍ରାରମ୍ଭରେ ଆଶାରାଣୀ ବେହୁରା ଓ ତପସ୍ୱିନୀ ପୋଥାଳ ନୀଳକଣ୍ଠ ଦାସଙ୍କ ବିରଚିତ ରାମଚଣ୍ଡୀରେ ରାତି କବିତାରୁ କିୟଦଂଶ ଗାନ କରିଥିଲେ।

# ଦିଲ୍ଲୀରେ ବଢୁଛି ଓଡ଼ିଶାର ଜୈବ ଚାଷର ପ୍ରଶଂସା

ନୂଆଦିଲ୍ଲୀ (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ରାସାୟନିକ ସାରର ବ୍ୟବହାର କମାଇ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ନେଇ ସାରା ଦେଶରେ



ସଚେତନତା ଚାଲିଛି। ଏହି କ୍ରମରେ ଏପିଇଡିଏ ଦ୍ୱାରା ଆଜି ଠୁ ନୋଇଡା ଏକ୍ସପୋ ରେ ଆୟୋଜିତ ହୋଇଛି ଜୈବ କୃଷି ସମ୍ମିଳନୀ। ଏହି ସମ୍ମିଳନୀ ରେ ଓଡ଼ିଶାର ଜୈବ କୃଷିକୁ ମିଳିଛି ବିଶେଷ ପ୍ରଶଂସା । ୮ ତାରିଖ ଯାଏଁ ଆୟୋଜିତ ଏହି ଜୈବ କୃଷି ସମ୍ମିଳନୀ ରେ ଓଡ଼ିଶା କୃଷି ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ଓସୋକା ଅଂଶଗ୍ରହଣ କରିଛି। ଓସୋକାର ଷ୍ଟଲ୍‌ରେ ଓଡ଼ିଶାର କଳା, ସଂସ୍କୃତି ଓ ଜୈବ ଉତ୍ପାଦର ଅନନ୍ୟ ସମନ୍ୱୟ ଦେଖିବାକୁ ମିଳିଛି। ସମ୍ବଲପୁରୀ ପଟ୍ଟଚିତ୍ର ଓ କୋଣାର୍କ ଚକ୍ରରେ ସଜ୍ଜିତ ଏହି ଷ୍ଟଲ୍ ଦିଲ୍ଲୀରେ ଓଡ଼ିଆ ସଂସ୍କୃତିର ସ୍ୱତନ୍ତ୍ର ପରିଚୟକୁ ପ୍ରଦର୍ଶିତ କରିଛି। ଭଦ୍ରକର ଗୁଡ଼, କୁଟିଣ୍ଡା ଲଙ୍କା, କନ୍ଧମାଳ ହଳଦୀ, ବିଭିନ୍ନ ପ୍ରକାରର ମାଣ୍ଡିଆ ଓ ମାଣ୍ଡିଆରୁ ପ୍ରସ୍ତୁତ ସାମଗ୍ରୀ, ଦେଶୀ ବିହନ, ତାଳଗୁଡ଼ ଓ ତାଳମିଶ୍ରି ଭଳି ଓଡ଼ିଶାର ଜୈବ ଉତ୍ପାଦ ଏଠାରେ ପ୍ରଦର୍ଶିତ ହୋଇଛି । ଜୈବ ପ୍ରମାଣନ ଚାଷୀଙ୍କ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବାରେ କିଭଳି ସହାୟକ ହୋଇପାରିବ, ସେନେଇ ଚାଷୀ, ଉଦ୍ୟୋଗୀ ଓ କୃଷି ବିଶେଷଜ୍ଞମାନେ ଆଲୋଚନା କରିଥିଲେ । ଏହି ଅବସରରେ ଓସୋକା ପକ୍ଷରୁ ପ୍ରସ୍ତୁତ ସଫଳ ଜୈବ ଚାଷୀଙ୍କ ସଫଳତାର କାହାଣୀ ସମ୍ବଳିତ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ଜୈବ କୃଷି ଓ ଜୈବ ପ୍ରମାଣନ କ୍ଷେତ୍ରରେ ଓଡ଼ିଶାର କାର୍ଯ୍ୟଶୈଳୀକୁ ସମ୍ମିଳନୀରେ ପ୍ରଶଂସା କରାଯାଇଥିଲା । ଆଗାମୀ ଦିନରେ ଜୈବ କୃଷି ଓ ଜୈବ ପ୍ରମାଣନ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଅଂଶଗ୍ରହଣକାରୀମାନେ ଆଶା ପ୍ରକାଶ କରିଛନ୍ତି ।

## ଫେସ୍‌ବୁକ୍ ପରିଚୟ ପରେ ଦୁଷ୍କର୍ମ : ଫଟୋ ଭାଇରାଲ ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଫେସ୍‌ବୁକ୍‌ରୁ ପରିଚୟ ପରେ ଦୁଷ୍କର୍ମ କରି ଫଟୋ ଉତ୍ତୋଳନ କରିଥିଲା ଅଭିଯୁକ୍ତ ଯୁବକ । ଫଟୋ ଉତ୍ତୋଳନ ସମ୍ପର୍କରେ ପୀଡିତା ଜାଣିନଥିଲେ । ସୋସିଆଲ ମିଡିଆରେ ଫଟୋକୁ ଭାଇରାଲ କରାଇଦେବା ଧମକ ଦେବା ସହ ହ୍ୱାଟ୍‌ସ ଆପ୍‌ରେ ପୀଡିତାଙ୍କ ପାଖକୁ ପଠାଇଥିଲା । ପୀଡିତା ଯୁବତୀ ଭୟଭୀତ ହୋଇ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଯୁବକ ହରେକୃଷ୍ଣ ମହାନ୍ତିକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ରାଜଧାନୀର ଏକ କଲେଜରେ ଅଧ୍ୟୟନ କରୁଥିବା ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ହରେକୃଷ୍ଣର ପରିଚୟ ହୋଇଥିଲା । ହରେକୃଷ୍ଣ ଘର ଭଦ୍ରକ ଜିଲ୍ଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ଡେଲିଭରୀ ବଏ ଭାବେ କାମ କରେ । ସୋସିଆଲ ମିଡିଆରୁ ପରିଚୟ ହେବା ପରେ ଯୁବତୀଙ୍କ ନିକଟତର ହୋଇଥିଲା ଅଭିଯୁକ୍ତ ।

# ଶୁଣିଲାନି ପ୍ରଶାସନ, ରାସ୍ତା ତିଆରି କଲେ ଗ୍ରାମବାସୀ

ଖୋର୍ଦ୍ଧା (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାର ଗୋପପୁରିଆ ପାଟପୁରର ନୂଆସାହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀ। ଆଣ୍ଠୁଏ ପାଣିରେ ପଶି ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବା ଆସିବା କରୁଛନ୍ତି। ଏହି ଯିବା ଆସିବା ଯୋଗୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକମାନେ ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ପ୍ରଶାସନ ଏହା ଶୁଣୁନାହିଁ। ଫଳରେ ଗ୍ରାମର କିଛି ସମାଜସେବୀ ଯୁବକ ଏଥିଲାଗି ବହୁବାର ନେତାମାନଙ୍କୁ ଅନୁରୋଧ କରିଥିଲେ ବି ସେମାନେ କର୍ଣ୍ଣପାତ କଲେନାହିଁ। କିଛି ନେତା ୧ ବର୍ଷ ଅପେକ୍ଷା କରିବାକୁ ମଧ୍ୟ କହିଲେ। ତେବେ ସମାଜସେବୀ ଯୁବକମାନେ ନିଜର ପରିଶ୍ରମ ଓ କଷ୍ଟ ଉପାର୍ଜିତ ଅର୍ଥ ଖଟାଇ ରାସ୍ତା ନିର୍ମାଣ କଲେ। ପ୍ରାୟ ୧୫ ଟ୍ରିପ୍ ମୋହରମ ଆଣି ଜେସିବି ସାହାଯ୍ୟରେ ରାସ୍ତା କାର୍ଯ୍ୟ



ଆରମ୍ଭ କଲେ। ସେମାନେ ମଧ୍ୟ ଫାଉଡା, କୋଦାଳ ସାହାଯ୍ୟରେ ନିଜେ ପରିଶ୍ରମ କରି ଉକ୍ତ ରାସ୍ତାକୁ ମରାମତି କରୁଛନ୍ତି। ଗ୍ରାମର ମୁଖ୍ୟ ରାସ୍ତା ୬ ବାଟାଲିଅନ୍ ଠାରୁ ନୂଆସାହି ପର୍ଯ୍ୟନ୍ତ ଖରାପ ଅଛି।

ଏହି ଗ୍ରାମଟି ଖୋର୍ଦ୍ଧା ଜିଲ୍ଲାର ଅତି ନିକଟସ୍ଥ ହୋଇଥିଲେ ମଧ୍ୟ କୌଣସି ସରକାରୀ ଅଧିକାରୀ ମଧ୍ୟ ଗ୍ରାମକୁ ଯାଉନାହାନ୍ତି। ଏହି ଗ୍ରାମରେ ପିଇବା ପାଣିର ମଧ୍ୟ ଘୋର ଅସୁବିଧା ରହିଛି। ତେବେ ପାଟପୁର ଗ୍ରାମକୁ ଅର୍ଜୁନପୁରା ଗ୍ରାମରୁ ଦୁଇ କିମି ଦୂରରୁ ସରକାରଙ୍କ ପିଇବା ପାଣି ଯୋଗାଣ ବ୍ୟବସ୍ଥା ଅଛି। କିନ୍ତୁ ଏହି ଗ୍ରାମକୁ ପାଣି ଆସୁନାହିଁ। ଏ ନେଇ ଜନ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ

# ଯୋଗାଯୋଗ ବ୍ୟବସ୍ଥାର ପୁନଃସ୍ଥାପନ ଓ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ

ବାରିପଦା, (ସବ୍ୟୁ) : ନିକଟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।



ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଓ ରାଇରଙ୍ଗପୁର ବିଧାୟକ ଜାଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ବିଶେଷକରି ବଡ଼ସାହି ଓ ଉଦଳା ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି, କ୍ଷୟକ୍ଷତି, ରିଲିଫ୍ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ନେଇ ସବିଶେଷ ସମୀକ୍ଷା କରାଯାଇଥିଲା । ମନ୍ତ୍ରୀ ରବିନାରାୟଣ ନାଏକ ପ୍ରାଥମିକତା ଭିତ୍ତିରେ ବିଚ୍ଛିନ୍ନ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାକୁ ଅବିଳମ୍ବେ ସ୍ୱାଭାବିକ କରିବା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ସେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତିର ଆକଳନ ଶୀଘ୍ର ସମ୍ପନ୍ନ କରି ରିପୋର୍ଟ ଦାଖଲ କରିବା ସହ ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ପ୍ରଭାବିତ ପରିବାରମାନଙ୍କୁ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଭବିଷ୍ୟତରେ ବନ୍ୟା ସମୟରେ ଯାତାୟାତ ବ୍ୟାହତ ନ ହେବା ପାଇଁ ଜିଲ୍ଲାର ସମସ୍ତ କଜେୱେର ସର୍ଭେ କରି ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଉଚ୍ଚସ୍ତରୀୟ ସେତୁରେ ପରିଣତ କରିବା ଲକ୍ଷ୍ୟରେ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ବନ୍ୟା ପ୍ରଭାବିତ ଅଞ୍ଚଳର କଚ୍ଚା (ମାଟି) ଘରଗୁଡ଼ିକର ସର୍ଭେ କରି ପ୍ରାଥମିକତା ଭିତ୍ତିରେ ସେଗୁଡ଼ିକୁ ପକ୍କା ଘରରେ ପରିଣତ କରିବା ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଥିଲା । ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଘରଗୁଡ଼ିକର ନକ୍ସାକୁ ବନ୍ୟା ସମେତ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ ଭାବେ ପ୍ରସ୍ତୁତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ହେମକାନ୍ତ ସୟ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଡ଼. ପ୍ରକାଶ ଗୋଗିନାନୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୬୪.୪୨ ଲକ୍ଷ ଟଙ୍କାର ଜାଲିଆତି

# ଭିଜିଲାନ୍ସ ପଞ୍ଝାରେ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଦୁଇ ପୂର୍ବତନ କର୍ମଚାରୀ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏସ୍‌ସିସିବି) ବହଳଦା ଶାଖାରେ ଘଟିଥିବା ୬୪ ଲକ୍ଷ ୪୨ ହଜାର ୭୪ ଟଙ୍କାର ଆର୍ଥିକ ଜାଲିଆତି ଘଟଣାରେ ଓଡ଼ିଶା ଭିଜିଲାନ୍ସ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମାମଲାରେ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଡିଜେନ କୁମାର ମିଶ୍ର ଓ ପୂର୍ବତନ ବ୍ୟାଙ୍କ କର୍ମଚାରୀ ମଳୟ କୁମାର ଦତ୍ତଙ୍କୁ ଗିରଫ କରାଯାଇ ବାରିପଦା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି । ଭିଜିଲାନ୍ସ ପକ୍ଷରୁ ପ୍ରକାଶିତ ସୂଚନା ଅନୁସାରେ, ୨୦୧୯ରୁ ୨୦୨୪ ମଧ୍ୟରେ ଅଭିଯୁକ୍ତମାନେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କ ସହ ମିଶି ୨୪ଟି ପ୍ରକୃତ ଫିକ୍ସଡ୍ ଡିପୋଜିଟ୍‌କୁ ଆଧାର



କରି ଗ୍ରାହକଙ୍କ ଅଜାଣତରେ ଜାଲ୍ ଲୋନ୍ ଏଗେନେଷ୍ଟ ଟର୍ମ ଡିପୋଜିଟ୍ (ଏଲଏଟିଡି) ଖାତା ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେହି ଖାତା ମାଧ୍ୟମରେ ଅର୍ଥ ଉଠାଇ ୬୪,୪୨,୦୭୪ ଟଙ୍କା ହଡ଼ପ କରାଯାଇଥିବା ତଦନ୍ତରେ ସାମ୍ନାକୁ ଆସିଛି । ତଦନ୍ତରେ ଜଣାପଡ଼ିଛି ଯେ, ଗ୍ରାହକଙ୍କ ସମ୍ମତି କିମ୍ବା ଜ୍ଞାନ ବିନା ସେମାନଙ୍କ ଜମାରାଶିକୁ ବ୍ୟବହାର କରି ଜାଲିଆତିପୂର୍ଣ୍ଣ ଋଣ ଖାତା ଖୋଲା ଯାଇଥିଲା । ଏହା ମାଧ୍ୟମରେ ବ୍ୟାଙ୍କର ବିପୁଳ ପରିମାଣର ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ରହିଛି । ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଏବଂ ସମ୍ପୃକ୍ତ ଦଣ୍ଡବିଧି ଧାରାରେ ମାମଲା ରୁଜୁ ହୋଇଛି । ଅନ୍ୟ ତିନିଜଣ ସହ ଅଭିଯୁକ୍ତଙ୍କ ଭୂମିକା ନେଇ ମଧ୍ୟ ତଦନ୍ତ ଜାରି ରହିଛି ।

# ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର



ଭଞ୍ଜନଗର, (ସବ୍ୟୁ) : ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଭଞ୍ଜନଗର ବ୍ଲକ ତରଫରୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ବିଭିନ୍ନ ଦାବୀ ଉପରେ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ, ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ବିଦ୍ୟାଳୟ ଗୁଡିକୁ ଶିକ୍ଷକ, ଶିକ୍ଷା କର୍ମଚାରୀ ନିଯୁକ୍ତି ସହିତ ସରକାରୀକରଣ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ପୁନଃ ପ୍ରଚଳନ ଉପରେ ଦର୍ଶା ଯାଇଛି । ଏଥିରେ ଜିଲ୍ଲା ଓଷ୍ଟା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ବ୍ଲକ ସଭାପତି ଉମାକାନ୍ତ ନାହାକ, ସମ୍ପାଦକ ସତ୍ୟବାନ ସାହୁ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା, ଗୌରୀନନ୍ଦନ ହୋତା, କାମରାଜୁ ଗୌଡ଼, ଅମର ବିଳାସ ବେହେରା, ପ୍ରଦୀପ କୁମାର ଗୌଡ଼, ରାମଚନ୍ଦ୍ର ସାହୁ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯୋଗ ଦେଇ ଦାବି ପ୍ରଦାନ କରିଥିଲେ ।

## ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ ତିଆରି କାରଖାନା

# ୨ ଗିରଫ, ୨ ବନ୍ଧୁକ ଓ ବିଭିନ୍ନ ସାମଗ୍ରୀ ଜବତ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ଧରି ଖୋଳତାଡ଼ କରି ଜଙ୍ଗଲ ଭିତରେ ଚାଲିଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢାଉ କରି ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି ।



ସୂଚନା ଅନୁଯାୟୀ, ଗତକାଲି ରାତିରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଦୁଇ ଜଣ ବ୍ୟକ୍ତି ଦେଶୀ ବନ୍ଧୁକ ନେଇ ଆସିଥିବା ଏବଂ ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଖବର ପାଇ ବାଲିପଦର ଏସଆଇ କେ.ନୀଳାଦ୍ରି ରେଡ୍ଡୀଙ୍କ ନେତୃତ୍ୱରେ ପୋଲିସ ଟିମ ଝୋଲୋରୀ ଓ ବାଲିପଦର ମଧ୍ୟରେ ଦୁଇ ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ । ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଜଡ଼ାପଲ୍ଲୀ ଗ୍ରାମର ସୁବାସ ଗମାଙ୍ଗ (୩୫) ଓ ବିଦ୍ଦୁ ଦଳବେହେରା (୫୦) । ସେମାନଙ୍କୁ ଜେରା କଲା ପରେ ଜଙ୍ଗଲ ଭିତରେ ସେମାନେ ବନ୍ଧୁକ ତିଆରି କରୁଥିବା ଜଣାପଡିଥିଲା । ଫଳରେ ପୋଲିସ ଟିମ ଗାଙ୍ଗପୁର ଓ ସୋରଡ଼ା ମଧ୍ୟସ୍ଥ ସିଆରିମାଳ ଜଙ୍ଗଲ ଭିତରେ ଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢାଉ କରି ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଥିଲେ ।

ଏନେଇ କେସ ନଂ- ୩୮୧/୨୬ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର, ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଏସଆଇ ଅଜୟ ମଲ୍ଲିକ ଓ ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡ୍ଡୀ ଉପସ୍ଥିତ ରହି ସୂଚନା ଦେଇଥିଲେ ।

## ଶିକ୍ଷୟିତ୍ରୀ ବନବାସିନୀ ପାତ୍ରଙ୍କ ପରଲୋକ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବନବାସିନୀ ପାତ୍ର (୪୬)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ତିନି ବର୍ଷ ହେଲା କ୍ୟାନସରରେ ପୀଡିତ ଥିଲେ । ସେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଗତ ୫ ତାରିଖ ସକାଳେ ମୃତ୍ୟୁ ବରଣ କରିଥିଲେ ।



ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ତଥା ପୋଲସରା ଏବିଇଓ ସ୍ୱରୂପ କୁମାର ପାତ୍ର ଏବଂ ଦୁଇ ଝିଅ ଉପସ୍ଥିତ ରହିଥିଲେ । ବ୍ରହ୍ମପୁରସ୍ଥ ଅଳକାପୁରୀ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସେ ଜଣେ କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଥିଲେ । ତାଙ୍କର ମୃତ୍ୟୁରେ ଶିକ୍ଷକ ମହଲ ସାଙ୍ଗକୁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ବାଇକ୍ ଚୋରି ଅଭିଯୋଗରେ ଦୁଇ ଗିରଫ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ସହରରେ ବାଇକ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିବା ସହ ଦୁଇଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ମହାପାତ୍ର ସାହିର ରୁଦ୍ର ପ୍ରତାପ ସାମନ୍ତରାୟ (୨୭) ଏବଂ ତାର ସହଯୋଗୀ ଯାଦବ ସାହିର ଏମ.ଦୀନବନ୍ଧୁ ପାତ୍ର (୨୨)। ପୋଲିସ ସୂଚନା ଅନୁସାରେ ଗତ ୩ ତାରିଖରେ ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମର ଦିପୁ ସାହୁ ଗୋଳିଆ ଗ୍ରାମରେ ରହୁଥିବା ତାଙ୍କ ଭଣଜା ଶୁଭମଙ୍କ ଚିକିତ୍ସା ପାଇଁ ବିଲେଇ ଗଳି ପଛପଟ ଷଡଙ୍ଗୀ କ୍ଲିନିକକୁ ଆସିଥିବା ବେଳେ ତାଙ୍କ ସ୍କୁଟି ଚୋରି ହୋଇ ଯାଇଥିଲା । ଏନେଇ ପୋଲିସରେ ଅଭିଯୋଗ କରିବା ପରେ ଆଖ ପାଖରେ ଲାଗିଥିବା ସିସିଟିଭି ଚେକ କରି ପୋଲିସ ବୁଗୁଡ଼ା ମହାପାତ୍ର ସାହିର ରୁଦ୍ର ପ୍ରତାପ ସାମନ୍ତରାୟଙ୍କୁ ଧରି ଜେରା କରିବା ପରେ ଗତ ୩୧ ତାରିଖରେ ଆହାରକେନ୍ଦ୍ର ନିକଟରୁ ଚିରିକିପଡା ଶାସନ ଗ୍ରାମର ଜୟରାମ ସାହୁଙ୍କ ଚୋରି ଯାଇଥିବା ପାସନ୍‌ପ୍ରୋ ବାଇକ ଏବଂ ଗୋଳିଆ ନିକଟରୁ ଏକ ଆର ୱାନ ଫାଇଭ ବାଇକ ଜବତ କରିଥିଲା ପୋଲିସ। ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ସୁମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।

## ଦୁର୍ଘଟଣା ରୋକିବାକୁ ବୁଲାପଶୁଙ୍କ ବେକରେ ରେଡିୟମ ବେଲ୍ଟ

# ପ୍ରଥମ ପର୍ଯ୍ୟାୟରେ ୭୫ ବୁଲା ଗୋରୁଙ୍କୁ ପିନ୍ଧାଗଲା ବେଲ୍ଟ

ବ୍ରହ୍ମପୁର, (ସବ୍ୟୁ): ସହର ଓ ଜାତୀୟ ରାଜପଥରେ ବୁଲାପଶୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ବ୍ରହ୍ମପୁରରେ ଏକ ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି । ରାତି ସମୟରେ ରାସ୍ତାରେ ବୁଲୁଥିବା କିମ୍ବା ଶୋଇ ରହୁଥିବା ବୁଲା ଗାଈଗୋରୁଙ୍କୁ ଯାନଚାଳକମାନେ ସହଜରେ ଚିହ୍ନଟ କରିପାରିବେ ବୋଲି ସେମାନଙ୍କ ବେକରେ ରେଡିୟମ ବେଲଫ ପିନ୍ଧାଇବା ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିପାଇଁ ୭ଟି ଟିମ୍ ଗଠନ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବିଜିପୁର, ଗୋସାଣୀନୂଆଗାଁ, ଗାନ୍ଧୀନଗର, ଷ୍ଟେସନ୍‌ରୋଡ୍, ହିଲପାଟଣା, ଆସ୍କାରୋଡ୍ ସମେତ ସହରର ବିଭିନ୍ନ ସ୍ଥାନରେ ୭୫ଟି ବୁଲା ଗାଈଗୋରୁ ଓ ଷଣ୍ଢଙ୍କ ବେକରେ ରେଡିୟମ ବେଲଫ ପିନ୍ଧାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ସଭାପତିତ୍ୱ କରିଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଭବାନୀ ଶଙ୍କର ଶତପଥୀ, ସିଟି ପ୍ରାଣୀ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ଜିଲ୍ଲା ଏସ୍ପିସିଏ ସଦସ୍ୟ ଲଳାଟେନ୍ଦୁ ଚୌଧୁରୀଙ୍କ ସମେତ ବହୁ ପଶୁପ୍ରେମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ।

## ବାଲି ଚାଲାଣ ବେଳେ ୪ ହାଇୱା ଜବତ

ଧରାକୋଟ, (ସବ୍ୟୁ) : ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଜେନା ମିଳିତ ଭାବରେ ଚଢ଼ାଉ ବେଳେ ସୋରଡାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଚାରି ଗୋଟି ବାଲି ବୋଝେଇ ହାଇୱା ଜବତ ହୋଇଛି । ଗତ ବୁଧବାର ରାତ୍ରିରେ କୌଣସି ସୂତ୍ରରୁ ଚୋରା ବାଲି ଚାଲାଣ ହେଉଥିବା ନେଇ ଖବର ମିଳିବା ପରେ ଜାତୀୟ ରାଜପଥ ୫୯ ର ଧରାକୋଟ ନିକଟସ୍ଥ ହନୁମାନ ଦ୍ୱାର ଛକରେ ସୋରଡା ପଟରୁ ଆସୁଥିବା ଏହି ଚାରିଟି ଗାଡିକୁ ତହସିଲଦାର ଧରିଥିଲେ । ଗାଡି ଗୁଡିକର କାଗଜ ପତ୍ର ଯାଞ୍ଚ ବେଳେ ଚାଲାନ ଗୁଡ଼ିକ ନକଲି ବୋଲି ଜଣାପଡ଼ିଥିଲା । ଏଣୁ ତୁରନ୍ତ ଧରାକୋଟ ଥାନାକୁ ଖବର ଦିଆଯିବା ପରେ ସବ ଇନ୍ସପେକ୍ଟର ସୁସ୍ମିତା ପଣ୍ଡା ଘଟଣା ସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ଚୋରା ବାଲି ବୋଝେଇ ଗାଡି ଗୁଡିକୁ ହସ୍ତାନ୍ତର କରାଯାଇଥିଲା । ଘଟଣା ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ଖଣି ବିଭାଗ ପକ୍ଷରୁ ଜରିମାନା ଆଦାୟ ପରେ ଗାଡି ଛଡ଼ାଯିବ ବୋଲି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଜାତୀୟ ରାଜପଥ ୫୯ରେ ବିଳମ୍ବିତ ରାତିରେ ଶହଶହ ଟ୍ରକ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି ।

## ସାପ କାମୁଡ଼ାରେ ଜଣେ ମୃତ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ କାଠଗଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସେହି ଗ୍ରାମର ବି. ଯୋଗୀ ପାତ୍ର ବୋଲି ଜଣାପଡିଛି । ଆଜି ସକାଳୁ ବି.ଯୋଗୀ ଘରୁ ବାହାରି ଛେଳି ଚରାଇବା ପାଇଁ ଗ୍ରାମ ନିକଟରେ ଥିବା ଚୈତନ୍ୟପୁର ବିଲମାଳକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ଫଳରେ ବି. ଯୋଗୀ ଘଟଣା ସ୍ଥଳରେ ହିଁ ପଡିଯାଇଥିବା ଦେଖି ସ୍ଥାନୀୟ ଲୋକେ ଏକ ଅଟୋ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଜଣେ ନିହାତି ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି ।

# ବ୍ରାଉନସୁଗର ଜବତ, ୫ ଗିରଫ

ଭଞ୍ଜନଗର, (ସବ୍ୟୁ) : ନିଶା କାରବାର ନିୟନ୍ତ୍ରଣ ଅଭିଯାନରେ ଭଞ୍ଜନଗର ପୋଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି । ମଙ୍ଗଳବାର ଦିନ ପୋଲିସ ପାଟ୍ରୋଲିଂ ସମୟରେ ବୁଡୁଲି ରାସ୍ତାରେ ସନ୍ଦେହଜନକ ଭାବେ ଯାଉଥିବା ଏକ କାର୍ ଓ ଏକ ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି ।

ଏହି ଘଟଣାରେ ସମ୍ପୃକ୍ତ ୫ ଯୁବକଙ୍କୁ ପୋଲିସ ଗିରଫ କରିଛି ପୋଲିସ । ସେମାନଙ୍କ ଠାରୁ ବ୍ରାଉନସୁଗାର ସହ ଏକ ଫୋର୍ଡ ଇକୋସ୍ପୋର୍ଟ କାର୍, ଏକ ହୋଣ୍ଡା ୟୁନିକର୍ଣ୍ଣ ବାଇକ୍, ୪ଟି ମୋବାଇଲ ଏବଂ ନଗଦ ୧୪ ହଜାର ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ନିକଟସ୍ଥ ବାଉଁଶଲୁଣ୍ଡିର ଅମିତ କୁମାର ବେହେରା, ଚଢ଼େୟାପଲ୍ଲୀର ସରୋଜ ମହାନ୍ତି, ଲଣ୍ଡାଜୁଆଳିର ମାନସ ରଞ୍ଜନ ଜେନା, କାହ୍ନୁ ଚରଣ ଜେନା ଓ ଭଞ୍ଜନଗରର ଏ.ଆର ମହାନ୍ତି । ତେବେ ଏହି ମାମଲାରେ ଆଉ ୨ ଜଣ ଫେରାର ରହିଥିବା ଜଣାପଡ଼ିଛି । ସେମାନଙ୍କୁ ମଧ୍ୟ ଗିରଫ ପାଇଁ ଚେଷ୍ଟା କରୁଛି ପୋଲିସ ।

ଏହି ଚଢ଼ାଉରେ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ହୋଇଥିଲା ଭଞ୍ଜନଗର ଏସଡିପିଓ ଡ. ଦୀପକ କୁମାର ମିଶ୍ର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏହି ମାମଲାରେ ଆଉ କିଛି ବ୍ୟକ୍ତି ମଧ୍ୟ ଜଡ଼ିତ ଅଛନ୍ତି । ସେମାନଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି ପୋଲିସ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀଙ୍କ ସମେତ ଏସ୍‌ଆଇ ସମୀର ସେଠୀ, ଲକ୍ଷ୍ମୀଧର ମାହାନ୍ତି, ହାବିଲଦାର ଦିଲ୍ଲୀପ କୁମାର ରାଉତ, କନଷ୍ଟେବଲ ସନ୍ତୋଷ କୁମାରନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ହାୟର ସେକେଣ୍ଡାରୀ ସ୍କୁଲରେ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ବର୍ଷା ଋତୁରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଠିକ୍ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ହାୟାର ସେକେଣ୍ଡାରୀ ସ୍କୁଲ, ମହାରାଜପୁର, ବାରିପଦା ପକ୍ଷରୁ ଏକ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଦେବସ୍ମିତା ବିଶ୍ୱାଳ ସଭାରେ ଅଧ୍ୟକ୍ଷତା କରି କହିଥିଲେ ଯେ, ଜୀବନ ରକ୍ଷା ପାଇଁ ସଚେତନତା ହିଁ ସର୍ବୋତ୍ତମ ଉପାୟ। ବୈଜ୍ଞାନିକ ଜ୍ଞାନ ଓ ସମୟୋପଯୋଗୀ ଚିକିତ୍ସା ଦ୍ୱାରା ସାପ କାମୁଡ଼ାଜନିତ ଅନେକ ଦୁର୍ଘଟଣାକୁ ଏଡ଼ାଯାଇପାରିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଭିଃ। ନାୟକ ଓ ଅଣୁଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଦୀପାଞ୍ଜଳି ପାତ୍ର ଅତିଥି ଭାବେ ଯୋଗଦେଇ ସାପର ବିଭିନ୍ନ ପ୍ରଜାତି, ବିଷଧର ଓ ଅବିଷଧର ସାପର ପାର୍ଥକ୍ୟ, ସାପ କାମୁଡ଼ିଲେ କରଣୀୟ ଓ ବର୍ଜନୀୟ ବିଷୟ, ତୁରନ୍ତ ଚିକିତ୍ସାଳୟକୁ ରୋଗୀଙ୍କୁ ନେବାର ଆବଶ୍ୟକତା ଏବଂ ଅନ୍ଧବିଶ୍ୱାସ ପରିହାର କରି ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବକ୍ତାଦ୍ୱୟ କହିଥିଲେ ଯେ, ସାପ କାମୁଡ଼ା ପରେ ଝାଡ଼ଫୁଙ୍କ କିମ୍ବା ଘରୋଇ ଉପଚାର ଉପରେ ନିର୍ଭର ନକରି ଯଥାଶୀଘ୍ର ସରକାରୀ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସା କରାଇବା ହିଁ ଜୀବନ ରକ୍ଷାର ସବୁଠାରୁ ବିଶ୍ୱସନୀୟ ଉପାୟ । ଅଧ୍ୟାପିକା ସବିତାରାଣୀ ଦାଶ, ରୂପମଞ୍ଜରୀ ବେହେରା, ଦୀପ୍ତିଶ୍ରୀ ବେହେରା, ପ୍ରତିଭା ଦାସ ଓ ମୀରା ସେନାପତି ବକ୍ତବ୍ୟ ରଖିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହ ଗ୍ରାମାଞ୍ଚଳରେ ସାପ କାମୁଡ଼ାଜନିତ ମୃତ୍ୟୁହାର ହ୍ରାସ ପାଇଁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲା । ଶେଷରେ ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**D. C. MOHANTY**
Advocate
Capital Bar Association, Hall No-1
Judicial Court Complex, Bhubaneswar-751014.
Mobile No- 9861132998
E Mail- dc.mohantyadvocate@gmail.com

**PUBLIC NOTICE**

Being instructed by my client VIGYAN BHARATI CHARITABLE TRUST. Bhubaneswar represented through it's Chairman Dr. Tirupati Panigrahi. I would like to inform you all that the Vigyan Bharati Charitable Trust. Bhubaneswar is in physical possession of landed properties belongs to SRI JAI BATRA, which are subject matter in C.S. No- 1932/2026. 'The said Civil Suit has been filed by Vigyan Bharati Charitable Trust, Bhubaneswar in the Court of Junior Civil Judge. Bhubaneswar. Sri Jai Batra is now trying to create third party interest over the properties.

Hence all are cautioned not to deal with the properties which are subject matter in aforesaid Cil Suit No-1932/2026 in order to avoid litigation.

D. C. Mohanty.

**D. C. MOHANTY**
Advocate
Capital Bar Association, Hall No-1
Judicial Court Complex, Bhubaneswar-751014.
Mobile No- 9861132998
E Mail- dc.mohantyadvocate@gmail.com

**PUBLIC NOTICE**

Being instructed by my client VIGYAN BHARATI CHARITABLE TRUST, Bhubaneswar represented through it's Chairman Dr. Tirupati Panigrahi. I would like to inform you all that the Vigyan Bharati Charitable Trust, Bhubaneswar is in physical possession of landed properties belongs to SRI RISHIDEB BATRA. which are subject matter in C.S. No-1933/2026. The said Civil Suit has been filed by Vigyan Bharati Charitable Trust, Bhubaneswar in the Court of Junior Civil Judge. Bhubaneswar. Sri Rishideb Batra is now trying to create third party interest over the properties.

Hence all are cautioned not to deal with the properties which are subject matter in aforesaid Cil Suit No-1933/2026 in order to avoid litigation.

D. C. Mohanty.

# ଲୋକଙ୍କ ଜନଜୀବନ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ : ସ୍ୱାସ୍ଥ୍ୟ ମନ୍ତ୍ରୀ



ବ୍ୟାସନଗର, (ଜିପ୍ର) : ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା'ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀ ମା'ମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ ।

ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ । ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଘଗଗ) ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରିଥିଲେ । ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା ।

ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ତର ପର୍ଯ୍ୟନ୍ତ ଆଣ୍ଟି-ସ୍ନେକ ଭେନମ ଇଞ୍ଜେକସନ ଯୋଗାଇ ଦିଆଯାଇଛି । ବର୍ଷା ଛାଡ଼ିବା ପରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ କମ୍ୟୁନିଟି ମେଡିସିନ ବିଭାଗ ଓ ଏପିଡେମିଓଲୋଜିଷ୍ଟମାନେ ସକ୍ରିୟ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ପ୍ରଭାବିତ ଅଂଚଳ ରେ ଷ୍ଟପ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟ ଜଳ ଫୁଟାଇ ପିଇବା,ଜଳ ଉତ୍ସ ଗୁଡିକର ନିୟମିତ ବିଶୋଧନ ଆବଶ୍ୟକୀୟ ଔଷଧ ର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ପାନୀୟ ଜଳର ଗୁଣବତ୍ତା କ୍ରମାଗତ ଭାବେ ଯାଞ୍ଚ କରିବା, ୩,୦୦୦ରୁ ଅଧିକ ନଳକୂପ ଓ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜନ ଜୀବନର ସୁରକ୍ଷା ଏବଂ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳୀ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ, ଉଦ୍ଧାର କାର୍ଯ୍ୟ, ମେଡିକାଲ ଟିମ ନିୟୋଜନ, ହାଲୋଜେନ ବଟିକା ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ ।

ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ରବୀନ୍ଦ୍ର ନାଥ ମିଶ୍ର, ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ଡଃ ବିଜୟ କୁମାର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ଡଃ ସୁବାଶିଷ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରୀୟ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୋର୍ଟ ପରିସରରେ ଅଭାବନୀୟ ପରିସ୍ଥିତି



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ଗ୍ରାମର ସ୍ୱାମୀ ସ୍ତ୍ରୀଙ୍କର ଗଣ୍ଡଗୋଳ ହେବାରୁ ସ୍ଥାନୀୟ ଶହ ଶହ ଲୋକ ଛିଡା ହୋଇ ଦେଖୁଥିଲେ । ପେଣ୍ଠପାଳ ଅଂଚଳର ଏହି ଦମ୍ପତିଙ୍କର ଏକ ମାମଲା ପରିବାର ଅଦାଲତରେ ଚାଲୁଛି । ଦୀର୍ଘମାସର ବ୍ୟବଧାନ ପରେ ସ୍ୱାମୀ କୋର୍ଟକୁ ଆସିବା ପରେ ସ୍ତ୍ରୀ ତାଙ୍କୁ ଧରି ଟଣା ଓଟରା କରି ସାଙ୍ଗରେ ନେବାପାଇଁ ଜୋର୍ କରୁଥିବାବେଳେ ଏହି ଅଭାବନୀୟ ପରିସ୍ଥିତି ଦ୍ୱାରା କୋର୍ଟ ପରିସର ଗହଳୀପୂର୍ଣ୍ଣ ହୋଇଥିଲା । ସ୍ୱାମୀଙ୍କ ପକ୍ଷରୁ ବିବାହ ବିଚ୍ଛେଦ ମାମଲା ରୁଜୁ କରାଯାଇଥିଲା । ଉଭୟଙ୍କର ଦୁଇଟି ପୁତ୍ର ସନ୍ତାନ ଥିବାବେଳେ ସ୍ୱାମୀ ଏହି ବିଚ୍ଛେଦ ମାମଲା କରିଥିବାରୁ ସ୍ତ୍ରୀ ଏହାର ତୀବ୍ର ବିରୋଧ କରି ତାଙ୍କୁ ସାଙ୍ଗରେ ନେବାପାଇଁ ଉଦ୍ୟମ କରିବାରୁ ଏଥିରେ ସ୍ୱାମୀ ଅମଙ୍ଗ ହେବାରୁ ଏକ ଅଭାବନୀୟ ପରିସ୍ଥିତ ହୋଇଥିଲା । ଜିଲ୍ଲା କୋର୍ଟର ବରିଷ୍ଠ ଅଧିକାରୀ ତଥା ରେଜିଷ୍ଟ୍ରାର ଘଟଣାସ୍ଥଳରେ ପହଁଚି ମାମଲାକୁ ଶାନ୍ତ କରିଥିବା ଜଣାପଡିଛି ।

## ଚୋରା ମଦ ଜବତ, ୯ କୋର୍ଟ ଚାଲାଣ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ ବ୍ୟବସାୟ କାରବାର ହେଉଥିବାର ଅଭିଯୋଗ ହେବାପରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରି ୯ ଜଣ ଚୋରା ମଦ ବ୍ୟବସାୟୀଙ୍କ ନିକଟରୁ ଚୋରା ମଦ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଏମାନେ ହେଲେ ତେର ଗାଁର ରାମଚନ୍ଦ୍ର ସେଠୀ, ପ୍ରଭାକର ପୁରର ରଜତ ରାଉତ, ରାଜଶ୍ରୀ ରାଉତ, ପାଟଳି ପଙ୍କର କୈଳାସ ବେହେରା, ବରେଇର କୈଳାସ ଚନ୍ଦ୍ର ଟୁଡୁ, ଠାକୁରପାଟଣାର ଅମର ସେଠୀ, ବାରୁଅର ବିଭୁତି ସାମଲ, ଜମଧରର ପୂର୍ଣ୍ଣଚନ୍ଦ୍ର ଦାସ ଓ ଅର୍ଜୁନ ଚନ୍ଦ୍ର ବାରିକଙ୍କ ନିକଟରୁ ୧୦୯୬ ଲିଟର ଚୋରା ମଦ, ଦେଶୀ ରନ୍ଧା, ଗୁଡ ପୋଚ୍ ଓ ବିଦେଶୀ ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଉଛି । ଏହି ଚଢାଉ ସମୟରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ର, ଦୀପକ କୁମାର ଜେନା ଓ ଅନ୍ୟ କର୍ମଚାରୀମାନେ ସାମିଲ୍ ଥିଲେ ।

## ଦୁର୍ବୃତ୍ତ କାଟିନେଲେ ଚନ୍ଦନ ଗଛ

ଯାଜପୁରସଦର,(ସ.ବ୍ୟୁ):ଏହି ଥାନା କବିରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରୁ ଦୁର୍ବୃତ୍ତ ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇଛନ୍ତି। ଏନେଇ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର ସଦର ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ମତେ ଶନିବାର ରାତିରେ ଲଗାଣ ବର୍ଷା ସମୟରେ ଦୁର୍ବୃତ୍ତ ବିଦ୍ୟା ମନ୍ଦିରର ପାଚେରୀ ଡେଇଁ ପ୍ରଥମେ ଫାଟକ ସମ୍ମୁଖରେ ଥିବା ସିସି ଟିଭି କ୍ୟାମେରା ଭାଙ୍ଗିଥିଲେ। ଫାଟକ ନିକଟରେ ଥିବା ଚନ୍ଦନ ଗଛକୁ କାଟି ମୂଳରୁ ପ୍ରାୟ ୨ ଫୁଟ ଗୋଲେଇ ୧୨ ଫୁଟ ଲମ୍ବର ବହୁ ଚନ୍ଦନ କାଠକୁ ଚୋରାଇ ନେଇଥିବା ଜଣାପଡ଼ିଛି। ଏସମ୍ପର୍କରେ ଅଭିଯୋଗ କରାଯାଇଥିଲେ ବି ୪୮ ଘଂଟା ପରେବି ପୁଲିସ ଦୁର୍ବୃତ୍ତଙ୍କ ଟେର ପାଇପାରିନି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା

ଯାଜପୁର ,(ସବ୍ୟୁ): ଯାଜପୁର ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଓ ପ୍ରତିଯୋଗିତାରେ ଭାଗ ନେଇ ସଙ୍କୁଳ ସ୍ତର ପାଇଁ ଚୟନିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶୁତୋଷ ବଳ ମଶୁଭ ଉଦ୍ଘାଟନ କରିଥିଲେ।ବିଦ୍ୟାଳୟର ସଭାପତି କହ୍ନାଇ ଚରଣ ମହାନ୍ତି ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଗଦାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟ ସୂର୍ଯ୍ୟମଣି ପଣ୍ଡା, ଅରୁଣ ମହାନ୍ତି, ସୌମ୍ୟ ରଞ୍ଜନ ମହାନ୍ତି, ଆଚାର୍ଯ୍ୟା ପ୍ରତୀକ୍ଷା ମହାନ୍ତିଙ୍କ ସମେତ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଶେଷରେ କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆବର୍ଜନା ପାଣିଟାଙ୍କିରେ ପଡି ଶ୍ରମିକ ମୃତ, ଜଣେ ଗୁରୁତର



କୁଆଁପାଳ,(ସବ୍ୟୁ): ମାହାଙ୍ଗା ଥାନା ଅଧିନ କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ କୁହୁଣ୍ଡା ପଂଚାୟତ କୋଠପଦା ସ୍ଥିତ ମା ଗୌରୀ ପ୍ୟାଲେସ ସମ୍ମୁଖରେ ଏକ ଆବର୍ଜନା ପାଣି ଟାଙ୍କିରେ ପଡି ଜଣେ ଯୁବ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଭର୍ତି ହୋଇଥିବା ଜଣାଯାଇଛି ।

ଖବରରୁ ପ୍ରକାଶ ଆବର୍ଜନା ପାଣି ଟାଙ୍କି ମାଲିକଙ୍କ ଅବହେଳା ଯୋଗୁ ଏହି ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ଆଜି ମଧ୍ୟାହ୍ନରେ ବନଗୁରିଆ ଗ୍ରାମର ପ୍ରଭାକର ସାହୁଙ୍କ ପୁତ୍ର ଘନଶ୍ୟାମ ସାହୁ (୨୨) କୋଠପଦା ସ୍ଥିତ ମା ଗୌରୀ ପ୍ୟାଲେସର ପରିସରରେ ନିର୍ମାଣ ହୋଇ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ଏକ ଆବର୍ଜନା ପାଣି ଟାଙ୍କି ଭିତରେ ଲାଗି ରହିଥିବା ସଟରିଙ୍ଗ ଖୋଲିବା ପାଇଁ ବିନା ସୁରକ୍ଷା ଉପକରଣରେ ଟାଙ୍କି ଭିତରକୁ ଯାଇଥିବା ବେଳେ ଏହି ଟାଙ୍କି ନିକଟରେ ଅନ୍ୟ ଜଣେ ଶ୍ରମିକ ବନଗୁରିଆ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁତ୍ର ପ୍ରମୋଦ ଜେନା (୩୩) ଠିଆ ହୋଇ ରହିଥିଲେ । ତେବେ ଘନଶ୍ୟାମ ଅଣଓସାରିଆ ପାଣି ଟାଙ୍କି ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବା କ୍ଷଣି ଅମ୍ଳଯାନ ଅଭାବରୁ ଅଣନିଶ୍ୱାସୀ ହୋଇ ଚିତ୍କାର କରିଥିଲେ । ପାଖରେ ଠିଆ ହୋଇଥିବା ପ୍ରମୋଦ ତତ୍‌କ୍ଷଣାତ୍ ଟାଙ୍କି ଭିତରୁ ଘନଶ୍ୟାମକୁ ବାହାରକୁ ଆଣିବା ପାଇଁ ଉଦ୍ୟମ କରୁଥିବା ବେଳେ ପ୍ରମୋଦ ମଧ୍ୟ ଅଣନିଶ୍ୱାସୀ ହୋଇ ଏହି ଟାଙ୍କି ଭିତରେ ମୁହଁ ମାଡି ଟାଙ୍କିରେ ଥିବା ପାଣିରେ ପଡି ଯାଇଥିଲେ । ତୁରନ୍ତ ନିକଟରେ ଥିବା ସ୍ଥାନୀୟ ଲୋକ ମାନେ ଟାଙ୍କି ମଧ୍ୟରୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ କୁଆଁପାଳ ଦମକଳ ବାହିନୀ ଗାଡିରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ପ୍ରମୋଦକୁ ମୃତ ଘୋଷଣା କରିଥଲେ । ଘନଶ୍ୟାମ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ମାହାଙ୍ଗା ମେଡିକାଲରେ ଶହ ଶହ ସଂଖ୍ୟାରେ ସ୍ଥାନୀୟ ଗ୍ରାମବାସୀ ପହଂଚି ପ୍ରମୋଦଙ୍କ ମୃତ୍ୟୁକୁ ନେଇ ଉତେଜନା ପ୍ରକାଶ ପାଇବା ସହ ଟାଙ୍କି ମାଲିକଙ୍କୁ ଦାୟୀ କରିଥିଲେ । ଟାଙ୍କି ମଧ୍ୟରେ ପ୍ରବେଶ ପୂର୍ବରୁ ଗୃହ ମାଲିକ ଶ୍ରମିକଙ୍କୁ ସୁରକ୍ଷା ଉପକରଣ ଓ ଆନୁସଙ୍ଗିକ ବ୍ୟବସ୍ଥା କରି ନ ଥିବାରୁ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଲା ବୋଲି ଅଭିଯୋଗ କରିଛନ୍ତି ।

ଖବର ପାଇ ମାହାଙ୍ଗା ପୋଲିସ ମେଡିକାଲ ପରିସରରେ ପହଂଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ପ୍ରମୋଦର ଶବକୁ ଜବତ କରି ଥାନା କେସଂ ନଂ ୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ନିମନ୍ତେ କଟକ ମେଡିକାଲ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ବିମ୍ବାଧର ମଲିକ ସୂଚନା ଦେଇଛନ୍ତି ।

## ନଈଗୁଆଁ ଗ୍ରାମରେ ଚୋରି

ସାଲେପୁର,(ସବ୍ୟୁ) : ସାଲେପୁର ଥାନା ଅନ୍ତର୍ଗତ ନଈଗୁଆଁ ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମାନେ ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ କରିଥିବା ଅଭିଯୋଗ ହୋଇଛି।ଅଭିଯୋଗ ମୁତାବକ ନଈଗୁଆଁ ଗ୍ରାମର ଗୋବିନ୍ଦ ମହାରଣାଙ୍କ ପରିବାର ଲୋକ ଭୁବନେଶ୍ୱର ଅବସ୍ଥାନ କରୁଥିବା ହେତୁ ଘରେ କେହି ରୁହନ୍ତି ନାହିଁ।ଫଳରେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ସମ୍ମୁଖ କବାଟ ଭାଙ୍ଗି ଗୃହକୁ ପ୍ରବେଶ କରି ଗୋଟେ ହିରୋ ହୁଣ୍ଡା ବାଇକ,ପିତଳ ସାମଗ୍ରୀ ଓ କିଛି ସୁନା ମୁଦି ସହିତ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ଲୁଟ ଘଟଣା ସମ୍ପର୍କରେ ଗୋବିନ୍ଦ ଙ୍କ ପୁଅ ସନ୍ତୋଷ କୁମାର ମହାରଣା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ସାଲେପୁର ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।ସେହିପରି ସାଲେପୁର ସାପ୍ତାହିକ ହାଟ ପରିସରରୁ ଜଣେ ବ୍ୟକ୍ତିଙ୍କର ବାଇକ ଚୋରି ହୋଇଥିବା ଜଣାପଡ଼ିଛି।

## ଚିତ୍ରୋତ୍ପଳା ସେତୁରେ ଗର୍ତ୍ତ, ପଥଚାରୀ ଭୟଭୀତ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ଦାୟୀତ୍ୱ ହୀନତା ଓ କର୍ତବ୍ୟରେ ଚରମ ଅବହେଳା କାରଣରୁ କଟିକଟା-ଜୟପୁର ପୂର୍ତ୍ତ ବିଭାଗର ନରେନ୍ଦ୍ରପୁରସ୍ଥିତ ଚିତ୍ରୋତ୍ପଳା ସେତୁ ଉପରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ଏହି ଗର୍ତକୁ ମରାମତି କରାଯିବା ଦିଗରେ ବିଭାଗୀୟ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ପଥଚାରୀମାନେ ଭୟଭୀତ ହୋଇପଡିଛନ୍ତି।ଏହି ସେତୁ ଭୁଷୁଡି କେତେବେଳେ ନିରିହ ଲୋକଙ୍କ ଧନ ଜୀବନକୁ ଲିଭାଇ ଦେବ ତାହା କହି ହେଉନାହିଁ।

## ବ୍ଲକ କଂଗ୍ରେସ କମିଟି ସହ ଜୋନ ଓ ପଞ୍ଚାୟତ ସଭାପତି ସମ୍ପାଦକଙ୍କ ନାମ ଘୋଷଣା

ରାଜନଗର ,(ସବ୍ୟୁ) : ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସୁପାରିଶ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ଅନୁମୋଦନ ରେ ଜିଲ୍ଲା କଂଗ୍ରେସ ସଭାପତି ଡଃ ଦେବସ୍ମିତା ଶର୍ମା ରାଜନଗର ବ୍ଲକ କଂଗ୍ରେସ କମିଟି ସମେତ ଜୋନ ଓ ପଞ୍ଚାୟତ ସଭାପତି ଓ ସାଧାରଣ ସମ୍ପାଦକ ଙ୍କ ନାମ ଘୋଷଣା କରିଛନ୍ତି ।

ବ୍ଲକ ଉପ-ସଭାପତି ଙ୍କ ନାମ ଘୋଷଣା କରାଯାଇଛି। କୋଷାଧ୍ୟକ୍ଷ ଭାବେ ରମାକାନ୍ତ ପ୍ରଧାନ,୩ ଗୋଟି ଜୋନ ର ସଭାପତି ଓ ସାଧାରଣ ସମ୍ପାଦକ ଭାବେ ଯଥାକ୍ରମେ ୩୦ ନଂ ଜୋନ ସଭାପତି ଚିତ୍ତରଞ୍ଜନ କୁଣ୍ଡ, ସାଧାରଣ ସମ୍ପାଦକ ସମରେନ୍ଦ୍ର ପ୍ରଧାନ ୩୧ନଂ ଜୋନ ସଭାପତି ମହେଶ୍ୱର ରାଉତ, ସାଧାରଣ ସମ୍ପାଦକ ବୃନ୍ଦାବନ ଦାସ ୩୨ନଂଜୋନ ସଭାପତି ଏସ.କେ ବାବୁଲ,ସାଧାରଣ ସମ୍ପାଦକ ଭାବେ ଗୋବିନ୍ଦ ଚନ୍ଦ୍ର ବାରିକ ଙ୍କ ସମେତ ୨୯ ଗୋଟି ପଞ୍ଚାୟତ ର ସଭାପତି ଓ ସାଧାରଣ ସମ୍ପାଦକ ମାନଙ୍କ ନାମ ଘୋଷଣା ପରେ ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଜିଲ୍ଲା କଂଗ୍ରେସ ସଭାପତି ଡଃ ଦେବସ୍ମିତା ଶର୍ମା ଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଶୁଭେଚ୍ଛା ଜଣାଇଛନ୍ତି । ଆଗାମୀ ଦିନରେ ତୃଣ ମୂଳ ସ୍ତରରେ ନୂତନ କାର୍ଯ୍ୟକର୍ତ୍ତା ମାନେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିବା ସହ ସଂଗଠନ ସୁଦୃଢ କରିବା ଦିଗରେ କାର୍ଯ୍ୟ କରିବେବୋଲି ସୂଚନା ମିଳିଛି।

## କାମ କରୁନାହିଁ ମୋବାଇଲ ନେଟୱାର୍କ : ଲୋକେ ହୀନସ୍ତା

ଧର୍ମଶାଳା ,(ସବ୍ୟୁ ): ଧର୍ମଶାଳା ଅଂଚଳରେ ଗତ କାଲିଠାରୁ କୌଣସି କମ୍ପନିର ନେଟୱାର୍କ ଆସୁନଥିବାରୁ ଫୋନରେ କଥା ହେବା ବେଳେ ଅନେକ ସମୟରେ ଉଭୟ ପାର୍ଶ୍ୱରେ କଥା କିଛି ଶୁଭୁନାହିଁ। ଏପରିକି ଅନେକ ସମୟରେ ଫୋନ ଲାଗୁ ନାହିଁ. ଫଳରେ ଅନେକ ଗୁରୁତ୍ୱପୂର୍ଣ କାମ ଅଟକି ରହୁଛି। ବର୍ତ୍ତମାନ ସମୟରେ ମୋବାଇଲ ଫୋନ ଗୁରୁତ୍ୱପୂର୍ଣ ହୋଇଥିବା ବେଳେ ଏଥିରେ କଥା ନହୋଇପାରିବା ସମସ୍ତ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି. ଏଥିପ୍ରତି ସମ୍ପୃକ୍ତ କମ୍ପାନୀମାନେ ଅବଗତ ହୋଇ ନେଟୱାର୍କକୁ ଯୁଦ୍ଧକାଳ ଭିତିରେ ଠିକ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ରାଜକନିକା, (ସବ୍ୟୁ): ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ସତଘରିଆ ଗ୍ରାମର ଅବସର ପ୍ରାପ୍ତ ସୈନିକ ତଥା ସମାଜସେବୀ ଅକ୍ଷୟ କୁମାର ନାଥ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ୪୦ ପରିବାରକୁ ଭେଟି ଶ୍ରୀଯୁକ୍ତ ନାଥ ମୁଢ଼ି,ବିସ୍କୁଟ ଆଦି ବାଣ୍ଟିଥିଲେ।ତାଙ୍କ ସହିତ ସରୋଜ ବେହୁରା, ଧନଜୟ ପାଣି ଓ ଦୀପକ ରାଉତ ଉପସ୍ଥିତ ଥିଲେ।ଶ୍ରୀଯୁକ୍ତ ନାଥ ସେନା ବିଭଗରେ ଦୀର୍ଘ ଦିନ କାର୍ଯ୍ୟ କରି ଅବସରର ନେବା ପରେ ବର୍ତ୍ତମାନ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି ।

## ବିଞ୍ଝାରପୁର ବ୍ଲକ ଯାଦବ ମହାସଭାର ବିଡିଓଙ୍କୁ ଦାବିପତ୍ର

ବିଞ୍ଝାରପୁର,(ସବ୍ୟୁ): ବିଞ୍ଝାରପୁର ବ୍ଲକର ବନ୍ୟା ପୀଡିତଙ୍କ ସହାୟତା ଓ ଥଇଥାନ ପାଇଁ ତ୍ୱରିତ ସରକାରୀ ପଦକ୍ଷେପ ଦାବୀ କରି ବ୍ଲକ ଯାଦବ ମହାସଭା ପକ୍ଷରୁ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ଯାଦବ ମହାସଭାର ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ରନାଥ ବେହେରାଙ୍କ ନେତୃତ୍ୱରେ, ଜିଲ୍ଲା ଯାଦବ ମହାସଭାର କର୍ମକର୍ତ୍ତାମାନଙ୍କ ମଧ୍ୟରୁ ସଚ୍ଚିଦାନନ୍ଦ ଗୁରୁ, ଧନେଶ୍ୱର ଦାସ,ପ୍ରଦୀପ କୁମାର ନାୟକ ପ୍ରମୁଖ ବିଞ୍ଝାରପୁର ବିଡିଓଙ୍କୁ ଭେଟି ବିପନ୍ନମାନଙ୍କର ଥଇଥାନ ପ୍ରତି ପ୍ରଶାସନିକ ସମ୍ବେଦନଶୀଳତା ଦାବୀ କରିଥିଲେ ।

## ଅନିୟମିତତା: ହୋମଗାର୍ଡ ନିଯୁକ୍ତି ପାଇଛନ୍ତି ମାନସିକ ଭିନ୍ନକ୍ଷମ

ଯାଜପୁରସଦର, (ସ.ବ୍ୟୁ): ଯାଜପୁର ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଚାଲିଥିବା ବିବାଦ ଆହୁରି ଘନେଇବାରେ ଲାଗିଛି। ମନୋନୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଗତ ଦୁଇ ଦିନ ତଳେ ଅନେକ ଆଶାୟୀ ପ୍ରାର୍ଥୀ ଯାଜପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଅଭିଯୋଗ ଉପରେ କୌଣସି ସ୍ପଷ୍ଟ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ, ବର୍ତ୍ତମାନ ଏକ ସାଂଘାତିକ ଅନିୟମିତତାର ତଥ୍ୟ ସାମ୍ନାକୁ ଆସିଛି। ମାନସିକ ଭିନ୍ନକ୍ଷମ ଭତ୍ତା ଗ୍ରହଣ କରୁଥିବା ଜଣେ ହିତାଧିକାରୀ ଶାରୀରିକ ଓ ମାନସିକ ଦକ୍ଷତା ଆବଶ୍ୟକ କରୁଥିବା ହୋମଗାର୍ଡ ପଦବୀରେ ନିଯୁକ୍ତିରେ ଭର୍ତ୍ତି ହୋଇଥିବା ପରୀକ୍ଷାର ସଓ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, କୋରେଇ ବ୍ଲକ ଏବଂ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଧନତ୍ରୀ ଗ୍ରାମର ଜଣେ ମାନସିକ ଭିନ୍ନକ୍ଷମ ହିତାଧିକାରୀ ଭାବେ ସରକାରୀ ନଥିପତ୍ରରେ ଦର୍ଶାଯାଇଛି। ସେ ଭିନ୍ନକ୍ଷମ ପ୍ରମାଣପତ୍ର ଆଧାରରେ ମାସିକ ୩,୫୦୦ ଟଙ୍କା ଲେଖାଏଁ ଭିନ୍ନକ୍ଷମ ଭତ୍ତା ପାଉଆସୁଛନ୍ତି। ଭତ୍ତା ରେଜିଷ୍ଟରରେ ନିଜର ଟିପଚିହ୍ନ ଦେଇ ସେ ଗତ ଏପ୍ରିଲ, ମଇ, ଜୁନ ଏବଂ ଜୁଲାଇ ମାସର ଭତ୍ତା ରାଶି ଗ୍ରହଣ କରିଛନ୍ତି। ଅନ୍ୟପଟେ ଭିନ୍ନକ୍ଷମ ଜଣକ ହୋମଗାର୍ଡ ନିଯୁକ୍ତି ପାଇଁ ଆବେଦନ କରି ମନୋନୟନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଗତ ଅଗଷ୍ଟ ୭ ତାରିଖ ଦିନ ସେ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟରେ ଯୋଗଦାନ ମଧ୍ୟ କରିଛନ୍ତି। ଜଣେ ବ୍ୟକ୍ତି ଏକା ସଙ୍ଗରେ ମାନସିକ ଭିନ୍ନକ୍ଷମ ଭତ୍ତା ଗ୍ରହଣ କରିବା ସହ ଶାରୀରିକ ଓ ମାନସିକ ଦକ୍ଷତା ଆବଶ୍ୟକ କରୁଥିବା ହୋମଗାର୍ଡ ପଦବୀରେ ନିଯୁକ୍ତି ପାଇବା ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ନିଯୁକ୍ତିରୁ ବାଦ ପଡ଼ିଥିବା ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଜିଲ୍ଲାର ସମ୍ପୂର୍ଣ୍ଣ ହୋମଗାର୍ଡ ମନୋନୟନ ପ୍ରକ୍ରିୟାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିର ମଧୁବନହାଟର ଜ୍ଞାନବିଜ୍ଞାନ ମେଳା

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିର ମଧୁବନହାଟର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ ମେଳା ଉଦଘାଟନ କରିଥିଲେ। ଏହି ସଭାରେ ସଭାପତିତ୍ୱ କରିଥିଲେ ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ପ୍ରଭାକର ସାହୁ, ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବୈଜ୍ଞାନିକ ମେଳା ସାମୁଖ୍ୟ ସୋନାଲି ଶୁଭସ୍ମିତା ସିଂ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶିଶୁମନ୍ଦିର ଶିଶୁବର୍ଗ, ବାଲବର୍ଗ, କିଶୋର ବର୍ଗରେ ମୋଟ ୨୭୭ ଜଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସି ଆର ସିମଦନ ମୋହନ ବେହେରା ଯୋଗଦେଇ କୃତି କୃତି ଛାତ୍ରଛାତ୍ରୀ ବୈଜ୍ଞାନିକ ସାମର୍ଥ୍ୟ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟସି ଆର ସି ରମେଶ ଚନ୍ଦ୍ର ସାଇଁ ଯୋଗ ଦେଇଥିଲେ। ସ୍ଥାନୀୟ ପରିଚାଳନା ସମିତିର ସମ୍ପାଦକ ଅନିଲ କୁମାର ଦିବେଦୀ, ଯୁଗ୍ମ ସମ୍ପାଦକ ପଞ୍ଚାନନ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ଯୋଗଦେଇଥିଲେ ମିତ୍ରଭାନୁନାୟକ, ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକତୁଷାର କାନ୍ତ ଦତ୍ତ, ପବିତ୍ର ମୋହନ ବାରିକ ସୁସ୍ମିତା ମହାନ୍ତି, ପଂଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମମତା ପରିଡା। ବିଚାରକ ମାନେ ମେଳାରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ସାଦର ଶରୀର ଓ ନିପୁଣତା କରିଥିଲେ।

## ନଦୀରୁ ମାଛ ଧରିବାକୁ ଯାଇ ନିଖୋଜ



ମହାକାଳପଡ଼ା, (ସବ୍ୟୁ ): ମହାକାଳପଡ଼ା ଥାନା ଅଧୀନ ପେଟଛେଲା ରାଜସ୍ୱ ସର୍କଲ ଅନ୍ତର୍ଗତ ବରକନ୍ଦା ଗାଁ ର ଚକ୍ରଧର ବେହେରା ସବୁଦିନ ଭଳି ଗୁରୁବାର ଘର ପାଖ ଗୁପ୍ତି ନଦୀକୁ ଜାଲ ପକାଇ ମାଛ ଧରିବାକୁ ଯାଇଥିଲେ । ମାତ୍ର ମଧ୍ୟାହ୍ନ ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକେ ,ପଡୋଶୀମାନେ ବହୁ ଖୋଜା ଖୋଜି କରି ଚକ୍ରଧରଙ୍କ ପତ୍ତା ପାଇନଥିଲେ । ଦେଖିଲେ ଯେ ଗୁପ୍ତଗିରି ସେତୁ ପାଖ ସୁଇସ ଠାରେ ନଦୀ ଅତଡ଼ା ପାଖରେ ଭଉଁରୀ ଜାଲ ପଡିଥିବାର ଦେଖିବାକୁ ପାଇଥିଲେ । କୁମ୍ଭୀର ଭରା ନଦୀରେ ନିଖୋଜ ଚକ୍ରଧରଙ୍କୁ କୁମ୍ଭୀର ଟାଣି ନେଇଥିବାର ସ୍ଥାନୀୟ ଲୋକେ ସନ୍ଦେହ କରନ୍ତି । ଏନେଇ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।

ସୂଚନା ମତେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚିଥିଲେ ବି ଉଦ୍ଧାର କାର୍ଯ୍ୟ ନିମନ୍ତେ ନେଇଥିବା ବୋଟ ଦୀର୍ଘ ସମୟ ଧରି ପମ୍ପ ଦେଇଥିଲେ। ସନ୍ଧ୍ୟାରେ ହେଉପଛେ ନଦୀ ଗର୍ଭରେ ନିଖୋଜ ବ୍ୟକ୍ତି ଙ୍କୁ ଖୋଜା ଖୋଜି ଜାରି ରଖିଛନ୍ତି । ଖବର ପାଇଁ ମହାକାଳପଡ଼ା ଥାନା ଏଏସଆଇ ଦାଶରଥୀ ମହାରଣା ଓ ଅନ୍ୟ ସହଯୋଗୀ ଙ୍କ ସହିତ ଘଟଣାସ୍ଥଳୀ ରେ ପହଂଚି ଥିଲେ। ସେପଟେ ସର୍କଲ ରାଜସ୍ୱ ନିରୀକ୍ଷକ ବିଜୟ ବେହେରା, ସ୍ଥାନୀୟ ସରପଞ୍ଚ ତ୍ରୈଲୋକ ବେହେରା ଓ ମଣ୍ଡଳ ସଭାପତି ତ୍ରିଲୋଚନ ରାଉତ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବାର ଜଣାପଡିଛି । ନିଖୋଜ ସ୍ଥଳୀରେ ଜଣେ ହେଲେ ବନ ବିଭାଗୀୟ କର୍ମଚାରୀ ସନ୍ଧ୍ୟା ସୁଦ୍ଧା ଉପସ୍ଥିତ ହୋଇନଥିବା ନେଇ ବୁଦ୍ଧିଜୀବୀ ମାନେ ନିନ୍ଦା କରନ୍ତି ।

## ପୂର୍ବତନ ଯୁବ କଂଗ୍ରେସ ସଭାପତିଙ୍କ ଜୟନ୍ତୀ ପାଳନ



ନାଉଗାଁ,(ସବ୍ୟୁ) : ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଜୟନ୍ତୀ ଅବସରରେ ସଂଗ୍ରାମ ଜେନାଙ୍କ ସ୍ମୃତି କମିଟି ପକ୍ଷରୁ ନାଉଗାଁ ବ୍ଲକରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା । ଜିଲା ଯୁବ କଂଗ୍ରେସ ସଭାପତି କୁମାର ପ୍ରିତମ ପରିଜାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ଛାତ୍ର ଉପସଭାପତି ସୁନିଲ କୁମାର ମାଟିଆ ଯୋଗ ଦେଇ ସ୍ୱର୍ଗତ ଜେନାଙ୍କ ସାମାଜିକ ଓ ରାଜନୈତିକ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଗ୍ରନ୍ଥାଗାରକୁ ୪୦ରୁ ଅଧିକ ବିଜ୍ଞାନ ପୁସ୍ତକ ପ୍ରଦାନ କରାଯାଇଥିଲା । ପରେ ବ୍ଲକଛକସ୍ଥିତ ଜରାଶ୍ରମରେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୌଭାଗ୍ୟ ରଂଜନ ଜେନା, ମନୋଜ ନାୟକ, କୃପାସିନ୍ଧୁ ଦାସ, କୃତିବାସ ଦାସ, ଜିକୁନ ସ୍ୱାଇଁ, ରାଜେଶ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଛାଡୁଟି ବନ୍ୟା ବଢୁଛି ଦୁର୍ଦ୍ଦଶା, ଉଜୁଡି ଯାଇଛି ୩୫୦ ହେକ୍ଟର ପରିବା ଚାଷ

ପାରାଦୀପ, (ଜି ପ୍ର): ଲଗାଣ ବର୍ଷା ଓ ମହାନଦୀରେ ପାଣି ଆସିବା ଫଳରେ ଜଗତସିଂହପୁର ଜିଲ୍ଲାରେ ଅନେକ ପାଣି ଘେରରେ ଥିଲେ ।ଅନେକ ଲୋକଙ୍କ ଘରେ ପାଣି ମଧ୍ୟ ପଶିଥିଲା । ଏବେ ପାଣି ଛାଡୁଟି ସତ ହେଲେ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଏକର ଏକର ପରିବା ଚାଷ ସମ୍ପୂର୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । କୁଜଙ୍ଗ ବ୍ଲକ ଜିଲ୍ଲାନାସି , ସାହାରାଡିଆ , ବିରିଡି ବ୍ଲକର ଦଳେଇଘାଇ , ମଧ୍ୟ ସାଶନ , ଉତର ସାଶନ , ବିରିଡି , ରଘୁନାଥପୁର , ନାଉଗାଁ ବ୍ଲକ ଡାହାଣିଖିଆ , ପୋକାମୂଳ , ବ୍ରାହ୍ମଣୀ ଗାଁ , ବାଲିକୁଦା ବ୍ଲକ ଓ ତିର୍ତୋଲ ବ୍ଲକର ଅନେକ ଚାଷୀ ମୁଖ୍ୟତ ଏହି ଅଂଚଳର ପରିବା ଚାଷ ପାଇଁ ବେଶ ପ୍ରସିଦ୍ଧ ।

ଏହି ସବୁ ଅଂଚଳର ପ୍ରାୟ ପ୍ରତ୍ୟେକଟି ପରିବାର ପରିବା ଚାଷ ଉପରେ ମଧ୍ୟ ନିର୍ଭରଶୀଳ ଚଳିତ ବର୍ଷ ଏହି ବନ୍ୟା ପାଣି ଓ ଲଗାଣ ବର୍ଷା ପାଣି ଏଠାକାର ପରିବା ଚାଷକୁ ସମ୍ପୂର୍ଣ ନଷ୍ଟ କରି ପକାଇଛି । ଜିଲ୍ଲାରେ ମୋଟ ୩୫୦ ହେକ୍ଟର ପରିବା ଚାଷ କ୍ଷତି ହୋଇଥିବା ଆକଳନ କରାଯାଇଥିବା ବେଳେ ଏବେବି ଅନେକ ଜମିରେ ପାଣି ଜମି କରି ରହିଛି । ପାଣି ସମ୍ପୂର୍ଣ ଛାଡିଗଲା ପରେ ସଠିକ କ୍ଷତି ଆକଳନ କରାଯାଇ ପାରିବ ବୋଲି କୃଷି ବିଭାଗ ପ୍ରକାଶ କରିଛି । ନଦୀ ପାଖ ଗ୍ରାମର ଲୋକ ବିଶେଷ କରି ନଦୀ ପଠା ଓ ପାଖ ଜମିରେ ଏହି ପରିବା ଚାଷ କରିଥାନ୍ତି ।

ଏହି ସମୟରେ ସେମାନେ ପରିବା ଅମଳ କରି ବର୍ଷ ତମାମ ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି। ହେଲେ ଚଳିତ ବର୍ଷ ବନ୍ୟା ଏଠାକାର ପରିବା ଚାଷୀଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେବା ଭଳି ସ୍ଥିତି ସୃଷ୍ଟି କରିଦେଇଛି । ମହାନଦୀ ଓ ଦେବୀନଦୀ ତଥା ଏହାର ଶାଖାନଦୀ କଡରେ ବିଶେଷ କରି ପରିବା ଚାଷ କ୍ଷତି ହୋଇଥିବା ବେଳେ ଏବେ ଚିନ୍ତାରେ ଏଠାକାର ଚାଷୀ । ପରିବା ଚାଷ ଉଜୁଡି ଯିବା ଫଳରେ ବିଶେଷ କରି ବନ୍ଦର ନଗରୀ ପାରାଦୀପ ଅଂଚଳ ପରବର୍ତ୍ତୀ ଅବସ୍ଥାରେ ବିଶେଷ ଭାବେ ପ୍ରଭାବିତ ହେବ ବୋଲି ଜଣାପଡିଛି । ପାରାଦୀପକୁ ଯୋଗାଉଥିବା ପରିବା ଚାଷୀ ମାନେ ଏବେ ସେମାନଙ୍କର ଚାଷକୁ ଚଳିତ ବର୍ଷ ସମ୍ପୂର୍ଣ ଭାବେ ହରାଇ ସାରିଥିବା ବେଳେ ଆଗାମୀ ଦିନରେ ବାହାର ପରିବା ଉପରେ ଏଠାକାର ବାସିନ୍ଦା ବାଧ୍ୟ ହୋଇ ନିର୍ଭର କରିବେ ଓ ପରିବା ସଙ୍କଟ ମଧ୍ୟ ସୃଷ୍ଟି ହେବ । ଜଗତସିଂହପୁର ସଦର , ନାଉଗାଁ ବଜାର , ବିରିଡି ବଜାର , ରାହାମା ବଜାର ଏବଂ ରଘୁନାଥପୁର ବଜାର ଉପରେ ନିର୍ଭର କରୁଥିବା ଲୋକ ମାନେ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେବେ ବୋଲି ଏକ ପ୍ରକାର ନିଶ୍ଚିତ । ବେଳ ଥାଉ ଥାଉ ପ୍ରଶାସନ ଏହି ସମସ୍ୟା ଦୂର କରିବାରେ ଯଥାରୀତି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଗଞ୍ଜେଇ ଚୋରାଚାଲାଣ : ୬ ଅଭିଯୁକ୍ତ କୋର୍ଟ ଚାଲାଣ



ଟାଙ୍ଗୀ,(ସବ୍ୟୁ): ବୁଧବାରି ଅପରାହ୍ନ ରେ ଟାଙ୍ଗୀ ପୁଲିସ ଗଞ୍ଜେଇ ଚୋର ଚାଲଣ ଘଟଣାର ପର୍ଦାଫାସ କରିବା ସହିତ ୬ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଦିନି କୋର୍ଟ ଚାଲାଣ କରିଥିବା ଘଟଣା ସଂପର୍କରେ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ଆଇଆଇସି ରବିନ୍ଦ୍ର କୁମାର ଭୂଜବଳ ପ୍ରକାଶ କରିଛନ୍ତି । ବୁଧବାର ଦିନ ଟାଙ୍ଗୀ ଆଇଆଇସି ଶ୍ରୀ ଭୂଜବଳ ସଦଳବଳେ ପାଟ୍ରୋଲିଙ୍ଗ କରୁଥିବା ବେଳେ କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ କାରରେ ଚୋରାଚାଲାଣ କରାଯାଉଥିବା ସୂଚନା ପାଇ ୧୬ ନମ୍ବର ଜାତୀୟ ରାଜପଥ ର କୁହୁଡି ଟୁଆଟାଙ୍ଗୀ ଛକରେ ଏକ ବୋଲେରୋ ଓଡି ୦୨ ସିଜି ୧୧୭୬ ଓ ହୁଣ୍ଡାଇ ଆଇ ୨୦ ନମ୍ବର ଓଡି ୦୫ ସିଜେ ୯୬୫୮ ରେ ସନ୍ଦେହଜନକ ଭାବେ ଯାଉଥିବା ୬ ଜଣଙ୍କୁ ଅଟକ ରଖି ପଚରାଉଚରା ପରେ ସମୁଦାୟ ୩୨ କିଲୋଗ୍ରାମ ୫୦୦ ଗ୍ରାମ ଗଂଜେଇ ଜବତ କରିଥିଲେ । ଏହି ଘଟଣାର ତଦନ୍ତ ଦାୟିତ୍ୱ ସବଇନସପେକଟର ପ୍ରଦିପ ରାଉତରାୟ ଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଥାନା କେସ ନମ୍ବର ୫୭୬/୨୦୨୬ରେ ଏକ ମୋକଦମା କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ ପରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଥିବା ସୂଚନା ମିଳିଛି ।

# ଡିକି ଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ ଘଟଣା

## ଯୁବକ ଗିରଫ : ୭୦ ହଜାର ଟଙ୍କା ସହ ଆପାଚି ଜବତ

ଦଶପଲ୍ଲା,(ସବ୍ୟୁ): ଡ଼ିକି ଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ ଘଟଣା ରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣଙ୍କ ଁ ଗଂଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମର ଏ.ରଞ୍ଜିତ ରାଓ(୪୩) ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି । ଏହାସହ ପୋଲିସ ତା ଠାରୁ ଚୋରି ହୋଇଥିବା ଦେଢଲକ୍ଷ ଟଙ୍କା ରୁ ୭୦ ହଜାର ଟଙ୍କା ସହ ଏକ ଆପାଚି ବାଇକ ଜବତ କରିଛି । ଏହି ଘଟଣାରେ ରଞ୍ଜିତର ସାଥି ସୋନପୁର ଜିଲ୍ଲାର ମିନା ଓରଫ ଦୟାସାଗର ଛତ୍ରୀଆ ଫେରାର ଥିବା ପୋଲିସ କହିଛି । ଗତ ମଙ୍ଗଳବାରଦିନ ସ୍ଥାନୀୟ ଅନ୍ଧରକୋଟ କୈଳାଶପୁର ଗ୍ରାମର ସମୀର ବରାଡ଼ ଗୋଲଡ଼ ଲୋନ ଟଙ୍କା ସୁଝିବା ପାଇଁ ଦଶପଲ୍ଲା ଷ୍ଟେଟବ୍ୟାଙ୍କ ଶାଖାରୁ ଦେଢଲକ୍ଷ ଟଙ୍କା ଉଠାଣ କରି ବାଇକ ଡିକିରେ ରଖିଥିଲେ । ପରେ ସେ ସେହିଟଙ୍କା କୁ ଡିକିରେ ରଖି ଗୋଲଡ଼ ଲୋନ ଟଙ୍କା ସୁଝିବା ପାଇଁ ଆଇ ସି ଆଇ ସି ଆଇ ବ୍ୟାଙ୍କକୁ ଯାଇଥିଲେ । ସେଠାରେ ସେ ତାଙ୍କ ବାଇକ ରଖି ବ୍ୟାଙ୍କ ଭିତରକୁ ଯାଇ ସେଠାରୁ ଫେରି ଦେଖନ୍ତି ତ ବାଇକ ଡିକି ଭଙ୍ଗା ଯାଇଥିବା ବେଳେ ଡ଼ିକିରେ ଥିବା ଟଙ୍କା ନାହିଁ । ଏ ସମ୍ପର୍କ ରେ ସମୀର ଦଶପଲ୍ଲା ଥାନା ରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ୨୦୩/୨୦୨୬ ରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଆରମ୍ଭ କରାଯାଇଥିଲା । ପୋଲିସ ତଦନ୍ତ କରିବାକୁ ଯାଇ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିଥିଲା । ସିସିଟିଭି ରେ ରଞ୍ଜିତ ଏବଂ ମିନା ଏହି ଟଙ୍କା ନେଇଥିବା ଜଣା ପଡିବା ପରେ ପୋଲିସ ପକ୍ଷରୁ ରଞ୍ଜିତଙ୍କ ଘର ଉପରେ ଚଢ଼ାଉ କରି ଚୋରି ଯାଇଥିବା ଦେଢଲକ୍ଷ ଟଙ୍କା ମଧ୍ୟରୁ ହଜାର ଟଙ୍କା ଜବତ କରିଥିଲା । ଅବତ ଟଙ୍କାକୁ ଅଭିଯୋଗ କାରୀ ସମୀରଙ୍କୁ ଫେରସ୍ତ କରିଥିବା ବେଳେ ରଞ୍ଜିତକୁ କୋର୍ଟ ଚାଲାଣ କରିଛି । ଜାମିନ ନା ମଞ୍ଜୁର ହେବାରୁ ରଞ୍ଜିତକୁ ଦଶପଲ୍ଲା ସବଜେଲକୁ ପଠାଇଦେଇଛି । ରଞ୍ଜିତ ନାମରେ ଗଂଜାମ, ବଲାଙ୍ଗୀର,ନୂଆପଡା, କଳାହାଣ୍ଡି, ମୟୁରଭଞ୍ଜ, ବରଗଡ, ଅନୁଗୁଳ, କୋରାପୁଟ,ଝାରସୁଗୁଡା ଜିଲ୍ଲାର ବିଭିନ ଥାନାରେ ରଞ୍ଜିତ ନାମରେ ବିଭିନ୍ନ ମୋକଦ୍ଦମା ଥିବା ଜଣାପଡ଼ିଥିବା ବେଳେ କେତେକ ମୋକଦ୍ଦମାରେ ସେ ଫେରାର ଆସାମୀ ଥିବା ପୋଲିସ ଜାଣିବାକୁ ପାଇଛି ।

# ଦୀପ ତିଆରି କରି ଘର ଚଳାଉ ଥିବା ଦଶମ ଶ୍ରେଣୀ ଛାତ୍ରଙ୍କ କୁକୁର କାମୁଡ଼ାରେ ମୃତ



ଗୋପ, (ସବ୍ୟୁ): ଦୀପ ତିଆରି କରି ଘର ଚଳାଉ ଥିବା ଜଣେ ଦଶମ ଶ୍ରେଣୀ ଛାତ୍ର ବୁଲା କୁକୁର କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଜଣା ପଡ଼ିଛି । ଗାପ ଥାନା ଅନ୍ତର୍ଗତ ବେଦପୁର ପଂଚାୟତ ହନ୍ତସରା ଗ୍ରାମର ବିଜୟ କୁମାର ବିଶୋଇଙ୍କ ପୁଅ ଇନ୍ଦ୍ରଜିତ ବିଶୋଇ(୧୪) ନିକଟସ୍ଥ ମାଭୁଆସୁଣି ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଗତ ୧୦ ଦିନ ତଳେ ନିକଟସ୍ଥ ବେଦପୁର ଗ୍ରାମରୁ ଟିଉସନ ସାରି ଘରକୁ ଫେରୁଥିଲେ । ରାସ୍ତାରେ ଦୁଇଟି ବୁଲା କୁକୁର ତାଙ୍କୁ ଗୋଡେଇ ଗୋଡେଇ କାମୁଡି ରକ୍ତାକ୍ତ କରିଥିଲେ । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ର ଜଣକ ଘରକୁ ଆସିଥିଲେ । ଇନ୍ଦ୍ରଜିତର ଜ୍ୱର ହେବାରୁ ପରିବାର ଲୋକେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲ ନେଇଥିଲେ ।ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା ।ତେବେ ବୁଧବାର ଦିନ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା । ଇନ୍ଦ୍ରଜିତର ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।ସୂଚନା ଥାଉକି ବାପା ବିଜୟ କୁମାର ବିଶୋଇଙ୍କର ବିଦ୍ୟୁତ ଆଘାତରେ ଦୁଇ ଗୋଡ଼ କଟିଥିବା ବେଳେ ଏକ ମାତ୍ର ପୁଅ ଇନ୍ଦ୍ରଜିତ ସାହା ଭରସା ଥିଲେ । ମୃତ ଇନ୍ଦ୍ରଜିତ ଦୀପ ତିଆରି କରି ପରିବାର ଭରଣ ପୋଷଣ କରୁଥିବା ଗ୍ରାମବାସୀ ମାନେ କହିଛନ୍ତି ।ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ରଥଯାତ୍ରାରେ ମୃତ ମହିଳାଙ୍କ ପରିବାରକୁ ଭେଟିଁଲେ ବିଧାୟକ

ସାକ୍ଷୀଗୋପାଳ ,(ସବ୍ୟୁ): ଚଳିତ ବର୍ଷ ରଥଯାତ୍ରାର ଅଧରପଣା ସମୟରେ ଭିଡ଼ରେ ଗୁରୁତର ଓ ପରେପରେ ମତ୍ୟୁ ବରଣ କରିଥିବା ମହିଳାଙ୍କ ପରିବାରକୁ ମଙ୍ଗଳବାର ସତ୍ୟବାଦୀ ବିଧାୟକ ତଥା ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓମ ପ୍ରକାଶ ମିଶ୍ର ଭେଟି ସମବେଦନା ଜଣାଇଛନ୍ତି । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ପଞ୍ଚାୟତ ପଥୁରିଆସାହି ଗ୍ରାମର କାଶୀନାଥ ଦାସଙ୍କ ପନିୀ ସ୍ୱର୍ଗତ କୁନି ନାୟକଙ୍କ ଦୁଃଖଦ ଖବର ପାଇବା ବେଳକୁ ବିଧାୟକ ବନ୍ୟାଞ୍ଚଳ ରେ ବ୍ୟସ୍ତ ରହିଥିବାରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ନିକଟରେ ପହଞ୍ଚିବାପରେ ବିଳମ୍ବିରେ ପହଞ୍ଚି ସାନ୍ତ୍ୱନା ପ୍ରଦାନ କରିବା ସହ ସରକାରଙ୍କ ପକ୍ଷରୁ ଯେଉଁ ସମସ୍ତ ସହାୟତା ମିଳିପାରିବ, ସେସବୁ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର,ଓ ସୁବାଷ ଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

# ଜିଞ୍ଜର ସମେତ ମଦ ଜବତ, ୪ ଗିରଫ




ବାଲୁଗାଁ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ସ୍କାର୍ଡ ଟିମ ଗୁରୁବାର ସକାଳେ ବାଣପୁର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣରେ ଜିଂଜର ଓ ଦେଶୀ ମଦ ଜବତ କରିଛନ୍ତି ।ଏଥିରେ ସମ୍ପୃକ୍ତ ୪ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଶାଳିଆ ଡ୍ୟାମ କଲୋନୀର ଦୁର୍ଯ୍ୟୋଧନ ପ୍ରଧାନ, ତାଙ୍କ ଠାରୁ ୧୦୮ ଟି ଜିଂଜର ବୋତଲ ଜବତ ହୋଇଛି । ସେହିପରି ସାନ ସିରେଇପୁର ଗ୍ରାମର ପ୍ରତାପ ସୁନ୍ଦରାୟଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ଝଂଟିକାପଲ୍ଲୀ ଗ୍ରାମର ସୁବ୍ରତ ପରିଡାଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଏବଂ ବଡକୁଳ ଗ୍ରାମର ରାହୁଲ ସାହୁଙ୍କ ନିକଟରୁ ୧୫ ଲିଟର ଏହିପରି ମୋଟ ୭୨ ଲିଟର ଦେଶୀ ମଦ ଜବତ କରାଯାଇଛି । ଏ ନେଇ ବିଭାଗୀୟ ତରଫରୁ ପୃଥକ ଭାବେ ୪ ଗୋଟି ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏସ ଆଇ ବିଜୟ କୁମାର ମଲ୍ଲିକ, ଏ ଏସ ଆଇ ରାମଚନ୍ଦ୍ର ଜେନା,ସୁମତି ମହାନ୍ତି, ମୀନକେତନ ମାହାଳିକ, କନେଷ୍ଟବଳ ରଞ୍ଜିତ ପଟେଲ, ସତ୍ୟବନ୍ତ ମାଝୀ, ସସ୍ମିତା ସେଠୀ, ଶୋଭିତା ମଲ୍ଲିକ,ପବିତ୍ର ଦାସ, ଶଙ୍କର୍ଷଣ ରାଉତ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

# ଅସ୍ଥାୟୀ ବନ କର୍ମଚାରୀଙ୍କୁ ମିଳିନି ୩ ମାସର ଦରମା

ଗଣିଆ ,(ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ଅସ୍ଥାୟୀ ବନକର୍ମଚାରି (ଓ୍ୱାଚର )ମାନଙ୍କୁ ୩ ମାସର ଦରମା ମିଳିନଥିବା ଅଭିଯୋଗ ହୋଇଛି । ଏ ନେଇ ଅସ୍ଥାୟୀ ବନକର୍ମଚାରି ମାନେ ବୁଧବାର ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଗଷ୍ଟ ମାସ ୧୦ ସୁଦ୍ଧା ସେମାନଙ୍କୁ ଦରମା ନ ମିଳିଲେ ଅଗଷ୍ଟ ୧୧ତାରଖ ଠାରୁ କାର୍ଯ୍ୟରୁ ନିବୃତ ରହି ଆନ୍ଦୋଳନ କରିବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଛାମୁଣ୍ଡିଆ ବନାଞ୍ଚଳରେ ୧୧ବିଟ ଅଂଚଳରେ ପାଖାପାଖି ଦୁଇଶହ ଅସ୍ଥାୟୀ ବନକର୍ମଚାରି କାର୍ଯ୍ୟ କରୁଛନ୍ତି । ସେମାନେ ନିଜ ଜୀବନକୁ ବାଜି ଲଗାଇ ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା କରି ଆସୁଛନ୍ତି । କେତେବେଳେ ବନ୍ୟଜନ୍ତୁଙ୍କ ଆକ୍ରମଣର ଶିକାର ହେଲେଣି ତ ଆଉ କେତେବେଳେ ଜଙ୍ଗଲ ମାଫିଆମାନଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପକ୍ଷେ ମାସମାସ ଧରି ପାରିଶ୍ରମିକ ନ ମିଳିବାରୁ ଦୋକାନୀମାନେ ଜିନିଷପତ୍ର ବାକିରେ ଦେଉନଥିବା କହିଛନ୍ତି । ସେହିପରି ପିଲାମାନଙ୍କ ପଢାପଢି ଓ ଘରର ଅନ୍ୟାନ୍ୟ ଖର୍ଚ୍ଚରେ ବହୁ ଅସୁବିଧାର ସନମୁଖୀନ ହେଉଛନ୍ତି । ଏହି ଅସ୍ଥାୟୀ ବନ କର୍ମଚାରୀମାନେ ଯଦି କାର୍ଯ୍ୟରୁ ନିବୃତ ରହି ଆନ୍ଦୋଳନକୁ ଓହ୍ଲାଇବେ ତେବେ ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା କିପରି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ସମୀକ୍ଷା ବୈଠକ



ବଡମ୍ବା, (ସବ୍ୟୁ):କଟକ ଜିଲ୍ଲା ଡମ୍ବା ଶିକ୍ଷାମଣ୍ଡଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ବଡମ୍ବା ପରିସରରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ସମସ୍ତ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନଙ୍କ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବଡମ୍ବା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ବଡମ୍ବା ଗୋଷ୍ଠୀ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା ଓ କୈଳାଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ଚରଣ କମଳରେ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ରୂପରେଖ ଉପରେ ଚର୍ଚ୍ଚା କରାଯାଇଥିଲା । ବିଦ୍ୟାଳୟରେ ପ୍ରବେଶ ୯ଟା ୩୦ ରୁ ଆରମ୍ଭ ହୋଇ ୪ଟା ୩୦ ପର୍ଯ୍ୟନ୍ତ ପାଠପଢା ସହ ପ୍ରାର୍ଥନା ସଭା କିପରି ସରସ ସୁନ୍ଦର ହେବ ଏବଂ ପ୍ରତିଦିନ ପ୍ରାର୍ଥନା ସଭାରେ ବନ୍ଦେମାତରମ ସହ ଜାତୀୟ ସଂଗୀତ ଗାନ କରାଯିବା ସହ ଖବରକାଗଜ ପଢିବା ଦିଗରେ ବେଶୀ ଗୁରୁତ୍ୱ ପ୍ରଦାନ କରିଥିଲେ । ଲେସନ ନୋଟ ଲେଖିବାଠାରୁ ଆରମ୍ଭ କରି ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋଚନା ସହ ଉନ୍ନତ ମାନର ମଧ୍ୟାହ୍ନ ଭୋଜନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଚଳିତ ବର୍ଷ ନବୋଦୟ ସହ ତୃତୀୟ ପଞ୍ଚମ ବୃତ୍ତି ଏବଂ ଆଗାମୀ ଅଗଷ୍ଟ ୧୫ ଉପଲକ୍ଷେ ବିଦ୍ୟାଳୟମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ସହ କାର୍ଯ୍ୟକ୍ରମ କରିବା ପାଇଁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସର୍ବଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

# ଲୋକଙ୍କ ଅଭିଯୋଗ ଶୁଣିଲା ପ୍ରଶାସନ

ଫୁଲନଖରା (ସବ୍ୟୁ):ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ଶାସନ ପଞ୍ଚାୟତ କାର୍ଯ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ସର୍ବମୋଟ ୫୩ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା । ସମସ୍ତ ଅଭିଯୋଗର ଶୁଣାଣି କରାଯିବା ସହ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଛି । ବାରଙ୍ଗ ବ୍ଲକ ବିଡିଓ ସ୍ୱାଗତ ଦାସଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପାବାଳା ଜେନା ଶିବିରରେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ଶୁଣିଥିଲେ । ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ସାଧାରଣ ଲୋକଙ୍କ ସମସ୍ୟାର ଦ୍ରୁତ ସମାଧାନ ସହ ସରକାରୀ ସେବାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱବାନ ଓ ଲୋକାଭିମୁଖୀ କରିବାରେ ସହାୟକ ହେଉଛି ବୋଲି ମତ ପ୍ରକାଶ ପାଇଥିଲା ।

# ବାକିରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

## ସରକାର ଦେଉଥିବା ଟଙ୍କା ଠାରୁ ବଜାର ଦର ଦୁଇଗୁଣା

ଭାପୁର,(ସବ୍ୟୁ): ଗର୍ଭବତୀଙ୍କ ଠାରୁ ଆରମ୍ଭ କରି ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟର ଯନି ନିମନ୍ତେ ପୁଷ୍ଟିକର ଖାଦ୍ୟ ଯୋଗେଇ ଦିଆଯାଉଛି । ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଶିଶୁଙ୍କୁ ଅଣ୍ଡା,ଛତୁଆ ଠାରୁ ଆରମ୍ଭ କରି ରନ୍ଧା ଖାଦ୍ୟ ଯୋଗେଇ ଦିଆଯାଉଛି । ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟ ତୁଳନାରେ ବର୍ତ୍ତମାନ ବଜାର ଦାମ ଦୁଇ ଗୁଣା ବଢ଼ି ଯାଇଛି କିନ୍ତୁ,ଭାପୁର ବ୍ଲକରେ ରହିଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ମିଳୁଥିବା ଟଙ୍କାର ପରିମାଣ ବୃଦ୍ଧି କରାଯାଇ ନାହିଁ । ଗତ କିଛି ମାସ ହେଲା ଚାଉଳ ଠାରୁ ଆରମ୍ଭ କରି ତେଲ,ଲୁଣ,ଜାଳେଣି ଆଦି ପ୍ରତ୍ୟକ ଜିନିଷର ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ପାଇଛି ।କିନ୍ତୁ, ସରକାର ପୂର୍ବବତ ଟଙ୍କା ପ୍ରଦାନ କରୁଛନ୍ତି । ଏହିଭଳି କ୍ଷେତ୍ରରେ ଅଙ୍ଗନୱାଡି କେନ୍ଦ୍ର କିପରି ଭାବରେ ଚାଲିବ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀ ବାଳିକା,ଗର୍ଭବତୀ ଓ ଶିଶୁଙ୍କୁ ଅଣ୍ଡା ଯୋଗାଣ ପାଇଁ କୌଣସି ଅନୁଦାନ ଆସୁନାହିଁ । ଫଳରେ,ଅଙ୍ଗନୱାଡି କର୍ମୀମାନେ ଧାରକରଜ କରି ଅଙ୍ଗନୱାଡି ଚଳାଉଥିବା ଦେଖାଯାଉଛି । ସରକାରୀ ସ୍ତରରେ ହରଡ଼ ଡାଲି କେଜି ପ୍ରତି ୬୫ ଟଙ୍କା ମିଳୁଥିବାବେଳେ ଏହାର ବଜାର ଦର ୧୪୦ ଟଙ୍କା ହେଲାଣି । ସେହିପରି,ସୋରିଷ ତେଲ କେଜି ପ୍ରତି ୭୪ ଟଙ୍କା ମିଳୁଥିବା ବେଳେ ବଜାର ଦର ୨ଶହ ଟଙ୍କା ଟପିଲାଣି,ଅଣ୍ଡା ଟ୍ରେ ପ୍ରତି ୨ଶହ ଟଙ୍କା ମିଳୁଥିବାବେଳେ ବଜାର ଦର ୨୭୦ ଟଙ୍କା ହେଲାଣି ।ପନିପରିବା କେଜି ପ୍ରତି ୧୦ ଟଙ୍କା ମିଳୁଥିବାବେଳେ ଏହାର ବଜାର ଦର ଆକାଶ ଛୁଆଁ ହେଲାଣି ।ଗୋଟିଏ ଶିଶୁ ପାଇଁ ମସଲାମସଲି ୧୮ ପଇସା ରହୁଥିବାବେଳେ ବର୍ତ୍ତମାନ ଏହାର ଦର ୧୦ ଗୁଣା ବଢିଛି । ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ଅଙ୍ଗନବାଡି କର୍ମୀ ଟିଏ କିପରି ଭାବରେ ଶିଶୁକୁ ପୁଷ୍ଟିକର ଖାଦ୍ୟ ଯୋଗେଇବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ରାଜ୍ୟ ସରକାରଙ୍କ ଶିଶୁଙ୍କ ପ୍ରତି ଉପହାସ ବୋଲି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଚର୍ଚ୍ଚା ହେଉଛି ।

# ସଡକ ଦୁର୍ଘଟଣାରେ ଯୁବକ ଗୁରୁତର

ବାଲିପାଟଣା ,(ସବ୍ୟୁ): ସରଦେଇପୁର୍ ନିମାପଡ଼ା ରାସ୍ତାର ଅଠାନ୍ତର ଛକ ନିକଟରେ ଜଣେ ଯୁବକ ଭାରସାମ୍ୟ ହରାଇ ଏକ ପାଣି ଟାଙ୍କିରେ ପିଟି ହୋଇ ଗୁରୁତର ହୋଇଥିଲଶ ବେଳେ ବଜାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ତାଙ୍କର ଅସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲେ । ସେ ହେଉଛନ୍ତି ନିଆଳି ଥାନା ଅନ୍ତର୍ଗତ ଦହିଜଙ୍ଗ ଗ୍ରାମର ଲୋକନାଥ ସାହୂଙ୍କ ପୁଅ ଶିବ ସାହୂ (୪୫) ବୋଲି ଜଣାପଡ଼ିଛି ।ସେ କୌଣସି ଏକ ର୍ନିଦ୍ଦିଷ୍ଟ କାମରେ ଭୁବନେଶ୍ୱର ଯାଇ ଘରକୁ ଫେରୁଥିଲେ । ଅପରାହ୍ନ ୩ ଟା ସମୟରେ ହଠାି ସେ ଭାରସାମ୍ୟ ହରାଇ ଅଠାନ୍ତର ଛକ ବୁଲାଣି ମୁଣ୍ଡରେ ଥିବା ଏକ ପାଣି ଟାଙ୍କିରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇ ଥିଲେ ।

## ପୋଖରୀରେ ବୁଡ଼ି ଜଣେ ମୃତ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧିନରେ ଜଣେ ବ୍ୟକ୍ତି ଗାଁ ପୋଖରୀ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି ମୃତକ ଜଣକହରିରାଜପୁର ଗ୍ରାମର ସନ୍ତୋଷ ପ୍ରଧାନ(୪୫) ବୋଲି ପରିଚୟ ଜଣାପଡିଛି । ସୁଚନାନୁଯାଇ ସନ୍ତୋଷ ଘରୁ ବାହାରକୁ ଯାଇଥିଲେ । ଗୁରୁବାର ପୂର୍ବାହ୍ନ ୧୦ଟାରେ ଗାଁ ପୋଖରୀ ଯାହାର ନାମ ପିତାପାଣିଆରେ ଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଫାଣ୍ଡି ପୋଲିସ ପୋଖରୀରୁ ମୃତ ଶରୀରକୁ ଉଦ୍ଧାର କରିଥିଲେ । ଏନେଇ ମୃତକଙ୍କ ପୁଅ ସମ୍ବିତ ପ୍ରଧାନ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ନୀଳମାଧବ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ




କଣ୍ଟିଲୋ ,(ସବ୍ୟୁ): ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ମାନଙ୍କର ପ୍ରବେଶ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି ।ଅନୁଷ୍ଠାନର ଅଧକ୍ଷା ନନ୍ଦିତା ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ କଳା, ବିଜ୍ଞାନ ଓ ଧନ୍ଦା ମୂଳକ ଶିକ୍ଷା ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମସ୍ତ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସଓ୍ୱାଗତ କରାଯାଇଥିଲା ।ଅଧ୍ୟାପକ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ପ୍ରଥମ ପର୍ଯ୍ୟାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟିଲୋ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଜଳ ମହାରଣା,ଓମ ପ୍ରକାଶ ସାହୁ,ହୃଷିକେଶ ମିଶ୍ର, ଶରତ କୁମାର ସାହୁ ଓ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ ।ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଖଣ୍ଡପଡା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସଓ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ।ଅନ୍ୟତମ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ରଘୁନାଥ ସଓ୍ୱାଇଁ, ନୟାଗଡ଼ ଜିଲ୍ଲା ଜଳସମ୍ପଦ ବିଭାଗ ସହ ର୍ନିବାହୀ ଅଧିକାରୀ ଶିବଶଙ୍କର ବେହେରା ଓ କଣ୍ଟିଲୋ ସହକାରୀ ଯନ୍ତ୍ରୀ ଇଂ ରାମମୋହନ ବେହେରା ଓ ସମାଜସେବୀ ଅଖିଳ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।ପରିଶେଷରେ ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ବାରିକ ନୂତନ ବିଦ୍ୟାର୍ଥୀମାନଙ୍କ ମାର୍ଗ ଦର୍ଶନ କରିବା ସହ ଭଲ ପାଠ ପଢି ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ସବୁଜ ବିପ୍ଳବର ସଂକଳ୍ପ ନେଲା ବୟାଳିଶମୌଜା ବିକାଶ ପରିଷଦ

ଫୁଲନଖରା (ସବ୍ୟୁ): ପରିବେଶ ସୁରକ୍ଷା ଏବଂ ସବୁଜ ସମାଜ ଗଠନର ସଂକଳ୍ପକୁ ଆଗେଇ ନେବା ଉଦ୍ଦେଶ୍ୟରେ ବୟାଳିଶମୌଜା ବିକାଶ ପରିଷଦ ପକ୍ଷରୁ ବେଣ୍ଟକାର ପଞ୍ଚାୟତ ଅନ୍ତର୍ଗତ ଧୂଳେଶ୍ୱର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବି ଏବଂ ପରିଷଦର ସଦସ୍ୟମାନଙ୍କ ସକ୍ରିୟ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିବେଶ ସଚେତନତାର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲା । କାର୍ଯ୍ୟକ୍ରମରେ ବୟାଳିଶମୌଜା ବିକାଶ ପରିଷଦର ସଭାପତି କେଶବ ଚନ୍ଦ୍ର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଅତି କମରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯନି ନେଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଢ଼ି ତୋଳା ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ । ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ଓ ଉପଦେଷ୍ଟା ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ ବୃକ୍ଷରୋପଣ ସହିତ ବୃକ୍ଷର ସୁରକ୍ଷା ଏବଂ ନିୟମିତ ଯନିର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଏହି ଅବସରରେ ଉପସଭାପତି ଗୌତମ ଚରଣ ପରିଡ଼ା, ସୁରେଶ ଚନ୍ଦ୍ର ଦେବତା, ଭଜକୃଷ୍ଣ ଲେଙ୍କା, ପ୍ରମୋଦ କୁମାର ମହାପାତ୍ର, ଧୀରେନ୍ଦ୍ର ବେହେରା, ପ୍ରାଧ୍ୟାପକ ଶେଖ କଲ୍ଲୀମୁଲ୍ଲା, ଇଂ. ଅଶୋକ କୁମାର ବିଶ୍ୱାଳ, ଅଶୋକ କୁମାର ମହାନ୍ତି, ପ୍ରସନ୍ନ କୁମାର ଦଳାଇ, ତ୍ରିଲୋଚନ ଦଳାଇ, ସ୍ମୃତିଧର ପତି ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଗଣେଶ୍ୱର ଦାଶ ସମସ୍ତ ଅତିଥି, ସଦସ୍ୟ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିଶ ସ୍ତନ୍ୟପାନ ସପ୍ତାହ ସଚେତନତା ଶିବିର



ଆଠଗଡ଼ ,(ସବ୍ୟୁ): ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ନିହାର ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆଠଗଡ଼ ଚିକିତ୍ସାଳୟର ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା ଶିବିର ପାଳିତ ହୋଇଯାଇଛି ।ଉକ୍ତ ସଚେତନତା ଶିବିରରେ ଶିଶୁମାନଙ୍କୁ ମା କ୍ଷିର ଖାଇବା ଦ୍ୱାରା କଣ ସବୁ ଉପକାରିତା ସେସବୁ ବିଷୟରେ ଆଲୋକପାତ କରାଯାଇଥିଲା । ମା'ର ପ୍ରଥମ କ୍ଷିର ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ । ପିଲା ଜନ୍ମ ହେବାର ୧ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାନ୍ତୁ । ଶିଶୁ କୁ ୬ ମାସ ପର୍ଯ୍ୟନ୍ତ ମା କ୍ଷିର ଦିଅନ୍ତୁ । ବଜାରରେ ମିଳୁଥିବା ଡବା କ୍ଷିର ବର୍ଜନ କରି କେବଳ ମା କ୍ଷିର ଦେବା ପାଇଁ ଉପସ୍ଥିତ ଥିବା ଅଧିକାରୀ ପରାମର୍ଶ ଦେଇଥିଲେ । ଆଜିର ସଚେତନତା ଶିବିର ରେ ମେଡିକାଲ ସୁପରିଟେଣ୍ଡେଣ୍ଟ ମାନସ ରଂଜନ ପାଣି,ସିଡିପିଓ ନିବେଦିତା ରାୟ, ଡ଼ଃ ନିହାର ରଞ୍ଜନ ମିଶ୍ର,ପରାମର୍ଶଦାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ, ପରିଚାଳିକା ପୂଜାଳିନ ମିଶ୍ର , ତ୍ରିଲୋଚନ ବାରିକ, ଡମ୍ବରୁଧର ବେହେରା, ଙ୍କ ସହିତ ଆଶାକର୍ମୀ ଓ ଅଙ୍ଗନଓ୍ୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।

## ସମ୍ପାଦକୀୟ

# ଗଠନମୂଳକ ସମାଲୋଚନା ଆବଶ୍ୟକ

ଭାରତ ସ୍ୱାଧୀନତା ପ୍ରାପ୍ତିର ଅଣାଅଶୀ ବର୍ଷ ଅତିକ୍ରମ କରି ଅଶୀ ବର୍ଷରେ ପଦାର୍ପଣ କରିବ ଆଉ କିଛି ଦିନ ପରେ । ସେହିପରି ଆଉ କୋଡିଏ ବର୍ଷ ପରେ ଭାରତ 'ନୂତନ ଭାରତ'ରେ ପରିଣତ ହୋଇ ଯେତେବେଳେ ସ୍ୱାବଲମ୍ବନଶୀଳ ହୋଇ ତାହାର ଶତବାର୍ଷିକ ପାଳନ କରିବ, ସେତେବେଳେ ଏହି ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ସେଥିରେ ବିରୋଧୀ ଦଳ ସମେତ ଆମମାନଙ୍କର ସହଯୋଗ ମଧ୍ୟ ଆବଶ୍ୟକ । ମାତ୍ର ନିଟ୍ ପ୍ରଶ୍ନ ପତ୍ରରେ ବିଭ୍ରାଟକୁ ନେଇ ଚାଲିଥିବା ଆନ୍ଦୋଳନର ଅବସାନ ଘଟିଥିଲେ ମଧ୍ୟ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସେହି ପ୍ରତ୍ୟାହୃତ ଆନ୍ଦୋଳନ ଆଳରେ ଦେଶର ଛାତ୍ର ଓ ଯୁବକମାନଙ୍କୁ ଯେପରି ବିଭ୍ରାନ୍ତ କରୁଛନ୍ତି, ତାହା ଉଚିତ ନୁହେଁ । ସେହି ଆଳରେ ସଂସଦକୁ ଅଚଳ କରାଯିବା ମଧ୍ୟ ଠିକ୍ ହୋଇନାହିଁ । ଦୀର୍ଘ ଦିନ ଧରି ଭାରତରେ କଂଗ୍ରେସ ଦଳ କ୍ଷମତାସୀନ ଥିଲା । ମାତ୍ର ଏହି ଦଳ ସବୁଠାରୁ ପୁରାତନ ଦଳ ହୋଇଥିଲେ ମଧ୍ୟ ଆଉ କ୍ଷମତାର ମୁଖ୍ୟ ସ୍ରୋତକୁ ଫେରି ଆସି ପାରୁ ନାହିଁ । କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜ୍ଜୁନ ଖାଡଗେଙ୍କର କଥାକୁ ଏବେ କଂଗ୍ରେସ ଦଳ ସତେ ଯେପରି ଗୁରୁତ୍ୱ ଦେଉ ନାହିଁ । । କେବଳ ରାହୁଲ ଗାନ୍ଧି ଯାହା କରିବେ କଂଗ୍ରେସ ଦଳ ତାହା ମାନିବାକୁ ଯେପରି ବାଧ୍ୟ ହେଉଛି । ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ଏପରି ଘଟଣା, ଦଳୀୟ ଶାସନକୁ ମଜଭୁତ କରେ ନାହିଁ । ତେଣୁ କଂଗ୍ରେସ ଦଳ ଭାରତର ଅଧିକାଂଶ ସ୍ଥାନରେ କ୍ଷମତାସୀନ ହୋଇ ପାରୁ ନାହିଁ । କଂଗ୍ରେସ ଦଳର ସହଯୋଗୀ ଇଣ୍ଡିମେଣ୍ଟ ମଧ୍ୟ ଏଥିରେ ସନ୍ତୁଷ୍ଟ ନୁହେଁ । ମୁହଁ ଉପରେ ରାହୁଲ ଗାନ୍ଧିଙ୍କୁ କେହି କିଛି କହି ପାରୁ ନଥିଲେ ମଧ୍ୟ ସେମାନେ ଅସନ୍ତୁଷ୍ଟ ଥିବା ପରି ମନେ ହେଉଛି । କଂଗ୍ରେସ ଆଉ ଆଗ ପରି ଶୃଙ୍ଖଳିତ ଦଳ ହୋଇ ରହି ନାହିଁ ।

**ଦେଶର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇ ପାରିଲା ନାହିଁ । ସେମାନଙ୍କ ତ୍ୟାଗ ଓ ଆଦର୍ଶକୁ ଆମର ଭବିଷ୍ୟତ ବଂଶଧର ମନେ ରଖି ନାହାନ୍ତି । ରାଜ୍ୟ ସରକାର ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ସ୍ମାରକୀ ଭବନ ନିର୍ମାଣ କରି ସେମାନଙ୍କ ପରିବାର ବିବରଣୀ ସଂଗ୍ରହ କରି ଏକ ନୂତନ ପରମ୍ପରା ସୃଷ୍ଟି କରିବାକୁ ଆମ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଅନୁରୋଧ । ଫଳରେ ଲକ୍ଷ୍ମଣ ନାଏକଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କୁ ଆମର ଭବିଷ୍ୟତ ପିଢ଼ି ମନେ ପକାଇବାର ସୁଯୋଗ ପାଇ ପାରନ୍ତେ ।**

ଅପରପକ୍ଷରେ ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏକତ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱର ସହ ସ୍ୱର ମିଳାଇ କାମ କରି ଚାଲିଛନ୍ତି । ବିଜେପି ଏକ ଶୃଙ୍ଖଳିତ ଦଳ । ମାତ୍ର ବିରୋଧୀ କଂଗ୍ରେସ ଦଳ ଏକ ବିଶୃଙ୍ଖଳିତ ଦଳ ବୋଲି ଅଭିଯୋଗ ହେଉଛି କାହିଁକି ?

ଭାରତରେ ସ୍ୱାଧୀନତା ଆନ୍ଦୋଳନକୁ ସଶକ୍ତ କରିଥିଲା ଅଗଷ୍ଟ କ୍ରାନ୍ତି ବା ଭାରତଛାଡ଼ ଆନ୍ଦୋଳନ । ତେଣୁ ଅଗଷ୍ଟ ମାସରେ ଆମେ ଦେଶ କଥା ଚିନ୍ତା କରି ଖୁସି ମନରେ ଦେଶ ପାଇଁ କିଛି କରିବା କଥା । ଦେଶର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇ ପାରିଲା ନାହିଁ । ସେମାନଙ୍କ ତ୍ୟାଗ ଓ ଆଦର୍ଶକୁ ଆମର ଭବିଷ୍ୟତ ବଂଶଧର ମନେ ରଖି ନାହାନ୍ତି । ରାଜ୍ୟ ସରକାର ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ସ୍ମାରକୀ ଭବନ ନିର୍ମାଣ କରି ସେମାନଙ୍କ ପରିବାରରୁ ବିବରଣୀ ସଂଗ୍ରହ କରି ଏକ ନୂତନ ପରମ୍ପରା ସୃଷ୍ଟି କରିବାକୁ ଆମ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଅନୁରୋଧ । ଫଳରେ ଲକ୍ଷ୍ମଣ ନାଏକଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କୁ ଆମର ଭବିଷ୍ୟତ ପିଢ଼ି ମନେ ପକାଇବାର ସୁଯୋଗ ପାଇ ପାରନ୍ତେ ।

ବିଗତ ସରକାରଙ୍କ ଅମଳରେ ୨୦୦୨ ଜାନୁଆରୀ ୧୭ ତାରିଖରେ ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧରେ ଶହୀଦ ହୋଇଥିବା ଜବାନମାନଙ୍କୁ ସ୍ମରଣ କରିବା ସକାଶେ ଏକ ଶହୀଦ ସ୍ତମ୍ଭ ଭୁବନେଶ୍ୱରରେ ନିର୍ମାଣ ସକାଶେ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ପ୍ରତିରକ୍ଷା ବିଭାଗକୁ ଭୁବନେଶ୍ୱରରେ ଜମି ଯୋଗାଇଦେବା ପର୍ଯ୍ୟନ୍ତ ମଧ୍ୟ କଥା ଯାଇଥିଲା । ମାତ୍ର ନିଷ୍ପତ୍ତି ନିଷ୍ପତ୍ତିରେ ହିଁ ରହି ଯାଇଥିଲା ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିରୋଧୀଙ୍କ ବିରୋଧ



ଜି.କେ ମହାପାତ୍ର

ଆମ ଦେଶର ଗଣତନ୍ତ୍ର ଆଜି ବିଶ୍ୱ ବିଦିତ ଓ ବହୁ ଚର୍ଚ୍ଚିତ । ଭାରତବର୍ଷ ଭଳି ଏକ ବହୁଳ ଜନସଂଖ୍ୟାବିଶିଷ୍ଟ ଦେଶରେ ଭାଷା, ଜାତି ଧର୍ମର ବିବିଧତା ସତ୍ତ୍ୱେ ଏକ ସୁଦୃଢ଼ ଗଣତନ୍ତ୍ର ତିଷ୍ଠି ରହିଛି ଏବଂ ଏହି ବ୍ୟବସ୍ଥା ପ୍ରତି ସାରା ବିଶ୍ୱ ସମ୍ମାନ ପ୍ରଦର୍ଶନ କରୁଥିବାବେଳେ ଆମ ସଂସଦର ନିର୍ବାଚିତ ପ୍ରତିନିଧିମାନେ ତା'ର ଗାରିମା ଓ ମର୍ଯ୍ୟାଦା ପ୍ରତି ସଚେତନ ଥିବା ପରି ମନେ ହେଉନାହିଁ । ବିରୋଧ ବାହାନାରେ ମୌସୁମୀ ଅଧିବେଶନର ପ୍ରାରମ୍ଭ କାଳରେ ଦୀର୍ଘ କିଛିଦିନ ଧରି ସଂସଦକୁ ଅଚଳ ରଖି କାର୍ଯ୍ୟକାରୀ ନ କରାଇବାକୁ ନିଷ୍ପତ୍ତି ନେବା ଏବଂ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା/ପ୍ରସଙ୍ଗ ଉପରେ ଆଲୋଚନା, ସମୀକ୍ଷା ଓ ତର୍ଜମା ନ କରି ଅବହେଳା କରିବା- ଭାରତ ଭଳି ଏକ ଜନବହୁଳ ତଥା ବୃହତ୍ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେତେଦୂର ଯୁକ୍ତିଯୁକ୍ତ, ତାହା ପ୍ରଣିଧାନଯୋଗ୍ୟ । ଅବଶ୍ୟ ବିରୋଧୀଦଳୀୟ ସାଂସଦମାନେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଅନୀତି, ଦୁର୍ନୀତି ଇତ୍ୟାଦିକୁ ନେଇ ବିରୋଧ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଅଙ୍ଗ । ମାତ୍ର ଦେଶର ବହୁ ଜରୁରୀ ଓ ଜନହିତକର ପ୍ରସଙ୍ଗର ଆଲୋଚନା/ପର୍ଯ୍ୟାଲୋଚନା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ବିରୋଧୀ ଦଳ ପାର୍ଲିଆମେଣ୍ଟକୁ ଅଚଳ କରି ରଖିବା ଓ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ କ୍ଷମାଭିକ୍ଷା ନ ହେବାଯାଏଁ ସଂସଦରେ ନ ରହି ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ଲିପ୍ତ ରହିବା, ଦେଶ ଓ ଜନଗଣଙ୍କର ସ୍ୱାର୍ଥ ଅପେକ୍ଷା ନିଜର ଓ ନିଜଦଳର ପ୍ରଚାର ଓ ସ୍ୱାର୍ଥରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ଇତ୍ୟାଦି କାର୍ଯ୍ୟକଳାପ ସ୍ୱଚ୍ଛ ଗଣତନ୍ତ୍ରର ପରିପନ୍ଥୀ ନୁହେଁ କି ?

ନିର୍ବାଚିତ ଜନପ୍ରତିନିଧିମାନେ ନିଜର ଭୂମିକା,ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଜାଗ ରହିବା ସହ ସେମାନଙ୍କୁ ନିର୍ବାଚିତ କରିଥିବା ଜନଗଣଙ୍କର ଉତ୍ତରଦାୟୀ ରହିବା ଅତ୍ୟନ୍ତ ଜରୁରୀ । ଏବର ଜନସାଧାରଣ ଆଉ ପୂର୍ବ ଭଳି ଅତି ସାଧାରଣ,ସହନଶୀଳ ଓ ନିରବଦ୍ରଷ୍ଟା ହୋଇ ଚୁପ୍ ରହିବାକୁ ପସନ୍ଦ କରୁନାହାନ୍ତି । ବିଭିନ୍ନ ମିଡିଆ, ଗଣମାଧ୍ୟମ ଓ ଆତ୍ୟାଧୁନିକ ଟେକନୋଲୋଜିର ବହୁଳ ପ୍ରସାର ଯୋଗୁଁ ଆଜିର ସାଧାରଣ ଜନତା ସରକାରୀ କଳର ରୀତିନୀତି, ମନ୍ତ୍ରୀ - ବିଧାୟକ-ସାଂସଦମାନଙ୍କର କାର୍ଯ୍ୟଶୈଳୀ, ପାରଙ୍ଗମତା, ନିପୁଣତା ଇତ୍ୟାଦି ବିଷୟରେ ବିଶେଷ ଭାବେ ଅବଗତ ହୋଇ ପାରୁଛନ୍ତି ।

ବିଶେଷଜ୍ଞମାନଙ୍କ ଆକଳନରୁ ଜଣାଯାଏ - ଆମ ଦେଶର ପାର୍ଲିଆମେଣ୍ଟ ଚାଲିବାର ହାରାହାରି ଦୈନିକ ଖର୍ଚ୍ଚ ପ୍ରାୟ ୯ କୋଟି ଅର୍ଥାତ୍ ଘଣ୍ଟାକୁ ୧.୫ (ଦେଢ଼ କୋଟି) ଟଙ୍କା ଖର୍ଚ୍ଚ ହେଉଥିବା ସାଧାରଣ ଭାବେ ଆକଳନ କରାଯାଇଛି । ସରକାରୀ ତହବିଲରୁ ଏହି ବ୍ୟୟଭାର ବହନ କରାଯାଉଥିଲେ ବି ଏହା ଜାତୀୟ ସମ୍ପତ୍ତି ଏବଂ ଦେଶବାସୀଙ୍କ ଦେୟ ଅର୍ଥର ସିଂହଭାଗ । ସାଂସଦମାନେ ଏହା ହୃଦୟଙ୍ଗମ କରିବା ଦରକାର ଏବଂ ନିଷ୍ଠା ପୂର୍ବକ ତାହାର ଅପଚୟ/ଅପବ୍ୟୟକୁ ରୋକିବାରେ ଆଗ୍ରହ ପ୍ରକାଶ କରିବା ଦରକାର ।

ଏବର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପଦ୍ଧତି, ପ୍ରଶ୍ନପତ୍ର ଲିକ୍ ତଥା ଯୁବ ଶିକ୍ଷାର୍ଥୀମାନଙ୍କ ଜୀବିକା ଓ ଭବିଷ୍ୟତ ଇତ୍ୟାଦିକୁ ନେଇ ବିରୋଧୀଦଳର ବିରୋଧ ଉପରେ ସମ୍ପ୍ରତି ଶାସକଦଳ ଓ ବିଭାଗୀୟ ଅଧିକାରୀ, ହିଂସାକାଣ୍ଡରେ ଜଡିତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବା ପରେ, ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେବା ସତ୍ତ୍ୱେ ବି ସାଂସଦମାନେ ସଂସଦକୁ କାର୍ଯ୍ୟକ୍ଷମ ନ କରାଇଦେବା ଏବଂ ସେହି ପ୍ରସଙ୍ଗ ସହ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଇ ପୁନର୍ବାର ବିରୋଧ କରିବା- ସାମ୍ବିଧାନିକ ବ୍ୟବସ୍ଥାକୁ ହତାଦର କରିବା ଏକ ପ୍ରହସନ ବୋଲି ପ୍ରତୀୟମାନ ହେଉଛି । ଜନସ୍ୱାର୍ଥ ବା ସାମୂହିକ ସ୍ୱାର୍ଥକୁ ଉପେକ୍ଷା କରି ନିଜର ବା ନିଜ ଦଳର ପତିଆରା ଜାହିର କରିବା, ପ୍ରଚାର ଓ ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାର ମାନସିକତାକୁ ଆପଣେଇଥିବା ବିରୋଧୀଦଳ ଏବେ ଯଥେଷ୍ଟ ସଚେତନ ହେବାର ଆବଶ୍ୟକତା ଉପଲବ୍ଧ ହେଉଛି । ବିଶ୍ୱର ଅନ୍ୟାନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକର ନ୍ୟାୟିକ ପରମ୍ପରା, ନୈତିକତାପୂର୍ଣ୍ଣ କାର୍ଯ୍ୟଶୈଳୀର ଦୃଷ୍ଟାନ୍ତରୁ ଆମ ସାଂସଦମାନେ ଅନେକ କିଛି ଶିଖିବା ଦରକାର । ସେମାନେ ତ ବିଭିନ୍ନ ସଂସଦୀୟ କମିଟିରେ ରହି ବିଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବାକୁ ଯିବା ଲାଗି ସୁଯୋଗ ପାଉଛନ୍ତି । ପାର୍ଲାମେଣ୍ଟକୁ ଅଚଳ ନ କରି, ପ୍ରଶ୍ନକାଳ, ଶୂନ୍ୟକାଳ ଡିବେଟ୍ ଓ ମୋସନ୍ ଇତ୍ୟାଦି ବିଭିନ୍ନ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କୁ ଚେତାଇବା ସହ ରଚନାତ୍ମକ ବିକଳ୍ପ ପନ୍ଥା ଦର୍ଶାଇବା, ସାମୂହିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ପ୍ରତି ମୁଲତବୀ ପ୍ରସ୍ତାବ ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ରହି ସକରାତ୍ମକ ଭୂମିକା ମାଧ୍ୟମରେ ଜନସେବା କରିବାର ମାନସିକତାକୁ ଅଗ୍ରାଧିକାର ଦେବା ଅପରିହାର୍ଯ୍ୟ ବୋଲି ମନେହୁଏ । ତେବେ ହିଁ ଗଣତନ୍ତ୍ର ସୁଦୃଢ ହେବ ଏବଂ ଆମ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ଉତ୍ତରପିଢ଼ି ଏକ ଉନ୍ନତ, ବିକଶିତ ଓ ମାର୍ଜିତ ଗଣତାନ୍ତ୍ରିକ ଧାରାକୁ ଆପଣେଇ ନେଇ ପାରିବେ ।

**ଏବର ଜନସାଧାରଣ ଆଉ ପୂର୍ବ ଭଳି ଅତି ସାଧାରଣ,ସହନଶୀଳ ଓ ନିରବଦ୍ରଷ୍ଟା ହୋଇ ଚୁପ୍ ରହିବାକୁ ପସନ୍ଦ କରୁନାହାନ୍ତି । ବିଭିନ୍ନ ମିଡିଆ, ଗଣମାଧ୍ୟମ ଓ ଆତ୍ୟାଧୁନିକ ଟେକନୋଲୋଜିର ବହୁଳ ପ୍ରସାର ଯୋଗୁଁ ଆଜିର ସାଧାରଣ ଜନତା ସରକାରୀ କଳର ରୀତିନୀତି, ମନ୍ତ୍ରୀ - ବିଧାୟକ-ସାଂସଦମାନଙ୍କର କାର୍ଯ୍ୟଶୈଳୀ, ପାରଙ୍ଗମତା, ନିପୁଣତା ଇତ୍ୟାଦି ବିଷୟରେ ବିଶେଷ ଭାବେ ଅବଗତ ହୋଇ ପାରୁଛନ୍ତି ।**

**ପୂର୍ବତନ ଅତିରିକ୍ତ ମୁଖ୍ୟ ଶ୍ରମ ଆୟୁକ୍ତ, ଉତ୍ତରାଖଣ୍ଡ, ମୋ-୯୪୫୬୫୬୭୪୦୦**

# ଅବିଶ୍ୱାସର କୁରାଢ଼ୀ



ରାକେଶ ପଣ୍ଡା

ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ କହୁଥିବା କଥା ଓ ଦେଉଥିବା ବଚନ ତା'ର ଜୀବନ କାଳରେ ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କିନ୍ତୁ, ଆଜିର ସମୟରେ ମିଛ ପ୍ରତିଶୃତି ଓ କଥା ଦେଇ କଥା ରଖୁ ନଥିବା ଚରିତ୍ରମାନଙ୍କର ସଂଖ୍ୟା ଅଗଣତି ଅଟେ ।

ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି, ଅନ୍ୟ ଜଣେ ବ୍ୟକ୍ତିକୁ ଦେଇଥିବା ପ୍ରତିଶୃତି ପୂରଣ କରୁଥିବା ଭଲ ମଣିଷମାନଙ୍କର ସଂଖ୍ୟା ବର୍ତ୍ତମାନ ସମୟରେ ବିରଳ ହୋଇପଡିଛି । ଆପଣା ସ୍ୱାର୍ଥ ହାସଲ ପାଇଁ,ଏମିତିକି ଜୀବନରେ କିଛି ଛୋଟ ଛୋଟ ପ୍ରାପ୍ତି ନିମନ୍ତେ ମଧ୍ୟ ଆଜିର ମଣିଷ ମିଥ୍ୟା ବଚନ ଓ ପ୍ରତିଶୃତିର ଆଶ୍ରୟ ନେଉଥିବାର ଅନେକ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରତ୍ୟହ ନଜରକୁ ଆସୁଛି ।

ଆଶ୍ଚର୍ଯ୍ୟର କଥା ଯେ, ଠକଟିଏର କଥାରେ ଏତେ ଚତୁରତା, ମଧୁରତା, ଆପଣାର ଭାବ ଓ ମାୟା ଥାଏ ଯେ, ତାହା ପ୍ରତିଟି ମନକୁ ଅତି ସହଜରେ ଆକର୍ଷିତ କରିନିଏ ଏବଂ ମନ ମଧ୍ୟରେ ଏକ ଅଜଣା ଓ ଅପ୍ରତ୍ୟାଶିତ ବିଶ୍ୱାସ ଏବଂ ଭରସାକୁ ଜନ୍ମ ଦେଇଥାଏ ।

ଏମିତିକି'ବର୍ତ୍ତମାନର ସମାଜରେ ବଡ ବଡ ଲୋକ ତଥା ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ମଧ୍ୟ କୌଣସି ଏକ ଘଟଣା, ଅସୁବିଧା ଏବଂ ପରିସ୍ଥିତିକୁ ସାମୟିକ ଭାବରେ ସମାଧାନ କରିବା ତଥା ନିଜର ନିୟନ୍ତ୍ରଣାଧୀନ କରିବା ଉଦ୍ଦେଶ୍ୟରେ ମିଛ ପ୍ରତିଶୃତି ଦେଉଥିବାର ଅନେକ ଘଟଣାମାନ ନଜରକୁ ଆସୁଛି ।

ଏହି ସମୟରେ,ଯେମିତି ଅନୁଭବ ହୁଏ, ସରଳ ମନଟିଏକୁ ଠକିବା ନିମନ୍ତେ ମିଥ୍ୟା ପ୍ରତିଶୃତି ଏକ ସହଜ ରାସ୍ତା ଏବଂ ଅଭିନବ ଅସ୍ତ୍ରଟିଏ ସାଜିଛି ।

ଫଳସ୍ୱରୂପ, ସମାଜରେ ଆଜିର ପ୍ରତିଟି ସମ୍ପର୍କରେ ତ୍ୟାଗ,ବିଶ୍ୱାସ, ଭରସା ଓ ଆନ୍ତରିକତାର ଅନେକ ଅଭାବ ପରିଲକ୍ଷିତ ହେଉଛି । ଜଣେ ମଣିଷ ଅନ୍ୟ ଜଣେ ମଣିଷ ତଥା ବେଳେବେଳେ ନିଜର ରକ୍ତ ସମ୍ପର୍କୀୟମାନଙ୍କର କଥା ଓ ପ୍ରତିଶୃତିକୁ ମଧ୍ୟ ଗ୍ରହଣ କରିବା ନିମନ୍ତେ, ସ୍ୱତଃ ତା'ର ମନ ମଧ୍ୟରେ ଅନେକ ପ୍ରଶ୍ନବାଚୀ ଉଙ୍କି ମାରିଥାଏ ! ସେ ଚିନ୍ତାରେ ପଡିଯାଏ ଏବଂ ବିଶ୍ଳେଷଣ କରିଥାଏ ଯେ ଉକ୍ତ କଥା ଓ ପ୍ରତିଶୃତିରେ କେତେ ପରିମାଣର ବିଶ୍ୱାସ ଓ ସତ୍ୟତା ରହି ଯାଇଛି, ଯାହାକି ଆମ ଅଧୋଗତିର ଏକ ପ୍ରମୁଖ କାରଣ ସାଜିଛି ।

ହେଲେ ଇତିହାସ ବର୍ଣ୍ଣନା କରେ ଭାରତୀୟ ସଭ୍ୟତାରେ ରହିଥିବା ପ୍ରତିଶୃତି ବଡ଼ କଥା । ଉକ୍ତ ସମୟରେ ଲୋକମାନେ ନିଜେ ଦେଇଥିବା କଥାକୁ ପୂରଣ କରିବା ନିମନ୍ତେ ଆପଣା ଜୀବନକୁ ବାଜିରେ ଲଗାଇବାର ଅନେକ ଦୃଷ୍ଟାନ୍ତ ରହିଅଛି । ରାଜା ହରିଶ୍ଚନ୍ଦ୍ର ନିଜର ବଚନ ପୂରଣ ଲାଗି ରାଜ୍ୟ ତ୍ୟାଗ କରିଥିଲେ ଏବଂ ନିଜ ଜୀବନର ସବୁକିଛି ହରାଇ ଥିଲେ ।

ଭଗବାନ ଶ୍ରୀରାମ ରାଜଗାଦି ଏବଂ ଏଥିରେ ଜଡିତ ବିଭିନ୍ନ କ୍ଷମତା, ସୁଖ, ସୁବିଧା ଓ ସୁଯୋଗକୁ ପରିତ୍ୟାଗ କରି, ପିତୃ ସତ୍ୟରକ୍ଷା ତଥା ପାଳନ ଉଦ୍ଦେଶ୍ୟରେ, ହସି ହସି ୧୪ ବର୍ଷ ବନବାସ କରିଥିଲେ ।

ଠିକ୍ ସେହିପରି, ରାଜା ଶିବି, ଦାନବୀର କର୍ଣ୍ଣ, ରାଜା ଦଶରଥ ଓ ଦଧିଚୀ ଆଦି ବିଶାଳ ବ୍ୟକ୍ତିତ୍ୱମାନେ ନିଜ ନିଜର ପ୍ରତିଶୃତିକୁ ପୂରଣ କରିବାଲାଗି ଜୀବନରେ ସବୁ କିଛି ତ୍ୟାଗ କରିଥିଲେ । କିନ୍ତୁ, କେବେ ହେଲେ ସାମାନ୍ୟ ସଙ୍କୋଚ ପ୍ରକାଶ କରିନ'ଥିଲେ । ସେହି ପ୍ରାଚୀନ ସମୟରେ, ଲୋକମାନଙ୍କର ନିଜେ ଦେଇଥିବା କଥା ତଥା ପ୍ରତିଶୃତିକୁ ପାଳନ କରିବାର ପ୍ରକ୍ରିୟାକୁ, ସେମାନଙ୍କର ଚରିତ୍ରର ମାପଦଣ୍ଡ ଭାବରେ ଅଭିହିତ କରାଯାଉଥିଲା ଏବଂ ଅପରପକ୍ଷରେ ନିଜର ପ୍ରତିଶୃତିକୁ ପୂରଣ କରୁନଥିବା ମଣିଷମାନଙ୍କୁ ସମ୍ମାନନୀୟ ଦୃଷ୍ଟିରେ ଦେଖାଯାଉ ନ'ଥିଲା !

ତେବେ, ବର୍ତ୍ତମାନର ସମୟରେ,ଯଦି ମିଥ୍ୟା କଥାର ଲହର ଏମିତି ସମାଜରେ ଲାଗିରହେ, ତେବେ ଅବିଶ୍ୱାସର କୁରାଢୀଦ୍ୱାରା ଧୀରେ ଧୀରେ ପ୍ରତିଟି ସମ୍ପର୍କ ଭାଙ୍ଗି ଚାଲିବ ।

ମନ ମଧ୍ୟରେ ଚାଲିଥିବା ଅବିଶ୍ୱାସର ଉକ୍ତ ଶୀତଳ ଯୁଦ୍ଧ, ଦିନେ ବିସ୍ଫୋରିତ ହୋଇ ଗୋଟିଏ ବଡ ଯୁଦ୍ଧ ରୂପରେ ପ୍ରତିଟି ସମ୍ପର୍କ ନିକଟରେ ଉଭା ହେବ ।

ସତ୍ୟତା ଉପରେ ଆଧାରିତ ମାନବର ମାନବିକତା ନିଜର ସତ୍ତା ହରାଇ ବସିବ । ଏହି ପରିପ୍ରେକ୍ଷୀରେ, ସମାଜରେ ଓ ପ୍ରତିଟି ମନରେ ବିଶ୍ୱାସ ଏବଂ ତ୍ୟାଗର ଏକ ରୂପରେଖ ପୁନଃ ପ୍ରତିଷ୍ଠା ଉଦ୍ଦେଶ୍ୟରେ ପ୍ରତ୍ୟକ ବ୍ୟକ୍ତି ନିଜେ କହୁଥିବା କଥାର ପ୍ରତିବଦ୍ଧତା ତଥା ପ୍ରତିଶୃତିକୁ ଠିକ୍ ଭାବେ ପାଳନ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ ।

କୌଣସି ଏକ ବ୍ୟକ୍ତିକୁ କିଛି ପ୍ରତିଶୃତି ଦେବା ପୂର୍ବରୁ ଜଣେ ବାରମ୍ବାର ଚିନ୍ତା କରିବା ଜରୁରୀ । କାରଣ ପ୍ରତିଶୃତି ପାଳନ ଉପରେ ହିଁ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ଚରିତ୍ରର ପ୍ରତିଷ୍ଠା ଓ ମୂଲ୍ୟବୋଧ ନିର୍ଭର କରିଥାଏ । ଏଥିସହ, ତାହା ସମାଜ ଓ ସାମାଜିକ ଚଳଣିରେ ମଧ୍ୟ ଏକ ବଡ ସଂସ୍କାର ଆଣିବାରେ ସହାୟକ ହୋଇଥାଏ, ଯାହାକି ଆଗାମୀ ସମୟରେ ସାମାଜିକ ସମ୍ପର୍କଗୁଡିକ ମଧ୍ୟରେ ଥିବା ବିଶ୍ୱାସ ଓ ଭରସାର ସେତୁକୁ ସୁଦୃଢ କରି ଶାନ୍ତି, ମୈତ୍ରୀ ଓ ପ୍ରୀତି ପ୍ରତିଷ୍ଠା ଦିଗରେ ଖୁବ ଉପଯୋଗୀ ହୋଇପାରିବ ।

**ବର୍ତ୍ତମାନର ସମୟରେ,ଯଦି ମିଥ୍ୟା କଥାର ଲହର ଏମିତି ସମାଜରେ ଲାଗିରହେ, ତେବେ ଅବିଶ୍ୱାସର କୁରାଢୀଦ୍ୱାରା ଧୀରେ ଧୀରେ ପ୍ରତିଟି ସମ୍ପର୍କ ଭାଙ୍ଗି ଚାଲିବ । ମନ ମଧ୍ୟରେ ଚାଲିଥିବା ଅବିଶ୍ୱାସର ଉକ୍ତ ଶୀତଳ ଯୁଦ୍ଧ, ଦିନେ ବିସ୍ଫୋରିତ ହୋଇ ଗୋଟିଏ ବଡ ଯୁଦ୍ଧ ରୂପରେ ପ୍ରତିଟି ସମ୍ପର୍କ ନିକଟରେ ଉଭା ହେବ ।**

**ବନ୍ଦାଲୋ, ଟାଙ୍ଗୀ, କଟକ-୭୫୪୦୨୨ ମୋ-୯୩୩୭୮୯୭୬୫୦**

## ସମ୍ପାଦକଙ୍କୁ ପତ୍ର

# 'ହରିଶ୍ଚନ୍ଦ୍ର ଯୋଜନା'ର ସୁବିଧା ସବୁ ଅଞ୍ଚଳରେ ଉପଲବ୍ଧ ହେଉ

ମହାଶୟ,

ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ, ୨୭ତମ ଶ୍ଳୋକରେ ଲେଖାଅଛି 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ , ଧ୍ରୁବଂ ଜନ୍ମ ମୃତସ୍ୟ ଚ' - ଅର୍ଥାତ୍ ଜନ୍ମଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ ଓ ମୃତ ବ୍ୟକ୍ତିଙ୍କର ଜନ୍ମ ଅବଧାରିତ । ଦିନେ ଗାଁ ମଶାଣିକୁ ଜୀବନର ଶେଷ ଠିକଣା ମନେ କରୁଥିଲା ଏ ମଣିଷ । କହୁଥିଲେ ବୁଢ଼ା ବାପା 'ଯେଉଁଠି ଥିଲେ ବି, ମରିଗଲା ପରେ ମୋ ଶବକୁ ଗାଁ ମଶାଣିରେ ଦାହ କରିବ' ।

ପରିବର୍ତ୍ତନର ପ୍ରଖର ସ୍ରୋତରେ ପୂର୍ବର ସେ ଗାଁ ଆଉ ନାହିଁ । ଗାଁ ଏବେ ସହର ସହର ବାସୁଛି । ଗାଁ ଲୋକେ ଏବେ ସହର ମୁହାଁ । ଗାଁ ଶ୍ମଶାନରେ ଚିତା ଜଳିଲା ବେଳେ ଆପେ ମନକୁ ଆସେ ସଚ୍ଚି ରାଉତରାୟଙ୍କ କାଳଜୟୀ କବିତା 'ଛୋଟ ମୋର ଗାଁଟି' ର ସେଇ ଅଭୁଲା ପଂକ୍ତି 'ଜଳିବ ପୁଣି ସେଇଠି ଶେଷେ ମୋହରି ଚିତା ନିଆଁଟି, ଛୋଟ ମୋର ଗାଁଟି... ।'

ହେଲେ ଗାଁ ମଶାଣି ନିଜେ ଏବେ ମୃତ୍ୟୁର ଦ୍ୱାରଦେଶରେ । ଗାଁ ଶ୍ମଶାନ ଏବେ ଅପାଂକ୍ତେୟ, ଅଲୋଡ଼ା, ଅଖୋଜା । କିଛି ଶ୍ମଶାନ ବଣବୁଦାରେ ଭର୍ତ୍ତି, ଆଉ କେତେକ ଅନେକଙ୍କ ଜବରଦଖଲରେ ରହିଛି ।

ସେ ସବୁ ମଶାଣିରେ କାଁ ଭାଁ ଜୁଇ ଜଳୁଛି । ସ୍ୱର୍ଗଦ୍ୱାର ଏବେ ଅଧିକାଂଶଙ୍କ ପାଇଁ ଶେଷ ଠିକଣା ।

ପୂର୍ବରୁ କୋକେଇରେ ଶବ ଚାରି କାନ୍ଧରେ ମଶାଣିକୁ ନିଆ ଯାଉଥିଲା । ହେଲେ ଏବେ ଚାରି କାନ୍ଧର ସ୍ଥାନ ନେଇଛି ଶବବୁହା ଗାଡ଼ି 'ସ୍ୱର୍ଗ ରଥ', ଲକ୍ଷ୍ୟ ସ୍ଥଳ ସ୍ୱର୍ଗଦ୍ୱାର । ମଣିଷର ଗଭୀର ଆଶା, ଆସ୍ଥା ଓ ବିଶ୍ୱାସ, ସ୍ୱର୍ଗଦ୍ୱାରରେ ଜୁଇ ଜଳିଲେ ମୋକ୍ଷ ପ୍ରାପ୍ତି, ନିର୍ବାଣ ଲାଭ, ଜନ୍ମ ମୃତ୍ୟୁର ଦେହଳୀରୁ ଉର୍ଦ୍ଧ୍ୱକୁ ଉଠିବ ସେ । ତାହା ସହିତ ପୁରୀ ସ୍ୱର୍ଗଦ୍ୱାରରେ ସରକାରଙ୍କ 'ହରିଶ୍ଚନ୍ଦ୍ର ଯୋଜନା'ରେ ପ୍ରଦତ୍ତ ମାଗଣା ବ୍ୟବସ୍ଥାର ଲାଭ ଉଠେଇବା ।

ସେଥିପାଇଁ ତ ରାଜ୍ୟର କୋଣ ଅନୁକୋଣରୁ ପ୍ରତିଦିନ 'ସ୍ୱର୍ଗରଥ' ମାନ ଛୁଟି ଆସୁଛନ୍ତି ପୁରୀକୁ, 'ସ୍ୱର୍ଗଦ୍ୱାର'କୁ । ଦୈନିକ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଶବ ପୁରୀକୁ ଆସୁଛି, ଆଉ ସ୍ୱର୍ଗଦ୍ୱାର ବାହାରେ ବେଳେବେଳେ ଶବମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଥାଏ । କହିବାର କଥା, ରାଜ୍ୟର ସମସ୍ତ ଗାଁ ଓ ସହରରେ ଯଦି 'ହରିଶ୍ଚନ୍ଦ୍ର ଯୋଜନା'ର ସୁବିଧା ଉପଲବ୍ଧ ହୁଅନ୍ତା, କେତେ ଭଲ ନ ହୁଅନ୍ତା ସତେ ! ଏହା ଦ୍ୱାରା ପୁରୀ ସହରରେ ଭିଡ଼ ହ୍ରାସ ହୁଅନ୍ତା, ଗାଁରେ କାଠ, ଘିଅ ଓ ଆନୁଷଙ୍ଗିକ ଦ୍ରବ୍ୟର ସୁବିଧା ମଧ୍ୟ ମିଳନ୍ତା । ଗରିବ ବ୍ରାହ୍ମଣଙ୍କ ଲାଗି, ଅଳ୍ପ ହେଉ ପଛକେ, କିଛି ସାମୟିକ ଆୟ ହୁଅନ୍ତା । ଶବ ଆଣିବାରେ ପରିବହନଜନିତ ଖର୍ଚ୍ଚରେ ମଧ୍ୟ ହ୍ରାସ ଘଟନ୍ତା । ଦୂରଦୂରାନ୍ତରୁ ଶବ ଆସୁଥିବା ଗାଡ଼ିରେ ବେଳେବେଳେ ଘଟୁଥିବା ଦୁର୍ଘଟଣା ଆଉ ହୁଏତ ଘଟନ୍ତା ନାହିଁ ।

ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଛି ଯେ ସ୍ୱର୍ଗଦ୍ୱାରରେ ଶବଦାହ ଲାଗି କାଠର ଅଭାବ ଦେଖାଦେଲାଣି । ତେଣୁ ରାଜ୍ୟର ସବୁ ଅଞ୍ଚଳରେ 'ହରିଶ୍ଚନ୍ଦ୍ର ଯୋଜନା'ର ସୁବିଧା ଉପଲବ୍ଧ ହେଉ । ଏ ବିଷୟରେ ରାଜ୍ୟ ସରକାର ଗଭୀର ଭାବେ ଚିନ୍ତା କରନ୍ତୁ ।

**ହେଲେ ଗାଁ ମଶାଣି ନିଜେ ଏବେ ମୃତ୍ୟୁର ଦ୍ୱାରଦେଶରେ । ଗାଁ ଶ୍ମଶାନ ଏବେ ଅପାଂକ୍ତେୟ, ଅଲୋଡ଼ା, ଅଖୋଜା । କିଛି ଶ୍ମଶାନ ବଣବୁଦାରେ ଭର୍ତ୍ତି, ଆଉ କେତେକ ଅନେକଙ୍କ ଜବରଦଖଲରେ ରହିଛି । ସେ ସବୁ ମଶାଣିରେ କାଁ ଭାଁ ଜୁଇ ଜଳୁଛି । ସ୍ୱର୍ଗଦ୍ୱାର ଏବେ ଅଧିକାଂଶଙ୍କ ପାଇଁ ଶେଷ ଠିକଣା ।**

**ପ୍ରତାପ ନାୟକ**
**ଏମ୍ ଆଇ ଜି-୭୫, କେ ୯ଏ**
**କଳିଙ୍ଗ ବିହାର,ଭୁବନେଶ୍ୱର - ୧୯**
**ମୋ-୭୭୫୦୮୫୨୮୧୯**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ...

ରହିଛି । ଯେହେତୁ ଘୂର୍ଣ୍ଣିବଳୟଟି ୭.୬ କିମି ଉଚ୍ଚରେ ରହିଛି ଏହା ଅଧିକ ଘନୀଭୂତ ହୋଇପାରେ । ଏହାସହ ମୌସୁମୀ ନିମ୍ନ ଚାପରେଖା ନିଜ ସାଧାରଣ ଅବସ୍ଥାନକୁ ଫେରୁଥିବାରୁ ମୌସୁମୀ ବାୟୁ ପ୍ରବାହ କରି ସଂଗଠିତ କରିବା ଯୋଗୁ ରାଜ୍ୟରେ ବର୍ଷାର ପ୍ରଭାବ ପ୍ରଶମିତ ହେବ ।

ଆସନ୍ତା ସ୍ୱାଧୀନତା ଦିବସରେ ରାଜ୍ୟରେ ପୁଣି ଅକାଡ଼ିବ । ଆସନ୍ତା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଅଧିକ ଘନୀଭୂତ ହୋଇ ୧୪ ତାରିଖ ବେଳକୁ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଫଳରେ ୧୨ କିମ୍ବା ୧୩ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ତେବେ ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ବେଳକୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ଗତ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ବୁଧବାର ରାତିରେ ଭୁବନେଶ୍ୱରରେ ସର୍ବାଧିକ ୧୦୬.୯ ମିମି ବର୍ଷା ହୋଇଥିବାବେଳେ ଯାଜପୁର ଜିଲ୍ଲାର ଜେନାପୁରରେ ୧୦୬ ମିମି, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇରେ ୧୦୦ ମିମି, କଟକର ମାହାଙ୍ଗାରେ ୯୨ ମିମି, ନିଶ୍ଚିନ୍ତକୋଇଲିରେ ୮୭ ମିମି, କଣ୍ଟାପଡ଼ାରେ ୮୧ ମିମି, ଭଦ୍ରକର ଭଣ୍ଡାରୀପୋଖରୀରେ ୮୦ ମିମି, ଯାଜପୁରର ସୁକିନ୍ଦାରେ ୭୭ ମିମି, ଯାଜପୁରରେ ୭୫ ମିମି, ବାଲେଶ୍ୱରର ରାଜଘାଟରେ ୭୪ ମିମି, ଜଗତସିଂହପୁରର ବିରିଡ଼ିରେ ୭୨ ମିମି, ବାଲେଶ୍ୱରର ଖଇରାରେ ୬୮ ମିମି, ଏନ୍ଏଚ୍-୫ ଗୋବିନ୍ଦପୁରରେ ୬୬ ମିମି ବର୍ଷା ରେକର୍ଡ କରାଯାଇଛି । ଶୁକ୍ରବାର ସନ୍ଧ୍ୟା ୫.୩୦ ସୁଦ୍ଧା ସୋନପୁରରେ ୮୫ ମିମି, ପାରଲାଖେମୁଣ୍ଡିରେ ୫୬ ମିମି, ଅନୁଗୋଳରେ ୩୫ ମିମି ଓ ଭୁବନେଶ୍ୱରରେ ୧୬ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତାକାଲି (ଶୁକ୍ରବାର) ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଆଜି...

ନଦୀଶଯ୍ୟା ସଫା ଏବଂ ଗଭୀର କରିବା ଆଦି ସମ୍ପର୍କରେ ଆଲୋଚନା କରାଯିବ ।

ବନ୍ୟା ପରେ ପରେ କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ ହେବା ସହ ବିଭିନ୍ନ ସ୍ଥାନରୁ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ରାଜ୍ୟସରକାରଙ୍କ ନିକଟକୁ ଆସୁଛି । ବନ୍ୟା ଜଳ ଛାଡ଼ିବାର ୭୨ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ଆକଳନ ଅବ୍ୟାହତ ରହିଛି । ଇତିମଧ୍ୟରେ ପ୍ରଭାବିତ ୨୨ଟି ଜିଲ୍ଲାକୁ ସମୁଦାୟ ୧୧୦ କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତନ୍ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ୨୨.୦୩ କୋଟି, ଯାଜପୁର ଜିଲ୍ଲାକୁ ୨୦.୨୨ କୋଟି, ଭଦ୍ରକ ଜିଲ୍ଲାକୁ ୨୦.୨୨ କୋଟି, ଜଗତସିଂହପୁର ଜିଲ୍ଲାକୁ ୮.୧୮ କୋଟି, କେନ୍ଦୁଝର ଜିଲ୍ଲାକୁ ୬.୧୧ କୋଟି, ସମ୍ବଲପୁର ଜିଲ୍ଲାକୁ ୫.୫୬ କୋଟି, କେନ୍ଦ୍ରାପଡ଼ା ଜିଲ୍ଲାକୁ ୫.୦୪ କୋଟି, ମୟୂରଭଞ୍ଜ ଜିଲ୍ଲାକୁ ୫.୦୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

ମନ୍ତ୍ରୀ କହିଛନ୍ତି, ଗତ ବର୍ଷ ଜୁଲାଇ ମାସ ଅପେକ୍ଷା ଚଳିତ ବର୍ଷ ଜୁଲାଇ ମାସରେ ୬୫% ଅଧିକ ବୃଷ୍ଟିପାତ ହୋଇଥିବା ବେଳେ କେତେକ ସ୍ଥାନରେ ୯୭% ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ମଧ୍ୟ ହୋଇଛି । ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମରତ ଅଛନ୍ତି । ବର୍ତ୍ତମାନ ପ୍ରାୟ ୫୭୩ କିମି ଉପକୂଳ ଅଞ୍ଚଳରେ ୧୨୨ଟି ଟାୱାର୍ ଅବସ୍ଥାପିତ ଥିବା ବେଳେ ତାହାର ଆଧୁନିକୀକରଣ ସହ ପ୍ରତ୍ୟେକ ଟାଓ୍ୱାରରେ ୩୬୦ ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି । ସାଟେଲାଇଟ୍ ଟେଲି କମ୍ୟୁନିକେସନ୍ ସିଷ୍ଟମ୍ ଦ୍ୱାରା ଏହି ସବୁ ଟାୱାର ଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ସହ ସମସ୍ତ ୩୧୪ଟି ବ୍ଲକରେ ଆଧୁନିକ ବ୍ୟବସ୍ଥା ସହ ମୁଖ୍ୟ କଣ୍ଟ୍ରୋଲ ରୁମରୁ ଆଗାମୀ ଦିନରେ ଉଚ୍ଚଗତିଶୀଳ ବ୍ୟବସ୍ଥା ସ୍ଥାପନ କରି ସୂଚନା ଆଦାନପ୍ରଦାନ ଆହୁରି ସୁଦୃଢ଼ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପମାନ ହାତକୁ ନିଆଯାଇଛି । ବିଭାଗୀୟ ବରିଷ୍ଠ ଅଧିକାରୀ ଗୋଆ ଏବଂ କେରଳ ରାଜ୍ୟ ଗସ୍ତ କରି ସେଠାକାର ପୂର୍ବ ସୂଚନା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅବଗତ ହୋଇଛନ୍ତି ।

ସେହିପରି ସମ୍ବଲପୁରଠାରେ ଡପଲର୍ ରାଡାର୍ ଏହା ମଧ୍ୟରେ କ୍ରିୟାଶୀଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ବାଲେଶ୍ୱର ଏବଂ ଭୁବନେଶ୍ୱରର ରାଡାର୍ କାର୍ଯ୍ୟକ୍ଷମ କରାଯିବ । ଗୋପାଳପୁର ଏବଂ ପାରାଦୀପଠାରେ ମଧ୍ୟ ପୂର୍ବରୁ ଥିବା ରାଡାରର ଆବଶ୍ୟକ ମରାମତି ମଧ୍ୟ କରାଯାଉଛି । ପୁରୀରେ ମଧ୍ୟ ନୂତନ ରାଡାର ସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଏ ସମସ୍ତ ଡପଲର୍ ରାଡାର୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ପାଣିପାଗ ପୂର୍ବାନୁମାନ ଆହୁରି ଶାଣିତ ଏବଂ ନିର୍ଭୁଲ୍ ହେବ । ରାଜ୍ୟର

ବଜ୍ରପାତ ମୃତ୍ୟୁକୁ ରୋକିବା ନିମନ୍ତେ ଜଙ୍ଗଲ ବିଭାଗକୁ ସମସ୍ତ ଚାଷଜମିରେ ତାଳଗଛ ଲଗାଇବା ନିମନ୍ତେ ୩୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଲଗାଣ ବର୍ଷାରେ ସହରାଞ୍ଚଳ ଜଳବନ୍ଦୀ ସମସ୍ୟା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇବା ନିମନ୍ତେ ଆଲୋଚନା ଚାଲିଛି । ଭୁବନେଶ୍ୱର ମହାନଗର ନିଗମ ଆଇଆଇଟି ରୁର୍କୀ ସହ ଏଥିନିମନ୍ତେ ଅନୁବନ୍ଧିତ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ସୁଦୃଢ଼ ଭିତ୍ତିଭୂମି ବିକାଶ ଦ୍ୱାରା ସଫଳତାର ସହ ବିପର୍ଯ୍ୟୟ ମୁକାବିଲା ଏବଂ ପ୍ରତିଟି ଧନଜୀବନର ସୁରକ୍ଷା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି ।

### ଅଗ୍ନି-୪...

କ୍ଷେପଣାସ୍ତ୍ରଟି ୧ଟନ୍ ଓଜନର ପରମାଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି । ଅଗ୍ନି ଗ୍ରୁପ୍‌ର କ୍ଷେପଣାସ୍ତ୍ରକୁ ଅଧିକ ବିକଶିତ କରାଯାଇ ଅଗ୍ନି-୪ ନିର୍ମାଣ କରାଯାଇଛି । ଆଜି ମଧ୍ୟ ସ୍ଥଳସେନାର ଷ୍ଟ୍ରାଟେଜିକ କମାଣ୍ଡ ଫୋର୍ସ ପକ୍ଷରୁ ଏହାର ବ୍ୟାବହାରିକ ପରୀକ୍ଷଣ ହୋଇଥିଲା । ଏକ ମୋବାଇଲ ଲଞ୍ଚରରୁ ଆଜିର ପରୀକ୍ଷଣଟି କରାଯାଇଥିବା ଜଣାପଡ଼ିଛି । ଏହି କ୍ଷେପଣାସ୍ତ୍ରର ଆଜିର ପରୀକ୍ଷଣ ସମୟରେ ଡିଆରଡିଓର ବହୁ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକ ଉପସ୍ଥିତ ଥିଲେ । ଆଜିର ଏହି ପରୀକ୍ଷଣଟି ସଫଳ ହୋଇଥିବାରୁ ପ୍ରତିରକ୍ଷା ବିଭାଗର ବରିଷ୍ଠ କେନ୍ଦ୍ରୀୟ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିବା ସଂଗେ ସଂଗେ ଡ଼ିଆରଡ଼ିଓର ସମସ୍ତ ବୈଜ୍ଞାନିକ, କର୍ମଚାରୀ ଏବଂ ସଶସ୍ତ୍ର ଜଓ୍ୱାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ମୌସୁମୀ...

ଲୋକସଭାର ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ । କଂଗ୍ରେସ ସମେତ ଏନ୍‌ଡିଏର ସହଯୋଗୀଙ୍କ ସହ ମଧ୍ୟ ବିଲ୍‌କୁ ସମର୍ଥନ କରିବାକୁ ଆଲୋଚନା ଚାଲିଛି । ତେବେ ଗତକାଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ସ୍ପଷ୍ଟ କରିଛନ୍ତି ଯେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାର କୌଣସି ପ୍ରସ୍ତାବ ନାହିଁ । ତେବେ ବିରୋଧୀ ସାଂସଦମାନେ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ରହି ୨୦ ତାରିଖରେ ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉତ୍ତର ରଖନ୍ତୁ । ଲୋକସଭା ବାଚସ୍ପତି ଓମ୍ ବିର୍ଲ୍ଲା ହଟ୍ଟଗୋଳ କରୁଥିବା ସାଂସଦମାନଙ୍କୁ କହିଆସୁଛନ୍ତି ଯେ ପ୍ରଶ୍ନଉତ୍ତର କାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଆରମ୍ଭ କରାଯାଉ । ଏଭଳି ପ୍ରତିବାଦ କରିବା ଦ୍ୱାରା ଗୃହର ମର୍ଯ୍ୟାଦା ହାନି ହେଉଛି । ତେବେ ବିରୋଧୀ ସଦସ୍ୟମାନେ ଚାନ୍ଦା ଚୋରି ପ୍ରସଙ୍ଗ ଓ ପୋଲିସ ଲାଠିଚାର୍ଯ୍ ଘଟଣାରେ ସଂସଦ ବାହାରେ ଓ ଭିତରେ ବିକ୍ଷୋଭ କରୁଛନ୍ତି । ବିଜେପି ରାଜ୍ୟସଭା ସାଂସଦ ଦିନେଶ ଶର୍ମା କହିଛନ୍ତି ଯେ ବିରୋଧୀ ସଂସଦକୁ ଚଲାଇ ଦେଉନାହାନ୍ତି । ବିଜେପିର ଅଭିଯୋଗକୁ ବିରୋଧୀ ସଦସ୍ୟମାନେ ଖଣ୍ଡନ କରିଛନ୍ତି । ଆମ୍ ଆଦ୍‌ମୀର ରାଜ୍ୟସଭା ସାଂସଦ ବଲବିନ୍ଦର ସିଂ କାଙ୍ଗ ଯୁକ୍ତି ବାଢ଼ିଛନ୍ତି ଯେ ସଂସଦ କିଭଳି ସୁରୁଖୁରୁରେ ଚାଲିବ ଏ ଦାୟିତ୍ୱ ସରକାରଙ୍କର । ବିରୋଧୀମାନେ କେବଳ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଉଛନ୍ତି । ସମାଜବାଦୀପାର୍ଟି ସାଂସଦ ରାଜୀବ ରାୟ ମଧ୍ୟ ଅଭିଯୋଗ କରିଛନ୍ତି ଯେ ସରକାର ଆଲୋଚନାକୁ ଟାଳୁଛନ୍ତି । ତେବେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସରକାର ଗୋଟିଏ ପରେ ଗୋଟିଏ ବିଲ୍ ପାରିତ କରିବାରେ ଲାଗିଛନ୍ତି ।

### ୟୁପିଏସ୍‌ସି...

ଦ୍ୱାରା ମନୋନୀତ ଅନ୍ୟ ରାଜ୍ୟ କ୍ୟାଡରର ଜଣେ କେନ୍ଦ୍ରୀୟ ପୋଲିସ ସଂଗଠନର ମୁଖ୍ୟ, ମୁଖ୍ୟ ସଚିବ ଓ ପୋଲିସ ଡିଜି ପ୍ରମୁଖ ଉପସ୍ଥିତ ରହିବେ । ଡିଜି ପଦ ପାଇଁ ୧୧ ଅଧିକାରୀଙ୍କ ନାମ ପଠାଯାଇଛି । କମିଟି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରୁ ୩ ଜଣଙ୍କ ନାମ ପ୍ରସ୍ତୁତ କରିବେ । ଏହି ଅଧିକାରୀଙ୍କ ଚାକିରି ଅତିକମ୍‌ରେ ୩୦ ବର୍ଷ ହୋଇଥିବ ଓ ଚାକିରି ସମୟରେ ରେକର୍ଡ ସ୍ୱଚ୍ଛ ରହିଥିବ । ବରିଷ୍ଠତା ଓ ସିସିଆର ଦେଖି ଡିଜିପି ଚୟନ କରାଯିବ । ୧୯୯୦ ବ୍ୟାଚ୍‌ର ସୁଧାଂଶୁ ଷଡ଼ଙ୍ଗୀ ଏବେ ଅଗ୍ନିଶମ, ହୋମଗାର୍ଡ ଓ ସିଭିଲ ଡିଫେନ୍ସର ଡିଜି ଦାୟିତ୍ୱରେ ଅଛନ୍ତି । ପୂର୍ବରୁ ସେ କଟକ-ଭୁବନେଶ୍ୱର ପୋଲିସ କମିଶନର ଭାବେ କାର୍ଯ୍ୟ କରିଥିଲେ । ମାଲକାନଗିରି ଜିଲ୍ଲାର ଏସ୍‌ପି ଓ ଦକ୍ଷିଣ-ପଶ୍ଚିମ ରେଞ୍ଜର ଡିଆଇଜି ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ସେବା ପାଇଁ ପୋଲିସ ପଦକ ଓ ରାଷ୍ଟ୍ରପତି ପୋଲିସ ମେଡାଲ ଭଳି ପଦକ ମଧ୍ୟ ପାଇଛନ୍ତି । ସେହିଭଳି ଆର୍‌ପି କୋଚେ ଗୁଇନ୍ଦା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ପଦପଦବୀରେ ରହି ସୁଚାରୁ ରୂପେ ନିଜ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ସେହିଭଳି ଆଇପିଏସ୍ ସୁଶାନ୍ତ ନାଥ ଜେଲ୍ ଡିଜି ଭାବେ ଜେଲ୍ ସଂସ୍କାରରେ ଅନେକ କାର୍ଯ୍ୟ କରିଛନ୍ତି । ବିଏସ୍‌ଏଫ୍ ଆଇଜି ଭାବେ ଦକ୍ଷତାର ସହ ନିଜ ଦାୟିତ୍ୱ ତୁଲାଇଛନ୍ତି ।

# ଜିଲ୍ଲା ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣ : ଘଟଣାକୁ ନେଇ ଓକିଲ ମହଲରେ ତୀବ୍ର କ୍ଷୋଭ



ବରଗଡ଼,(ସବ୍ୟୁ) : ବରଗଡ଼ ସହରର କଚେରୀ ଛକ ନିକଟରେ ଅଭାବନୀୟ ଘଟଣା ଘଟିଛି । ମାନବିକତାର ପରିଚୟ ଦେଇ ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବକଙ୍କୁ ସାହାଯ୍ୟ କରିବାକୁ ଯାଇ ବରଗଡ଼ ବାର୍ ଆସୋସିଏସନର ସଭାପତି ଆଡଭୋକେଟ ଭୀଷ୍ମଦେବ ସରାଫ ବିୟର ବୋତଲ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ଆଇନଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ସହରର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ତିନିଜଣ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ କଚେରୀ ନିକଟରେ ରାସ୍ତା ଉପରେ ପଡ଼ିଯାଇଥିଲେ । ସେହି ସମୟରେ ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ଆଡଭୋକେଟ ଅଶୋକ ଯୋଶୀ, ଆଡଭୋକେଟ ଅନୁପ ଶତପଥୀ ଓ ଅନ୍ୟ କିଛି ଆଇନଜୀବୀ ସେମାନଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସିଥିଲେ । କିନ୍ତୁ ଅଭିଯୋଗ ଅନୁସାରେ, ଯୁବକମାନେ ନିଶାଗ୍ରସ୍ତ ଅବସ୍ଥାରେ ଥିବାରୁ ଆଇନଜୀବୀମାନଙ୍କ ସହ ଅଭଦ୍ର ବ୍ୟବହାର କରିଥିଲେ ଓ ଗାଳିଗୁଲଜ କରିଥିଲେ । ପରେ ନରେଶ ଭୋରାସାଗର ନାମକ ଜଣେ ଯୁବକ ବିୟର ବୋତଲରେ ସଭାପତି ଶ୍ରୀ ସରାଫଙ୍କ ମୁଣ୍ଡକୁ ଆଘାତ କରିଥିବା ଅଭିଯୋଗ ହୋଇଛି । ଫଳରେ ସେ ତଳେ ପଡ଼ିଯାଇଥିଲେ । ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିବା ବେଳେ ଆହତ ସରାଫଙ୍କୁ ପ୍ରଥମେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣାର ସୂଚନା ପାଇ ବରଗଡ଼ ଏସପି ରବୀନ୍ଦ୍ରନାଥ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତର ତଦାରଖ କରିଥିଲେ ଓ ପରେ ଯାଇ ହସ୍ପିଟାଲ ରେ ସଭାପତି ଶ୍ରୀ ସରାଫଙ୍କୁ ସାକ୍ଷାତ କରି ଘଟଣା ବିଷୟରେ ପଚାରି ବୁଝିଥିଲେ ଓ ଅଶୁ ଆରୋଗ୍ୟ କାମନା କରିଥିଲେ । ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ଏବଂ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି । ଏହି ଘଟଣାକୁ ବରଗଡ଼ ବାର୍ ଆସୋସିଏସନ ତୀବ୍ର ନିନ୍ଦା କରିଛି । ଆଇନଜୀବୀଙ୍କ ଉପରେ ଏଭଳି ଆକ୍ରମଣକୁ ସଂଘ ଗୁରୁତର ଘଟଣା ବୋଲି ବର୍ଣ୍ଣନା କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଆଇନଜୀବୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରିଛି । ଦିନ ଦ୍ୱିପ୍ରହରରେ କଚେରୀ ନିକଟରେ ଘଟିଥିବା ଏହି ଘଟଣା ସହରରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଏହାକୁ ନେଇ ଉଦବେଗ ପ୍ରକାଶ ପାଉଛି ।

# ୧୫ ସେପ୍ଟେମ୍ବର ନୂଆଁଖାଇ ଲଗ୍ନ ଧାର୍ଯ୍ୟ, ପୂର୍ବାହ୍ନ ୯: ୩୬ ରୁ ୧୦:୧୦ ମଧ୍ୟରେ ଲାଗିବ ନବାନ୍ନ

ବଲାଙ୍ଗିର(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ପ୍ରସିଦ୍ଧ ଗଣପର୍ବ 'ନୂଆଁଖାଇ' ପାଇଁ ଶୁଭ ଲଗ୍ନ ନିର୍ଦ୍ଧାରିତ ହୋଇଛି । ଚିରାଚରିତ ପ୍ରଥା ଅନୁଯାୟୀ, ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭାର ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ଓ ରାଜପୁରୋହିତଙ୍କ ସିଦ୍ଧାନ୍ତ କ୍ରମେ ଆସନ୍ତା ୧୫-୦୯-୨୦୨୬ ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଜିଲ୍ଲାସାରା ନୂଆଁଖାଇ ପାଳିତ ହେବ । ପୂର୍ବତନ ପାଟଣା ଷ୍ଟେଟ ତଥା ମହାରାଜାଙ୍କ ଇଷ୍ଟଦେବୀ ଶ୍ରୀ ଶ୍ରୀ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ରାଶିନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁସାରେ, ସେପେଟମ୍ବର ୧୫ ତାରିଖ ବିଶୁଦ୍ଧ ତୁଳ ଲଗ୍ନେ ଅମୃତ ବେଳାରେ ଦିବା ଘ.୯.୩୬ ରୁ ଘ.୧୦.୧୦ ମଧ୍ୟରେ ସମଗ୍ର ବଲାଙ୍ଗୀର ଜିଲ୍ଲାରେ ନବାନ୍ନ ବିଧି ଅନୁଷ୍ଠିତ ହେବ । ଏହି ସମ୍ବନ୍ଧୀୟ ଘୋଷଣା ପାଟଣା ମହାରାଜାଙ୍କ ହାଉସ ହୋଲାଂ ଅଫିସ, ଶୈଳଶ୍ରୀ ପ୍ୟାଲେସ, ବଲାଙ୍ଗିର ପକ୍ଷରୁ ପ୍ରକାଶ ପାଇଛି । ଶୁକ୍ରବାର ରାଜ ପୁରୋହିତ ସବିଶେଷ ସୂଚନା ଦେବେ ।

## ବାଘ ଛାଲ ଜବତ, ଜଣେ ଗିରଫ

କୋକସରା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଡହଗାଁ ଠାରେ ବାଘ ଛାଲ ସହ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ନବରଙ୍ଗପୁର (ହିଁଲି ଡଙ୍ଗର ) ଅଞ୍ଚଳର ସୁକେନ ଗୌଡ଼ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଗୁରୁବାର ଡହଗାଁ ଠାରେ ସୁକେନ ଗୌଡ଼ ବାଘ ଛାଲ ବିକ୍ରୀ କରିବା ପାଇଁ ଯୋଜନା କରୁଥିବା ବେଳେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଏସିଏଫ ପ୍ରଫୁଲ୍ଲ ଧରୁଆଙ୍କଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ବାଘ ଛାଲ, ନଖ ଓ ଦାନ୍ତ ଜବତ କରିବା ସହିତ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ରାକେଟ ପଛରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ରହିଛନ୍ତି ସେନେଇ ବନ ବିଭାଗ ଅଧିକ ତଦନ୍ତ ଚଳାଇଥିବା କୁହାଯାଇଛି । ଏହି ଚଢ଼ାଉରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ସିମାଞ୍ଚଳ ମିଶ୍ର ସହିତ ବେହେରା ସେକ୍ସନ ଫରେଷ୍ଟର କ୍ଷୀରୋଦ ଚନ୍ଦ୍ର ସେଠ, ବନରକ୍ଷୀ ଲଳିତ ନାଏକ, ପ୍ରଭାସିନୀ ଗୋପାଳ, ପାରାଷ୍ଟାଫ କ୍ଷତ୍ରିଅ ନାଏକ, ମାନସ ସା ପ୍ରମୁଖ ସାମିଲ ହୋଇଥିଲେ ।

# ହାଇଦ୍ରାବାଦରୁ ଅପହର୍ତ୍ତା ଗିରଫ,ଅପହୃତା ଉଦ୍ଧାର

ଆଗରପଡ଼ା,(ସବ୍ୟୁ): ଏକ ଭିନ୍ନ ସଂପ୍ରଦାୟର ତିନି ଛୁଆର ବାପା ଜନୈକା ନାବାଳିକାଙ୍କୁ ନେଇ ଫେରାର ହୋଇଯିବା ପରେ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ବିଭିନ୍ନ ସନ୍ଦିଗ୍ଧ ସ୍ଥାନ ଅତର୍କିତ ଚଢ଼ାଉ କରିଥିଲେ ସୁଦ୍ଧା ଅପହର୍ତ୍ତା,ନାବାଳିକାଙ୍କୁ ନେଇ କୌଶଳକ୍ରମେ ଓଡ଼ିଶା ବାହାରକୁ ଫେରାର ହୋଇ ଯାଇଥିଲା । ଅପହୃତାଙ୍କୁ ଉଦ୍ଧାର ପାଇଁ ଥାନାଧିକାରୀ ଉଦ୍ୟମ ଜାରି ରଖିଥିଲେ । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ହାଇଦ୍ରାବାଦ ସ୍ଥିତ ଏକ ଭଡ଼ା ଘରୁ ଉଭୟ ଅପହର୍ତ୍ତା ଓ ଅପହୃତାଙ୍କୁ ଉଦ୍ଧାର କରି ଆଗରପଡ଼ା ଆଣିଥିଲା । ପରେ ଅପହର୍ତ୍ତାଙ୍କୁ କୋର୍ଟ ଚାଲାଣ କରାଯିବା ସହ ଅପହୃତାଙ୍କୁ ଭଦ୍ରକ ସ୍ଥିତ ଆସିୟାନାକୁ ପଠା ଯାଇଥିବାର ଥାନା ସୂତ୍ରରୁ ଜଣାପଡ଼ିଛି ।

ଥାନାଧିକାରୀଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଂଶସା କରାଯାଇଛି । ଅପହର୍ତ୍ତା ଜଣଙ୍କ ଘର ସୋର ଥାନା ମାଖନପୁର ଅଂଚଳରେ । ସେ କିଛିବର୍ଷ ତଳେ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଁଷଗୋଠ ପଞ୍ଚାୟତ ଘଣ୍ଟଗଡ଼ିଆ ଗ୍ରାମରେ ବିବାହ କରିଥିଲେ । ତେଣୁ ସେ ଶ୍ୱଶୁର ଘରକୁ ବାରମ୍ବାର ଯାଆ ଆସ କରୁଥିଲେ । ଏହି ଯାଆଆସ ଭିତରେ ଶ୍ୱଶୁର ଘର ନିକଟସ୍ଥ ଏକ ଗ୍ରାମର ଜନୈକା ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ତାଙ୍କୁ ଅପହରଣ କରି ନେଇଥିଲା ବୋଲି ଅଭିଯୋଗ ହୋଇଥିଲା । ଏହି ସଂପର୍କରେ ଥାନା କେସ ନଂ-୧୬୨/୨୬ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରୀ ରଖିଥିଲା । ଅପହର୍ତ୍ତାଙ୍କର ତିନୋଟି ଛୋଟ ଝିଅ ଓ ସ୍ତ୍ରୀ ଥିବାର ଜଣାପଡ଼ିଛି ।


**AFFIDAVIT**

By virtue of an affidavit sworn before Executive Magistrate,Nayagada Odisha on dated 06.08.2026 Prahallad Sahoo S/o -Chintamani Sahoo Resident of At- Hiradeipur P.O- Malisahi P.S- Sadar Nayagada Dist-Nayagada,PIN-752070 declare that I have changed my minor Son's name from Sachidanda Sahoo to Sachidananda Sahoo Henceforth, he shall be known as Sachidananda Sahoo for all purposes.

Sd/- Prahallad Sahoo

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 26.03.2026 Kumar Chandra Patra S/o -Budhi Patra Resident of At- Nagapur P.O- Lathipada P.S- Itamati Dist-Nayagarh,PIN-752079 declare that I have changed my daughter's name from Jyotirmayee Patra to Jyotimayee Patra Henceforth, she shall be known as Jyotimayee Patra for all purposes.

Sd/- Kumar Chandra Patra

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 06.08.2026 Arun Kumar Sahoo S/o -Braja Kishore Sahoo Resident of At-Gunthuni No.1 P.O- Gunthuni P.S- Khandapada Dist-Nayagarh,PIN-752068 declare that I have changed my daughter's name from Sasmita Sahoo to Ashmita Sahoo Henceforth, She shall be known as Ashmita Sahoo for all purposes.

Sd/- Arun Kumar Sahoo

**AFFIDAVIT**

By virtue of an affidavit sworn before The Executive Magistrate, Talcher. I, Jageswar Singh, Aged (57), S/o- Keshab Chandra Singh, Resident At- Sonakerajang, Po- Golabandha, Ps- Nisha, Dist- Angul. Declare that I have changed my name from Jogeswar ingh, S/o- Keshab Chandra Singh to Jageswar Singh, S/o- Keshab Chandra Singh. Henceforth, I shall be known as Jageswar Singh, S/o- Keshab Chandra Singh for all purposes.

Sd/- Jageswar Singh

**AFFIDAVIT**

By virtue of an affidavit sworn before Executive Magistrate, Khandapada Odisha on dated 31.07.2026 I, Kokila Swain W/o -Lingaraj Pradhan Resident of At - Mangala Sahi, Khandapada P.O- Khandapada, P.S- Khandapada Dist-Nayagarh,PIN-752077 declare that I have changed my name from Jhili Pradhan to Kokila Swain Henceforth, I shall be known as Kokila Swain for all purposes.

Sd/- Kokila Swain

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 06.08.2026 I, Biswanath Swain S/o -Arttabandhu Swain Resident of At-Notar P.O- Notar P.S-Itamati Dist-Nayagarh,PIN-752079 declare that I have changed my name from Bishnu Swain to Biswanath Swain Henceforth, I shall be known as Biswanath Swain for all purposes.

Sd/- Biswanath Swain

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
AT/PO BARINIPUT, DIST. KORAPUT - 764006, ODISHA
PHONE: - (06854)242001, FAX: - (06854)242093, e-mail: sgmel.ukhep@gmail.com
4001/245/2627 CIN: U40101OR1995SGC003963

**TENDER CALL NOTICE NO UKHEP- 19 /2026-27, DATED. 04/08/2026**

Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from Govt. registered Contractors/Agencies for following work on job contract basis for a period of 12 Calendar months".

| Sl. No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| | Cleaning, Sanitation, up keeping, maintenance and removal of Garbage's, beehives of Upper Kolab power House and its area, Switchyard Control Room & its area, All Stores, Garage & its area, Power House Canteen, Valve House & its area, surge tank area, Workshop, Penstock area, Sewage system of UKHEP, Residential & Nonresidential buildings of UKHEP, Bariniput & Power House Colony on Job contract basis for a period of 12 calendar months | 11,800/- (Rs. 10,000/- + 18% GST) | Rs. 65,600/- |

The sale of Tender Paper will be from : 10:00Hr of Dt.10/08/26 to 11:00 Hrs of Dt. 25/08/2026
The last date & time of receipt of Tender : Up to 12:00 Hrs of Dt.25/08/2026
The date and time of opening of Tender : At 12:30 Hrs ofDt.25/08/2026

For details of tender documents, Terms & conditions. Eligibility criteria and downloading, please refer our website www.ohpcltd.com.

Sd/- C&P Head,
Upper Kolab H.E. Project, Bariniput

OIPR : 4001/4002/1/26-27/0019

**OFFICE OF THE MUNICIPAL COUNCIL, SONPUR**
No. 2395 / Dt. 05.8.26
13001/1437/2627

**QUOTATION CALL NOTICE**

Sealed Quotations are invited in the prescribed proforma from the intending registered firms /authorised dealers / Distributers/ Supplier and manufactures in two bid systems for **Supply and installation of One set of 25 meters Flag mast with its all-other accessories at Town Hall, Sonpur Municipality** having up to date GST Regd. certificate, PAN card etc.... The quotationer shall have to quote the price of item & unit wise of their respective company. The rate quoted documents should be submitted to the undersigned on or before **12.08.2026** up to **3.00 P.M**. through Regd. Post /Speed post or in person drop in tender box and the same will be opened on **dt 12.08.2026 at 4.00 P.M.** in presence of quotationer or their authorised representatives. Beyond the date no quotation shall be entertained. The quotation paper along with terms and conditions is available in the district website of Sonpur i.e. www.subarnapur.odisha.gov.in with effect from **05.08.2026** to **12.08.2026** up to **3.00 P.M**. on submission of Non-refundable cost of quotation paper i.e. **Rs.7080/-** (Rupees Seven thousand eighty) only in shape of Demand draft in favour of Executive Officer, Sonpur Municipality Payable at Sonpur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigned any reason thereof.

Sd/- Executive Officer
Sonpur Municipality

OIPR : 13001/13098/1/26-27/0009

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
25001/889/2627
E-mail-eerwbansapal@gmail.com

**"e" Procurement Notice for Road Works**
**Identification No Road Online NCB - 05/2026-27.**

1. Name of the Work : Road Works in the District of Kendujhar for the year 2026-27.
2. Total Number of Work : 01 No.
3. Estimated Cost : Rs. 6.78 Lakhs (Approx.)
4. Class of Contractor : "D" & "C" Class
5. Period of Completion : As per annexure of e-Procurement Notice No. 05 of 2026-27.
6. Other Details : NA

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time Opening of Tender in O/o S.E., R.W.D. Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No.05 | Dt.14.08.26 at 11.00 A.M. | Dt.25.08.26 up to 5.00 P.M. | Dt.24.08.26 up to 5.00 P.M. | Dt.28.08.26 at 11.00 A.M. |

Further details can be seen from the Website www.tenderodisha.gov.in

Yours faithfully,
Sd/- Superintending Engineer,
R.W. Division, Banspal

OIPR : 25001/25198/1/26-27/0007

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡ, ବରଗଡ଼
ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ନିକଟରେ
ବରଗଡ଼ - ୭୬୮୦୨୮
Infront of Government ITI, Baragada -768028
Ph. 06646-233220 (O) 234626 (FAX)
E-mail : eerwss_bgh@nic.in
eerwssBaragada@gmail.com
25001/887/2627

**OFFICE OF THE SUPERINTENDING ENGINEER, RWS&S DIVISION, BARAGADA**

No. 2173 Date : 04.08.2026

**Quotation Call Notice**

The Superintending Engineer, RWS&S Division, Baragada on behalf of the Governor of Odisha invites sealed Quotation from the Reputed Firms/Agencies/Manufacturer for Supplying, Erection, Testing & Commissioning of R.O Based Defluoridation & Water Treatment Drinking Water Station Capacity 2M3/Hour including one year Maintenance cost on Trunkey basis in different places of different villages under Baragada District as per Annexure "A","B","C" and "D" for finalization of rate.

1. Date of receipt of the Quotation (e-Portal/ Tender Box /Postal) :- **Dt. 11.08.2026 to Dt 28.08.2026 upto 5.00P.M**
2. Last Date of receipt of the Quotation (e-Portal / Tender Box /Postal) :- **Dt. 28.08.2026 up to 5.00 P.M**
3. Date & time of Opening of Quotation: - **Dt 29.08.2026 at 11.00 A.M.**
4. Estimated Cost for Single Unit is **18.83 Lakhs (Approximate)**
5. Name and address of the Officer Inviting Quotation: - **Superintending Engineer, RWS&S Division, Baragada, District: - Baragada.**

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd/- Superintending Engineer,
RWS&S Division, Baragada

OIPR : 25001/25018/1/26-27/0003

8001/260/2627
GOVERNMENT OF ODISHA
ବନଖଣ୍ଡ ଅଧିକାରୀ-ତଥା-ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, କଟକ ବନଖଣ୍ଡ, କଟକ
**OFFICE OF THE DIVISIONAL FOREST OFFICER: KATAK A FOREST DIVISION GHATAKULA : NUAPADA : MADHUPATANA:KATAKA-753010.**
Off. Tel - 06712957611 Control Room Tel :06712340343
Toll Free No. 18003457473
E-mail ID :- dfocuttack2023@gmail.com
Tender Notice No-05 /1F - Dated 06.08.2026

**TENDER CALL NOTICE**

Divisional Forest Officer, Kataka Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. procurement of **Solar Street Light & Solar Fencing** for Kataka Forest Division. The Tender documents can be obtained by paying **Rs.2,000/-** towards cost of tender paper from the office of the undersigned in any working days from **10.08.2026.** The last date of receipt of Tender documents is **21.08.2026 at 05.00 P.M.** in the office of the undersigned through Speed Post / Regd. Post / Courier and in no case it will be accepted beyond **05.00 PM.** The Tender will be opened in the on **24.08.2026** at **12.00 Noon.** The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Kataka only. The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Last Date Submission of Bids | 21.08.2026 till-05.00 PM |
| The Date of Opening of Tenders | 24.08.2026 AT 12.00 - NOON |

Sd/- Divisional Forest Officer,
Kataka Forest Division

OIPR : 8001/8025/1/26-27/0004


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଟେଟ୍ରାହେଡ୍ରନ ଗ୍ରୁପ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

କଟକ,(ସବ୍ୟୁ): ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁର କଲ୍ୟାଣ ମଣ୍ଡପ ପରିସରରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନସ ଆନୁକୂଲ୍ୟରେ




ଏକ ବୁଦ୍ଧିଜୀବୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମୁରବୀ ଦୟାନିଧି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକଙ୍କ ଦେଶର ମୂଳପିଣ୍ଡ ସେମାନଙ୍କ ପ୍ରେରଣାରେ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଆଗାମୀ ଦିନରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଚାରଧାରାରେ ଟାଙ୍ଗୀ ଅଞ୍ଚଳର ବିକାଶରେ ନିଜକୁ ସାମିଲ ହେବା ପାଇଁ କହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ବେହେରା ସମସ୍ତଙ୍କୁ ଛତା ସହ ଚାରା ବଣ୍ଟନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମୁରବୀ ଅଚ୍ୟୁତାନନ୍ଦ ସାହୁ,ବଂଶୀଧର ବିଶ୍ୱାଳ,ବିଚିତ୍ରାନନ୍ଦ ଷଡ଼ଙ୍ଗୀ, ସୁବାସ ସାହୁ,ଗୋଲଖ ବେଜ୍,ହଳଧର ଅଞ୍ଚଳ,ଶରତ ଚନ୍ଦ୍ର ସାହୁ,ମନୋଜ ସ୍ୱାଇଁ, ଶ୍ରୀନିବାସ ବାରିକ୍,ସନ୍ତୋଷ ସ୍ୱାଇଁ,ରଘୁନାଥ ଜେଠି, ରିୟାଜଉଦ୍ଦିନ୍ ସାହା,ଦୀନବନ୍ଧୁ ନାଥ, ଅଲ୍ଲୀ ଇମାମ୍ ଖାଁ, ଦେବେନ୍ଦ୍ର ଷଡଙ୍ଗୀ, ମଦନ ସାହାଣୀ, ଭରତ ଚନ୍ଦ୍ର ଦାସ୍, , ଡ.ତ୍ରିଲୋଚନ ଖୁଣ୍ଟିଆ , ବାବୁଲି ସାହୁ, ଅଶୋକ ନାଥଙ୍କ ସମେତ ଶତାଧିକ ବରିଷ୍ଠ ମୁରବୀ ଯୋଗଦେଇଥିଲେ। ଭଗତପୁର ଗ୍ରାମ୍ୟ କମିଟିର ସମ୍ପାଦକ ତଥା ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଲ ପିଲାଙ୍କ ତ୍ରୁଟିମୁକ୍ତ ବହି କେବେ ମିଳିବ

# ମୁଖ୍ୟମନ୍ତ୍ରୀ ତାରିଖ ଘୋଷଣା କରନ୍ତୁ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଦ୍ୱାରା ଛପା ଯାଇଥିବା ଦ୍ୱିତୀୟ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିଯୁକ୍ତ ବହିର କେବେ ତ୍ରୁଟି ସୁଧାର ହେବ ଓ କେଉଁ ତାରିଖରେ ବହି ପିଲାଙ୍କୁ ରାଜ୍ୟ ସରକାର ଯୋଗାଇ ଦେବେ ଏହା ସବୁଠାରୁ ବଡ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇରହିଛି ।ପ୍ରକାଶ ଥାଉକି ରାଜ୍ୟ ସରକାର ୨ କୋଟି ୯୨ ଲକ୍ଷ ୭୭ ହଜାରରୁ ଅଧିକ ପୁସ୍ତକ ୫୧ଟି ବିଷୟ ପାଇଁ ରାଜ୍ୟର ୫୫ଲକ୍ଷ ଛାତ୍ରଛାତ୍ରୀଙ୍କ ୧୭୫ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ବ୍ୟୟକରି ଯେଉଁ ବହି ଛାପିଥିଲେ ତାହା ସଂପୂର୍ଣ୍ଣ ତ୍ରୁଟିଯୁକ୍ତ ବୋଲି କାହାକୁ ଆଉ ଅଛପା ନାହିଁ । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଖୋଦ ମୁଖ୍ୟମନ୍ତ୍ରୀ ବହି ଛାପିବାରେ ଷଡଯନ୍ତ୍ର ହୋଇଛି ବୋଲି ପ୍ରକାଶ କରିବା ସହିତ ଏହି ଷଡଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡାଯିବ ନାହିଁ ବୋଲି କହିବା ସହିତ ଏହି ଘଟଣାର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଂଚକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦିଆଯାଇଥିଲା ।କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବାର ୩ ଦିନ ଭିତରେଓଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରିବା ସହିତ ବିଚାର ବିଭାଗୀୟ ହାଜତକୁ ପଠାଇଥିଲା । ତଦନ୍ତର ଏକମାସ ପରେ ମଧ କ୍ରାଇମବ୍ରାଞ୍ଚ ମନୋଜ ପାଢ଼ୀଙ୍କ ବ୍ୟତିତ ଅନ୍ୟ କାହାରିକୁ ଏ ପର୍ଯ୍ୟନ୍ତ କାହିଁକି ଗିରଫ କରି ନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।ଚଳିତଶିକ୍ଷାବର୍ଷର ୪ ମାସରୁଅଧିକସମୟଚାଲିଗଲାଣି ।ବାକି




୫ ମାସ ପରେ ଶିକ୍ଷାବର୍ଷ ସରିଯିବ । କିନ୍ତୁ ଏ ପର୍ଯ୍ୟନ୍ତ" ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ପ୍ରତିଶ୍ରୁତି ପରେ ମଧ ରାଜ୍ୟର ୫୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ସ୍କୁଲ ବହି ଯୋଗାଇ ଦିଆଯାଇପାରିଲା ନାହିଁ । ଫଳରେ ରାଜ୍ୟରେ ଗୋଟିଏ ପିଢ଼ିରେ ଛାତ୍ରଛାତ୍ରୀ ନିର୍ଭୁଲ ଓ ଗୁଣାତ୍ମକ ଶିକ୍ଷାରୁ ସଂପୂର୍ଣ୍ଣ ରୂପେ ବଂଚିତ ହେଲେ । ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର ଗରୀବ ଖଟିଖିଆଙ୍କ ଟଙ୍କାରେ ଗାଡି, ଘର, କର୍ମଚାରୀ ଓ ଚାକର ଉପଭୋଗ କରିବେ କିନ୍ତୁ ନିଜର ଦାୟିତ୍ୱକୁ ନିଜ ମୁଣ୍ଡକୁ ନେବେ ନାହିଁ । ମୁଖ୍ୟମନ୍ତ୍ରୀ ତୁରନ୍ତ କେଉ ଁତାରିଖରେବହି ପିଲାଙ୍କୁଯୋଗାଇଦେବେ ତାହା ଘୋଷଣାକରନ୍ତୁ । ବିଭାଗୀୟମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ । ଅନ୍ୟତମ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି କହିଲେ ଯେ ସେପେଟମ୍ବର ମାସରେ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବ କିନ୍ତୁ ପିଲାମାନଙ୍କ ପାଖରେ ବହି ଦେଖାନାହିଁ । ଯଦି ବହିଖୁବ୍ ଶୀଘ୍ର ଯୋଗାଇ ନ ଦିଆଯାଏ ଚଳିତ ଶିକ୍ଷାବର୍ଷଟି ବେକାରରେ ଯିବ । ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନ ହେଲେ ରାଜ୍ୟ କଂଗ୍ରେସ ତରଫୁ ତାଙ୍କୁ ଅଣ୍ଡା, ଟମାଟୋ ମାଡ କରିବା ସହିତ ତାଙ୍କୁ ଘୋରବିରୋଧ କରାଯିବ । ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାସ ଓ ଜଗଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ ।

# ଆଶୀର୍ବାଦ ଫାଉଣ୍ଡେସନର ଆମ୍ବୁଲାନ୍ସ ସେବା ଆରମ୍ଭ

## ଆର୍ଥିକ ଅନଗ୍ରସର ଲୋକଙ୍କୁ ମିଳିବ ନିଃଶୁଳ୍କ ସେବା

କଟକ, (ସ୍ୱପ୍ର): ସମାଜସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଥିବା ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଛି । ଏହା ସହିତ ଏକ ନିଃଶୁଳ୍କ ଫିଜିଓଥେରାପି ସ୍ୱାସ୍ଥ୍ୟ ଶିବିର ମଧ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଆର୍.ଜେ. ଲଜିଷ୍ଟିକ୍ସର ପରିଚାଳନା ନିର୍ଦ୍ଦେଶିକା ଭାବନା ଜୟସ୍ୱାଲ ଉଦଘାଟକ ଭାବେ ଯୋଗଦେଇ ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ । ସେ ଫାଉଣ୍ଡେସନର ବିଭିନ୍ନ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ ସଂସ୍ଥାର ଜନହିତକର କାର୍ଯ୍ୟରେ ସହଯୋଗ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡ଼. ଜ୍ୟୋତିଷ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ସେବା ହିଁ ମାନବ ଜୀବନର ସର୍ବୋଚ୍ଚ ଧର୍ମ । ଅଳ୍ପ ସମୟ ମଧ୍ୟରେ ଆଶୀର୍ବାଦ ଫାଉଣ୍ଡେସନ ବିଭିନ୍ନ ଜନହିତକର କାର୍ଯ୍ୟ ମାଧ୍ୟମରେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ



ସୃଷ୍ଟି କରିପାରିଛି । ସମ୍ମାନିତ ଅତିଥି ଇଂ. ଏନ୍.କେ. ମହାନ୍ତି (ଆମିକସ୍ କ୍ୟୁରୀ) ଆଶୀର୍ବାଦ ଫାଉଣ୍ଡେସନର ସମାଜସେବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ଆମ୍ବୁଲାନ୍ସ ପ୍ରଦାନ ପାଇଁ ଶ୍ରୀମତୀ ଜୟସ୍ୱାଲ ଓ ଆର୍.ଜେ. ଲଜିଷ୍ଟିକ୍ସ ପରିବାରଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟତମ ଅତିଥି ଡ଼.ଦୀପକ କୁମାର ମହାନ୍ତ ଫାଉଣ୍ଡେସନର ମାନବସେବାମୂଳକ କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ । ପରେ ତାଙ୍କ ତତ୍ତ୍ୱାବଧାନରେ ନିଃଶୁଳ୍କ ଫିଜିଓଥେରାପି ଶିବିର ଅନୁଷ୍ଠିତ ହୋଇ ଅନେକ ରୋଗୀ ଉପକୃତ ହୋଇଥିଲେ । ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଫାଉଣ୍ଡେସନ ପକ୍ଷରୁ ମାଗୁଣୀ ଦାସ, ସରୋଜ ରାଉତ, ବିନୋଦ ବେହେରା, ପ୍ରମୋଦ ଭୋଳ, ସମୀର କର, ଚିତ୍ତରଞ୍ଜନ ନାୟକ, ବୀରକିଶୋର ସାହୁ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ କହିଥିଲେ ଯେ, ଏହି ଆମ୍ବୁଲାନ୍ସ ସେବା ସମସ୍ତ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ରହିବ । ବିଶେଷକରି ଆର୍ଥିକ ଅନଗ୍ରସର ଓ ବିପିଏଲ୍ ପରିବାରର ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଏହି ସେବା ପ୍ରଦାନ କରାଯିବ । ସେ ଆହୁରି କହିଥିଲେ ଯେ, ଆଗାମୀ ଦିନରେ ଫାଉଣ୍ଡେସନ ପକ୍ଷରୁ ଏକ ବୃଦ୍ଧାଶ୍ରମ ଏବଂ ବାଳାଶ୍ରମ ପ୍ରତିଷ୍ଠା କରିବାର ଯୋଜନା ରହିଛି । ଏଥିରେ ଅନୁଷ୍ଠାନର ସରୋଜ କୁମାର ପୁରୁଖତ, ଶୋଭରାଜ ମହାପାତ୍ର, ବିଶ୍ୱ ରଞ୍ଜନ ସାହୁ, ପ୍ରଦୀପ ଦାସ, ସଂଜୀବ କୁମାର ମହାପାତ୍ର, ସ୍ୱରୂପ ଭୂୟାଁ, ରୁଦ୍ର ପ୍ରସାଦ ଦାସ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜିଲ୍ଲା ସ୍ତରୀୟ ନିଶାମୁକ୍ତ କାର୍ଯ୍ୟକ୍ରମ

# ରାଜ୍ୟସ୍ତରୀୟ ଉତ୍ସବ ପାଇଁ ୮ ପ୍ରତିଯୋଗୀ ଚୟନ

କଟକ,(ସବ୍ୟୁ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ମାଇଁ ଭାରତ କଟକ ପକ୍ଷରୁ ରଘୁନାଥ ଜିୟୁ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁ, ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ ସନ୍ଧ୍ୟା ସାୟନ୍ତିନୀ ମହାନ୍ତି ଓ କଲେଜ ପ୍ରଶାସନିକ ଅଧିକାରୀ ଡ଼ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ନିଶାମୁକ୍ତ କାର୍ଯ୍ୟକ୍ରମରେ ଯୁବ ଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଓ ଯୁବ ପ୍ରତିନିଧି ମଧ୍ୟରେ ଲୋକ ନୃତ୍ୟ, ଲୋକ ସଙ୍ଗୀତ,ନୁକୁଡ ନାଟକ, ବକ୍ତୃତା,




ଚିତ୍ରକଳା, କବିତା ପଠନ,ରିଲସ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଆସନ୍ତା ଦଶ ତାରିଖରେ ଭୁବନେଶ୍ୱରର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଶେଷରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୨୪ଜଣ ଶିକ୍ଷାବିତ ବିଚାରକ ଭାବେ ଯୋଗଦେଇଥିବା ବେଳେ କଲେଜର ସମସ୍ତ ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ରୋଟାରୀ କ୍ଲବ୍ ଅଫ୍ ଇନ୍‌ଫୋସିଟିର ଅଧିଷ୍ଠାନ ଦିବସ

ଭୁବନେଶ୍ୱର (ସବ୍ୟୁ): ରୋଟାରୀ କ୍ଲବ୍ ଅଫ୍ ଇନ୍ଫୋସିଟି ର ୨୦୨୬-୨୭ ବର୍ଷ ପାଇଁ ୨୪ତମ ଶପଥ ଗ୍ରହଣ ଓ ପଦସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ



ନୂତନ ସଭାପତି ରୋଟାରିୟାନ ଡ଼ ପ୍ରଶାନ୍ତ ଶତପଥୀ,, ନୂତନ ସମ୍ପାଦକ ରୋଟାରିୟାନ ପ୍ରଶାନ୍ତ ଭଦ୍ରା, ଉପଦେଷ୍ଟା ଡ଼ ଶ୍ରୀନିବାସ ପଣ୍ଡା, ପ୍ରାକ୍ତନ ସଭାପତି ଡ଼ ବସନ୍ତ ବଡୁ, ରୋଟାରିୟାନ ପ୍ରସନ୍ନ ପଣ୍ଡା, ରୋଟାରିୟାନ ପ୍ରକାଶ କର,ରୋଟାରିୟାନ ଶୁଭ୍ରାଂଶୁ ତ୍ରିପାଠୀ, ରୋଟାରିୟାନ ତ୍ରିଲୋଚନ ପାତ୍ର, ରୋଟାରିୟାନ ଅକ୍ଷୟ ପ୍ରଧାନ, ରୋଟାରିୟାନ ବିଭୁ ମହାପାତ୍ର, ରୋଟାରିୟାନ ସତ୍ୟ ଷଡଙ୍ଗୀ, ରୋଟାରିୟାନ ଜଗତ ଦାସ, ରୋଟାରିୟାନ ଦେବାଶିଷ ଚାଟାର୍ଜି, ରୋଟାରିୟାନ ଚୁମକି ଘୋଷାଲ, ବିଶିଷ୍ଟ ଶିଳ୍ପପତି ଶରତ ସାହୁ ଏବଂ ରବୀନ୍ଦ୍ର ସାମଲ ଆଦି ସମସ୍ତ ନୂତନ ସଦସ୍ୟ ଶପଥ ଗ୍ରହଣ କରି ସମାଜସେବା ଓ ରୋଟାରୀର ବିଭିନ୍ନ କାର୍ଯ୍ୟକ୍ରମକୁ ଆହୁରି ଗତିଶୀଳ କରିବାର ସଂକଳ୍ପ ନେଇଥିଲେ। ମୁଖ୍ୟ ଅତିଥି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରୋଟାରୀର ସମାଜସେବାମୂଳକ ପ୍ରକଳ୍ପଗୁଡ଼ିକୁ ପ୍ରକୃତ ରୋଟାରୀ ଭାବନାରେ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲବ୍ ସଭାପତି ଡଃ ପ୍ରଶାନ୍ତ କୁମାର ପାଣିଗ୍ରାହୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ବକ୍ତା ଡଃ ରଜତ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ (ଦକ୍ଷତା ବିକାଶ), ଦକ୍ଷତା ବିକାଶର ବିଭିନ୍ନ ଦିଗ ସହିତ "ବର୍ଜ୍ୟରୁ ସମ୍ପଦ" ଧାରଣା ମାଧ୍ୟମରେ ଜନସାଧାରଣ, ରାଜ୍ୟ ଓ ଦେଶର ଅର୍ଥନୈତିକ ଉନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୋଟାରିଆନ୍ ପିଡିଜି ଅଜୟ ଅଗ୍ରୱାଲ ନବନିଯୁକ୍ତ ସଦସ୍ୟମାନଙ୍କୁ ରୋଟାରୀ ପିନ୍ ଓ କିଟ୍ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ବିଜୁ ମହାବୀର ଯୋଜନା ସହ ଜଡ଼ିତ ଶ୍ରୀ ପରିଡ଼ା ଓ ଶ୍ରୀ ଦିବ୍ୟରଞ୍ଜନଙ୍କୁ ମଧ ରୋଟାରୀ କ୍ଲବ୍ ଅଫ୍ ଇନ୍ଫୋସିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆନନ୍ଦ ମାର୍ଗ ୟୁନିଭରସାଲ ରିଲିଫ ଟିମ୍ କେନ୍ଦ୍ରାପଡା ଶାଖା ପକ୍ଷରୁ ରିଲିଫ୍ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): ଗତ ଜୁଲାଇ ମାସର ଶେଷ ସପ୍ତାହରେ ପ୍ରବଳ ବର୍ଷା ଯୋଗୁଁ ବ୍ରାହ୍ମଣୀ ଓ କାଣୀ ନଦୀର ଭୟଙ୍କର ବନ୍ୟା ଫଳରେ ପଟାମୁଣ୍ଡାଇ ବ୍ଲକ ର ବହୁ ପଞ୍ଚାୟତ ବନ୍ୟା ଜଳ ପ୍ରବାହିତ ଫଳରେ ଲୋକମାନଙ୍କର ଘରଦ୍ୱାର ଭାଙ୍ଗି ଜଳଘେରରେ ଅକଥନୀୟ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆନନ୍ଦ ମାର୍ଗ ଇଉନିଭରସାଲ ରିଲିଫ ଟିମ୍ କେନ୍ଦ୍ରାପଡା ଶାଖା ତରଫରୁ ଅଳପୁଆ ପଞ୍ଚାୟତରେ ବୁଧବାର ଆଦିବାସୀ, ଦଳିତ ଅବହେଳିତ ଲୋକଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ଯଥା ଚୁଡା,ଗୁଡ଼, ବିସ୍କୁଟ ଆଦି ଆବଣ୍ଟନ କରାଯାଇଥିଲା ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରସଙ୍ଗ

# ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି । ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକ ମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବିଶ୍ୱବିଦ୍ୟାଳୟ ଶିକ୍ଷକ ମାନେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଯାହାକୁ ନେଇ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ଉପରେ ବର୍ଷିଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡ଼ନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ । ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ବସିଥିବା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକ ମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି । ସେ ଦିନ ଆଲୋଚନା ବେଳେ କଣ ଘଟଣା ଘଟିଲା ତାହାକୁ କୁଳପତି ସର୍ବସମ୍ମୁଖରେ କହିବାର ସାହାସ ନାହିଁ । କୁଳପତି ଚୁପ୍ ରହିବା ସମସ୍ତଙ୍କୁ ବିସ୍ମିତ କରିଛି । ବିଶ୍ୱବିଦ୍ୟାଳୟ କୁଳସଚିବ ମଧ ନିଜ ପଦବୀ ବଞ୍ଚାଇବା ପାଇଁ ଚୁପ୍ ହୋଇ ବସିଛନ୍ତି । ଛାତ୍ରଛାତ୍ରୀ ମାନେ ତାଙ୍କର ଯୁକ୍ତି ସଙ୍ଗତ ଦାବି ଉପସ୍ଥାପନ କରିଛନ୍ତି । ତେବେ ତାହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀ ମାନେ ଆଲୋଚନା କରି ସମାଧାନ କରିବା ଆବଶ୍ୟକତା ଥିଲା । ବିଧାୟକଙ୍କ ହସ୍ତକ୍ଷେପ କୌଣସି ଆବଶ୍ୟକତା ନଥିଲା ।ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ । ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି ।

# ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧ୍ୟା ମହିଳା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ବୁଧବାର ଝରଣା ବିହାର ଓ ବିଶୁଦ୍ଧାନନ୍ଦ ନଗର ସ୍ଥିତ ଗୋଷ୍ଠି



ଉନ୍ନୟନ ପରିଷଦ ଓ ଆରାଧ୍ୟା ମହିଳା ସମିତି ପକ୍ଷରୁ ଦୁର୍ଗାମାଧବ ନଗର କମ୍ୟୁନିଟୀ ହଲ ରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ରାଉତ ଓ ଡେପୁଟିମେୟର ଶ୍ରୀମତୀ ମଞ୍ଜୁଲତା କହଁର ଶିବିରକୁ ମିଳିତ ଭାବେ ଉଦଘାଟନ କରିଥିଲେ। ଏହିପରି ଶିବିର ଆୟୋଜକ ମାନକୁ ଏହିଭଳି ଶିବିର ଅନ୍ୟ ଜାଗାରେ କରି ଲୋକମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ବହୁତ୍ ଛୋଟ ଛୋଟ ରୋଗ ବଡ଼ ହେବା ଆଗରୁ ଆମେ ସତର୍କ ରହିପାରିବା। ସମସ୍ତ ରକ୍ତ ପରୀକ୍ଷା ମାଗଣା ଥିବାରୁ ଲୋକମାନେ ନିଶ୍ଚୟ ଆକୃଷ୍ଟ ହେବେ ବୋଲି ପ୍ରକାଶ କରିଥିଲେ। ଏଥିରେ କେୟାର ହସ୍ପିଟାଲର ବରିଷ୍ଠ ଡାକ୍ତର ମାନଙ୍କ ଦ୍ୱାରା ହୃଦରୋଗ ବିଶେଷଜ୍ଞ, ଭେଷଜ, ଚକ୍ଷ୍ୟୁ ପରୀକ୍ଷା, ଓ ଫିଜିଓଥେରାପୀ ଚିକିତ୍ସା ଓ ମାଗଣାରେ ଇସିଜି ଏବଂ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରାଯାଇଥିଲା। ସାଧାରଣତଃ ମାଗଣା ସ୍ୱାସ୍ଥ୍ୟ ଶିବିରରେ ଖାଲି ପେଟରେ ବ୍ଲଡ ସୁଗାର ପରୀକ୍ଷା କରାଯାଇଥାଏ କିନ୍ତୁ ଏହି ଶିବିରରେ ଲିପୁଇଡ ପ୍ରୋଫାଇଲ୍, କିଡନୀ ଜନିତ ରୋଗ, ଭିଟାମିନ ଡି ପରୀକ୍ଷା କରାଯାଇଥିଲା ତେଣୁ ସବୁ ଲୋକଙ୍କ ଭିତରେ ଆଗ୍ରହ ପ୍ରକାଶ ପାଇଥିଲା। ସମୁଦାୟ ୪୭୬ ଜଣ ସ୍ୱାସ୍ଥ୍ୟ ପରୀକ୍ଷା, ୧୫୩ଜଣ ରକ୍ତ ପରୀକ୍ଷା, ୬୭ଜଣ ଇସିଜି ପରୀକ୍ଷା କରିଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସମ୍ବଲପୁରୀ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନି, ନିଜର ସାମୁଦାୟିକ ବିକାଶ ପଦକ୍ଷେପ "ପ୍ରୋଜେକ୍ଟ ବେଦକଳା' ଅଧୀନରେ ସମ୍ବଲପୁରୀ ଦିବସ ପାଳନ କରିଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ପରମାନପୁର ଓ ଡାଲକି ଗ୍ରାମପଂଚାୟତର ୧୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ଯୋଗଦେଇ ସମ୍ବଲପୁରୀ ପରମ୍ପରାକୁ ଉତ୍ସବମୁଖର ପରିବେଶରେ ପାଳନ କରିଥିଲେ। ବିଶିଷ୍ଟ ଭାଷାବିତ୍ ଓ ପଣ୍ଡିତ ଗୁରୁ ସତ୍ୟନାରାୟଣ ବୋହିଦାରଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରୀ ଦିବସ ପାଳନ କରାଯାଏ। ଏହି ଦିବସ ପଶ୍ଚିମ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ସ୍ମରଣ କରାଇଥାଏ, ଯାହା ବିଶ୍ୱପ୍ରସିଦ୍ଧ




ହସ୍ତତନ୍ତ ବସ୍ତ୍ର, ଲୋକସଙ୍ଗୀତ ଓ ଲୋକନୃତ୍ୟ, ସାହିତ୍ୟ ଏବଂ ସ୍ୱଦେଶୀ କଳାରୂପରେ ପ୍ରତିଫଳିତ ହୋଇଛି। ଏହା ସହିତ ଏହି ଅବସର ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ସାଂସ୍କୃତିକ ସମ୍ପଦକୁ ସଂରକ୍ଷଣ ଓ ସୁରକ୍ଷିତ ରଖିବାର ସାମୂହିକ ଦାୟିତ୍ୱକୁ ମଧ ସ୍ମରଣ କରାଇଥାଏ।

ଏହି ଭାବନାକୁ ପ୍ରତିଫଳିତ କରି ବେଦାନ୍ତ ଆଲୁମିନିୟମର ସମ୍ବଲପୁରୀ ଦିବସ ଉତ୍ସବ ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ସାଂସ୍କୃତିକ ପରିଚୟ ପ୍ରଦର୍ଶନ, ପାରମ୍ପରିକ କଳାରୂପକୁ ସମ୍ମାନ ଜଣାଇବା ଏବଂ ସମ୍ବଲପୁରୀ ଐତିହ୍ୟ ପ୍ରତି ଗର୍ବବୋଧକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ସୁନ୍ଦର ମଂଚ ପ୍ରଦାନ କରିଥିଲା। ଏହି ଉତ୍ସବରେ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା, ସାଂସ୍କୃତିକ ପରିବେଷଣ, ସମ୍ବଲପୁରୀ ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ଅଧିବେଶନ ଏବଂ ଉଲ୍ଲେଖନୀୟ ପ୍ରତିଭା ଓ ସମୁଦାୟର ଅଗ୍ରଣୀ ସଦସ୍ୟଙ୍କୁ ସମ୍ମାନିତ କରିବା ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଦାନ୍ତ ଆଲୁମିନିୟମର "ପ୍ରୋଜେକ୍ଟ ବେଦକଳା' ଓଡ଼ିଶାର ପାରମ୍ପରିକ କଳାରୂପର ସଂରକ୍ଷଣ ସହିତ ଗ୍ରାମାଂଚଳର କାରିଗରମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛି। ଏହି ପଦକ୍ଷେପ ଅଧୀନରେ ଝାରସୁଗୁଡ଼ାର ୧୦୦ରୁ ଅଧିକ ସ୍ଥାନୀୟ କାରିଗରଙ୍କୁ ବାଉଁଶ କଳା, ସଉରା ଚିତ୍ରକଳା ଓ ସବେଇ ଘାସ ହସ୍ତଶିଳ୍ପରେ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କ ଉତ୍ପାଦ ପାଇଁ ବଜାର ସଂଯୋଗର ସୁବିଧା ମଧ ପ୍ରଦାନ କରାଯାଉଛି। ଦକ୍ଷତା ବିକାଶ ସହିତ ସ୍ୱଦେଶୀ କଳାର ପୁନରୁଜ୍ଜୀବନ ଏବଂ ସାଂସ୍କୃତିକ ଉଦ୍ୟୋଗୀ ସୃଷ୍ଟି କରିବା ମଧ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ-ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ସମ୍ବଲପୁରୀ ଦିବସ ଓଡ଼ିଶାର ଅମୂଲ୍ୟ ସାଂସ୍କୃତିକ ସମ୍ପଦର ଏକ ଜୀବନ୍ତ ପ୍ରତୀକ। ସ୍ଥାନୀୟ ସମୁଦାୟକୁ ସଶକ୍ତ କରିବା ସହିତ ଓଡ଼ିଶାର ଅନନ୍ୟ ଐତିହ୍ୟର ସଂରକ୍ଷଣ ପାଇଁ ଆମେ ସଦା ପ୍ରତିବଦ୍ଧ। ପ୍ରୋଜେକ୍ଟ ବେଦକଳା ମାଧ୍ୟମରେ ଆମେ ସ୍ଥାନୀୟ ସମୁଦାୟକୁ ସେମାନଙ୍କର ସମୃଦ୍ଧ କଳା ପରମ୍ପରାର ଉତ୍ସବ ପାଳନ, ସଂରକ୍ଷଣ ଓ ପ୍ରସାର ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ସଂସ୍କୃତିଭିତିକ ଜୀବିକାର ବିକାଶକୁ ମଧ ପ୍ରୋତ୍ସାହିତ କରୁଛୁ।

## ଆରଏସଏସ ମୁଖ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

# ଜେନ୍ ଜି ଦେଶବିରୋଧୀ ନୁହନ୍ତି



**ମୁମ୍ବାଇ:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆଜି ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେବା ସମୟରେ ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଜେନ୍ ଜି ମାନଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଯଦି ଜେନ୍ ଜି ଆନ୍ଦୋଳନ କରୁଛନ୍ତି ତେବେ ସେମାନଙ୍କୁ ଦେଶବିରୋଧୀ ବୋଲି କହିବା ଠିକ୍ ନୁହେଁ। ଭାଗବତ କହିଛନ୍ତି, ଏହି ପିଢ଼ି ପୂର୍ବ ପିଢ଼ିଠାରୁ ଭିନ୍ନ ଏବଂ ଏମାନେ ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହାନ୍ତି। ଜେନ୍ ଜିଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଭାଗବତ କହିଛନ୍ତି, ଆମେ ଜେନ୍ ଜି ବୟସରେ ଥିବାବେଳେ ବଡ଼ମାନଙ୍କ କଥା ବିନା ପ୍ରଶ୍ନରେ ମାନୁଥିଲୁ। କିନ୍ତୁ ଆଜିର ଜେନ୍ ଜି ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହୁଁଛନ୍ତି। ଏହାର ପ୍ରତିବାଦ କରିବାର ମାନେ ନୁହେଁ ଯେ ସେମାନେ ଦେଶ ବିରୋଧୀ। ସେମାନେ ଆମର ନିଜ ଲୋକ, ଆମର ପରବର୍ତ୍ତୀ ପିଢ଼ି। ବର୍ତ୍ତମାନ ପିଢ଼ିଠାରୁ ଜେନ୍ ଜି ଏବଂ ଜେନ୍ ଆଲଫାମାନେ ଅଧିକ ସଚ୍ଚୋଟ। ମୁଁ ସେମାନଙ୍କୁ ଅନ୍ଧ ଭାବେ ବିଶ୍ୱାସ କରୁଛନ୍ତି ବୋଲି ଭାଗବତ କହିଛନ୍ତି। ଦେଶପ୍ରେମ ଓ ସମାଜସେବାର ସତ୍ୟନିଷ୍ଠ ବାର୍ତ୍ତା ସେମାନଙ୍କୁ ପ୍ରଭାବିତ କରିପାରେ ବୋଲି ଭାଗବତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ପେଲେଟ୍ ଗନ୍ ବ୍ୟବହାର ସଂକ୍ରାନ୍ତରେ ଭାଗବତ କହିଛନ୍ତି, ଲାଠିଚାର୍ଜ କାହିଁକି ହେଲା ଏବଂ ପେଲେଟ୍ ଗନ୍ କାହିଁକି ବ୍ୟବହାର କରାଗଲା, ଏହାର କାରଣ ଅଧ୍ୟୟନ କରିବା ଆବଶ୍ୟକ।ଭାଗବତ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ କେବଳ ଗୋଟିଏ କିମ୍ବା ଦୁଇଟି ପରିବର୍ତ୍ତନ ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ଶିକ୍ଷାକୁ ବ୍ୟବସାୟରେ ପରିଣତ କରାଯିବା ଉଚିତ ନୁହେଁ। ସମସ୍ତଙ୍କୁ ସୁଲଭ ଶିକ୍ଷା ମିଳିବା ଦରକାର। ଭାରତର ବଜେଟରେ ଶିକ୍ଷା ପାଇଁ ବ୍ୟୟ ୬ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ବିଦ୍ୟାଳୟ ବିକାଶରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣ ଆବଶ୍ୟକ। ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ସୋସିଆଲ ମିଡିଆର ବ୍ୟବହାର ସମ୍ପର୍କରେ ସେ କହିଛନ୍ତି, ସୋସିଆଲ ମିଡିଆ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳାଇବା ଆବଶ୍ୟକ। ଆତ୍ମଶୃଙ୍ଖଳା ଜରୁରୀ। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ନାହିଁ। ସେହିପରି ପାକିସ୍ତାନ ଓ ଚୀନ୍ ପ୍ରସଙ୍ଗରେ ଭାଗବତ କହିଛନ୍ତି, ସଂଘର୍ଷ ସମୟରେ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି, ତାହାକୁ ସମର୍ଥନ କରିବା ଉଚିତ। ଆମେ ଉଭୟ ରାଷ୍ଟ୍ର ସହ କଥାବାର୍ତ୍ତା ଜାରି ରଖିବା ଉଚିତ। ସ୍ଥାୟୀ ଘୃଣା କୌଣସି ସମାଧାନ ନୁହେଁ। ମାନବିକତାକୁ ସର୍ବଦା ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଛନ୍ତି। ଏନଏମଏସିସି ( ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର)ରେ ଆୟୋଜିତ ଆଇଆଇଏମୟୁଏନ୍ର ବାର୍ଷିକ ଚାମ୍ପିଅନସିନ୍ ସମ୍ମିଳନୀର ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି।

## ଆମେରିକାରେ ସାଲମୋନେଲା ସଂକ୍ରମଣ: ୩୪୫ ହସ୍ପିଟାଲରେ ଭର୍ତ୍ତି



**ୱାଶିଂଟନ:** ସ୍ୱାଦ ବୃଦ୍ଧି କରିବା ପାଇଁ ବ୍ୟବହୃତ ମସଲାଦାର ଜାଲାପେନୋ ଲଙ୍କା ଖାଇ ଆମେରିକାରେ ୩୪୫ ଅସୁସ୍ଥ ହୋଇ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମେକ୍ସିକୋରୁ ଆମଦାନି ହୋଇଥିବା ଜାଲାପେନୋ ଲଙ୍କା ଖାଇବା ଯୋଗୁଁ ସାଲମୋନେଲା ସଂକ୍ରମଣ ଯୋଗୁଁ ୨୭ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆମେରିକାର ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ତଦନ୍ତକୁ ଜୋରଦାର୍ କରିଛନ୍ତି। ଲଙ୍କାକୁ ବଜାରରୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର(ସିଡିସି)ଅନୁଯାୟୀ,ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ନିଶ୍ଚିତ ହୋଇନାହିଁ। ତଦନ୍ତରୁ ଜଣାପଡିଛି ଯେ ପ୍ରଭାବିତ ଜାଲାପେନୋ ଲଙ୍କା କୋଷ୍ଟ ସାଇଟର୍ସ ଡିଷ୍ଟ୍ରିବ୍ୟୁଟର୍ସ ନାମକ ଏକ କମ୍ପାନି ଦ୍ୱାରା ଯୋଗାଣ କରାଯାଇଥିଲା। ଏହି ଲଙ୍କା ଚିପୋଟଲ୍ ମେକ୍ସିକାନ୍ ଗ୍ରୀଲ୍ ଏବଂ କ୍ୟୁଡୋବା ଭଳି ପ୍ରମୁଖ ନାମ ସମେତ ଅନେକ ରେଷ୍ଟୁରାଣ୍ଟ ଚେନ୍ରେ ପହଞ୍ଚିଥିଲା। 'କ୍ୟା ବୋଲ୍ତି ପବ୍ଲିକ୍':ଲୋକଙ୍କ ସମସ୍ୟା ବୁଝିବା ପାଇଁ ଦେଶବ୍ୟାପୀ ଜନସମ୍ପର୍କ ଅଭିଯାନ ଘୋଷଣା କଲେ ଅଭିଜିତ୍ ଦୀପକେ ସତର୍କତା ସ୍ୱରୂପ, ଉଭୟ କମ୍ପାନି ଏହି ଲଙ୍କା ବ୍ୟବହାରକୁ ବନ୍ଦ କରି ଦେଇଛନ୍ତି। ରଖିଛନ୍ତି। ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) ପ୍ରଭାବିତ ବ୍ୟାଚ୍କୁ ପ୍ରତ୍ୟାହାର କରିବା ଆରମ୍ଭ କରିଛି। ସାଲମୋନେଲା ବ୍ୟାକ୍ଟେରିଆ ଦୂଷିତ ଖାଦ୍ୟ ମାଧ୍ୟମରେ ମଣିଷକୁ ବ୍ୟାପିଥାଏ। ସଂକ୍ରମଣ ଯୋଗୁଁ ଡାଇରିଆ, ଉଚ୍ଚ ଜ୍ୱର, ପେଟ କାଟି କାଟି ହେବା, ବାନ୍ତି ଏବଂ ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ସଂକ୍ରମଣ ଛୋଟ ପିଲା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ଲୋକଙ୍କ ପାଇଁ ଅଧିକ ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ।ଅଧିକାଂଶ ଲୋକ କିଛି ଦିନ ମଧ୍ୟରେ ସୁସ୍ଥ ହୋଇଯାଆନ୍ତି, କିନ୍ତୁ ଗୁରୁତର ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଜୁନ୍ ୧୯ ରୁ ଜୁଲାଇ ୨୦ ମଧ୍ୟରେ ସଂକ୍ରମଣ ଘଟିଥିଲା ଏବଂ ତଦନ୍ତ ଜାରି ରହିଛି। ଅଧିକାରୀମାନେ ସଂକ୍ରମିତ ଲଙ୍କା କେଉଁ ସ୍ଥାନରେ ପହଞ୍ଚିଥିଲା ଏବଂ ଯୋଗାଣ ଶୃଙ୍ଖଳାର କେଉଁ ପର୍ଯ୍ୟାୟରେ ସଂକ୍ରମଣ ଘଟିଥିଲା ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ, ଅଧିକାରୀମାନେ କହିଛନ୍ତି ଯେ ପ୍ରଭାବିତ ଲଙ୍କା ସେମାନେ ପରିଦର୍ଶନ କରିଥିବା ରେଷ୍ଟୁରାଣ୍ଟରୁ ହଟାଇ ଦିଆଯାଇଛି ଏବଂ ବର୍ତ୍ତମାନ ଗ୍ରାହକମାନଙ୍କ ପାଇଁ କୌଣସି ବିପଦ ନାହିଁ।

## ଏଲଓସିରେ ବିସ୍ଫୋରଣ: ୨ ସେନା ଯବାନ ଗୁରୁତର

**ପୁଞ୍ଛ:** ଜାମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲା ଅନ୍ତର୍ଗତ ମେନ୍ଧର ସେକ୍ଟରର କାଙ୍ଗା ଗଲି ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଏକ ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କରିବା ସମୟରେ ବିସ୍ଫୋରଣ ଘଟି ଦୁଇଜଣ ସେନା ଯବାନ ଗୁରୁତର ଆହାତ ହୋଇଛନ୍ତି। ଆହାତ ଯବାନମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ଅନୁପ୍ରବେଶ ରୋକିବା ପାଇଁ ସୀମାନ୍ତରେ ବିଛାଯାଇଥିବା କେତେକ ଲ୍ୟାଣ୍ଡମାଇନ୍ ନିଜ ସ୍ଥାନରୁ ଭାସି ଆସିଥିଲା। ସେନାର ଏକ ପାଟ୍ରୋଲିଂ ଟିମ୍ ଏହି ଲ୍ୟାଣ୍ଡମାଇନକୁ ଦେଖିବା ପରେ ନିଷ୍କ୍ରିୟ କରିବା ପାଇଁ ବିଶେଷଜ୍ଞ ଦଳକୁ ଡକାଯାଇଥିଲା, ମାତ୍ର କାମ ଚାଲିଥିବା ବେଳେ ଆକସ୍ମିକ ଭାବେ ଏହା ବିସ୍ଫୋରଣ ହୋଇଥିଲା।

## ଆସସ୍ ପକ୍ଷରୁ ନୂଆ କ୍ରୋମବୁକ୍ ସିଏକ୍ସ୧୫ ଲଞ୍ଚ

**ଫର୍ମୋଜା:** ତାଇୱାନର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଆସସ୍ ଭାରତୀୟ ବଜାରରେ ନିଜର ନୂଆ ଆସସ୍ କ୍ରୋମବୁକ୍ ସିଏକ୍ସ୧୫ ଲଞ୍ଚ କରିଛ । ଛାତ୍ରଛାତ୍ରୀ, ଯୁବ ପେସାଦାର ଏବଂ ପ୍ରଥମ ଥର ପାଇଁ ଲାପଟପ୍ ବ୍ୟବହାର କରୁଥିବା ଗ୍ରାହକଙ୍କୁ ସହଜ ଓ କ୍ଲାଉଡ୍-ଆଧାରିତ କମ୍ପ୍ୟୁଟିଂ ଅନୁଭୂତି ଦେବା ଲକ୍ଷ୍ୟରେ କମ୍ପାନୀ ଏହି ମଡେଲକୁ ବଜାରକୁ ଆଣିଛି । କ୍ରୋମ୍ ଓଏସରେ ପରିଚାଳିତ ଏବଂ ଗୁଗଲ୍ ଏଆଇ ସୁବିଧା ସହ ସଜ୍ଜିତ ଏହି ଲାପଟପର ମୂଲ୍ୟ ୪୭,୯୯୦ ଟଙ୍କା ରଖାଯାଇଛି ।ଲଞ୍ଚ ଅବସରରେ ଆସସ୍ ଇଣ୍ଡିଆର କଞ୍ଜ୍ୟୁମର ଓ ଗେମିଂ ବିଜନେସ୍ ସିଷ୍ଟମର ଉପାଧ୍ୟକ୍ଷ ଆର୍ଣ୍ଣୋଲ୍ଡ ସୁ କହିଛନ୍ତି ଯେ, କ୍ରୋମବୁକ୍ ବର୍ତ୍ତମାନ ଛାତ୍ରଛାତ୍ରୀ, ଯୁବ ପେସାଦାର ଓ ପରିବାରମାନଙ୍କ ପାଇଁ ଦୈନନ୍ଦିନ କମ୍ପ୍ୟୁଟିଂର ଏକ ଲୋକପ୍ରିୟ ବିକଳ୍ପ ପାଲଟିଛି ।

## ଶୌର୍ଯ୍ୟ ବିଜୟ ଯାତ୍ରାରେ ଜାୱାର ଚମକ

**ନୂଆଦିଲ୍ଲୀ:** ଭାରତୀୟ ସେନା ସହ ଭାଗିଦାରୀରେ ଆୟୋଜିତ ଜାୱା ୟେଜଡି ମୋଟରସାଇକେଲର 'ଶୌର୍ଯ୍ୟ ବିଜୟ ଯାତ୍ରା', କାର୍ଗିଲ ବିଜୟ ଦିବସ ଅବସରରେ ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକୀରେ ସମ୍ପନ୍ନ ହୋଇଛି । ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରୁ ଆରମ୍ଭ ହୋଇଥିବା ଏହି ୧୯୦୦ କିଲୋମିଟର ଦୀର୍ଘ ଯାତ୍ରା ଶେଷ ହୋଇଛି । ହିମାଚଳ ପ୍ରଦେଶ ଏବଂ ଲଦାଖର ଦୁର୍ଗମ ଅଞ୍ଚଳ ଦେଇ ଯାତ୍ରା କରିବା ସମୟରେ, ଅଂଶଗ୍ରହଣକାରୀମାନେ ଦ୍ରାସରେ ପହଞ୍ଚିବା ପୂର୍ବରୁ ଚଣ୍ଡୀମନ୍ଦିର, ରେଜାଙ୍ଗ ଲା ଏବଂ ଲେହ ଯୁଦ୍ଧ ସ୍ମାରକୀ ସମେତ ପ୍ରମୁଖ ସାମରିକ ସ୍ଥାନଗୁଡ଼ିକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅଭିଯାନକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଏବଂ ଏଥିରେ ବରିଷ୍ଠ ସାମରିକ ଅଧିକାରୀ, ପୂର୍ବତନ ସୈନିକ ଏବଂ ଆମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ । ଏହି ଅଭିଯାନ ଜାଓ୍ୱା ୩୫୦, ଜାଓ୍ୱା ୪୨, ଜାଓ୍ୱା ୪୨ ଏଏଫଜେ, ୟେଜଦି ଆଡଭେଞ୍ଚର ଏବଂ ୟେଜଦି ସ୍କ୍ରାମ୍ବଲର ସମେତ ଜାୱା ଏବଂ ୟେଜ୍ଦି ମୋଟରସାଇକେଲର ଏକ ସମୂହ ସହିତ ସମ୍ପନ୍ନ ହୋଇଥିଲା ।

## ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତରେ ଖର୍ଚ୍ଚ ୨୯୫ କୋଟି

### ● ରାଜ୍ୟସଭାରେ ଉତ୍ତର ରଖିଲେ ସରକାର

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶ ଗସ୍ତ ପାଇଁ ସରକାରୀ ଖାତାରୁ କେତେ ଖର୍ଚ୍ଚ ହୋଇଛି? ପ୍ରଧାନମନ୍ତ୍ରୀ ମୋଦି ନିୟମିତ ବିଦେଶ ଗସ୍ତ କରୁଥିବାରୁ ବିରୋଧୀ ଅନେକ ପ୍ରଶ୍ନ କରନ୍ତି। ଏବେ ସରକାର ୨୦୨୧ରୁ ୨୦୨୬ ମଧ୍ୟରେ ମୋଦିଙ୍କ ବିଦେଶ ଗସ୍ତରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ତା'ର ବିସ୍ତୃତ ତଥ୍ୟ ଦେଇଛନ୍ତି। ରାଜ୍ୟସଭାରେ ସରକାର ଦେଇଥିବା ତଥ୍ୟ ଅନୁସାରେ, କେବଳ ୨୦୨୫ରେ ମୋଦି ୨୩ଟି ଦେଶ ଗସ୍ତ କରିଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଛି ୧୮୦ କୋଟିରୁ ଅଧିକ ଟଙ୍କା। ୨୩ ଦେଶ ମଧ୍ୟରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଚାଇନା ଓ ଜାପାନ ରହିଛନ୍ତି। ସେହିପରି ୨୦୨୬ର ବର୍ତ୍ତମାନ ସୁଦ୍ଧା ମୋଦିଙ୍କ ବିଦେଶ ଗସ୍ତ ପାଇଁ ୭୪ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଚଳିତ ବର୍ଷ ଜୁଲାଇ ୬ରୁ ୧୧ ଯାଏ ପ୍ରଧାନମନ୍ତ୍ରୀ ମୋଦି ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିଥିଲେ। ଏହି ଖର୍ଚ୍ଚକୁ ମିଶାଇ ଚଳିତ ବର୍ଷ ମୋଦିଙ୍କ ବିଦେଶ ଗସ୍ତ ପାଇଁ ୭୪.୫୮ କୋଟି ଟଙ୍କା ସରକାରୀ ଖାତାରୁ ଯାଇଛି।ସାଂସଦ ସଞ୍ଜୟ ସିଂହ ଓ ଭି ସିବାଦାସନ ୨୦୨୧ରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ସମ୍ପର୍କରେ ବିସ୍ତୃତ ତଥ୍ୟ ମାଗିଥିଲେ। ଏହାର ଲିଖିତ ଜବାବ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ରାଜ୍ୟସଭାରେ ଉପସ୍ଥାପନ କରିଛନ୍ତି।ସେ କହିଛନ୍ତି, "୨୦୨୧ ମସିହାରୁ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତର ବର୍ଷ ଭିତ୍ତିକ ଓ ଗସ୍ତ ଭିତ୍ତିକ ବିବରଣୀ ସହ ପ୍ରତ୍ୟେକ ଗସ୍ତରେ ହୋଇଥିବା ମୋଟ ଖର୍ଚ୍ଚ ଏଠାରେ ଉପସ୍ଥାପନ କରାଯାଉଛି। ପୂର୍ବରୁ ୨୦୧୧ରେ ପ୍ରଧାନମନ୍ତ୍ରୀ(ଦିବଙ୍ଗତ ଡକ୍ଟର ମନମୋହନ ସିଂହ)ଙ୍କ ଆମେରିକା ଗସ୍ତ ପାଇଁ ୧୦.୭୪ କୋଟି ଟଙ୍କା, ୨୦୧୩ରେ ରୁଷ ଗସ୍ତ ପାଇଁ ୯.୯୫ କୋଟି ଟଙ୍କା, ୨୦୧୧ରେ ଫ୍ରାନ୍ସ ଗସ୍ତ ପାଇଁ ୮.୩୩ କୋଟି ଟଙ୍କା ଓ ୨୦୧୩ରେ ଜର୍ମାନୀ ଗସ୍ତ ପାଇଁ ୬.୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।" ସରକାର ରାଜ୍ୟସଭାରେ ଦେଇଥିବା ତଥ୍ୟ ଅନୁସାରେ, ୨୦୨୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଦେଶ ଗସ୍ତ ପାଇଁ ପ୍ରାୟ ୧୮୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଗସ୍ତ ଭିତ୍ତିକ ଖର୍ଚ୍ଚ ମଧ୍ୟରେ ଫ୍ରାନ୍ସ ପାଇଁ ୨୫.୫୯ କୋଟି ଟଙ୍କା, ଆମେରିକା ପାଇଁ ୧୬.୫୪ କୋଟି ଟଙ୍କା, ସାଉଦି ଆରବ ପାଇଁ ୧୫.୫୪ କୋଟି ଟଙ୍କା, ବ୍ରାଜିଲ ପାଇଁ ୧୭.୭୨ କୋଟି ଟଙ୍କା, ଚାଇନା ପାଇଁ ୧୦.୫୯ କୋଟି ଟଙ୍କା ଓ ବ୍ରିଟେନ ପାଇଁ ୯.୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି।୨୦୨୫ରେ ମୋଦି ମରିସସ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ସାଇପ୍ରସ, କାନାଡା, କ୍ରୋଏସିଆ, ଘାନା, ତ୍ରିନିଡାଡ୍ ଆଣ୍ଡ ଟୋବାଗୋ, ଆର୍ଜେଣ୍ଟିନା, ନାମିବିଆ, ମାଳଦ୍ୱୀପ, ଜାପାନ, ଭୁଟାନ, ଦକ୍ଷିଣ ଆଫ୍ରିକା, ଜୋର୍ଡାନ, ଓମାନ ଓ ଇଥିଓପିଆ ମଧ୍ୟ ଗସ୍ତ କରିଥିଲେ।ଜୁଲାଇ ୨୦୨୫ରେ ରାଜ୍ୟସଭାରେ ଦିଆଯାଇଥିବା ଅନ୍ୟ ଏକ ଲିଖିତ ଉତ୍ତରରେ ସରକାର କହିଥିଲେ ଯେ ୨୦୨୧ରୁ ୨୦୨୪ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତରେ ମୋଟ ପ୍ରାୟ ୨୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।୨୦୨୪ରେ ପ୍ରାୟ ୧୦୯ କୋଟି ଟଙ୍କା, ୨୦୨୩ରେ ପ୍ରାୟ ୯୩ କୋଟି ଟଙ୍କା, ୨୦୨୨ରେ ୫୫.୮୨ କୋଟି ଟଙ୍କା ଓ ୨୦୨୧ରେ ପ୍ରାୟ ୩୬ କୋଟି ଟଙ୍କା ବ୍ୟୟ ହୋଇଥିଲା।୨୦୨୧ରେ ପ୍ରଧାନମନ୍ତ୍ରୀ ବାଂଲାଦେଶ (୧.୦୦ କୋଟି ଟଙ୍କା), ଆମେରିକା (୧୯.୬୩ କୋଟି ଟଙ୍କା), ଇଟାଲୀ (୬.୯୦ କୋଟି ଟଙ୍କା) ଓ ବ୍ରିଟେନ (୮.୫୭ କୋଟି ଟଙ୍କା) ଗସ୍ତ କରିଥିଲେ।ବିଦେଶ ମନ୍ତ୍ରଣାଳୟକୁ ଏହା ମଧ୍ୟ ପଚରାଯାଇଥିଲା ଯେ ଏହି ଗସ୍ତ ସମୟରେ ବିଭିନ୍ନ ରାଷ୍ଟ୍ର ସହ କେଉଁ ସବୁ ଦ୍ୱିପାକ୍ଷିକ ଚୁକ୍ତି ଓ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି, କେତେ ବିନିଯୋଗ ପ୍ରତିଶ୍ରୁତି ଦିଆଯାଇଛି ଓ ଏହାର ପରିଣାମ ସ୍ୱରୂପ ଭାରତ କେତେ ପରିମାଣର ଏଫଡିଆଇ ପାଇଛି। ଏହାର ଉତ୍ତରରେ ବିଦେଶ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, "ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବିଦେଶ ଗସ୍ତ ଅନ୍ୟ ଦେଶ ସହ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଓ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ସ୍ତରରେ ଭାରତର ସହଯୋଗ ବଢ଼ାଇବାର ଏକ ପ୍ରତିଷ୍ଠିତ ମାଧ୍ୟମ।ଏହି ଗସ୍ତ ଓ ସେଥିରେ ସ୍ୱାକ୍ଷରିତ ବୁଝାମଣା ଭିତ୍ତିରେ ପ୍ରଯୁକ୍ତି, ବାଣିଜ୍ୟ, ବିନିଯୋଗ, ପ୍ରତିରକ୍ଷା, ଶକ୍ତି ସହଯୋଗ ଓ ସପ୍ଲାଇ ଚେନ୍କୁ ସୁଦୃଢ଼ କରିବା ଭଳି ବିଭିନ୍ନ କ୍ଷେତ୍ରରେ ସହଭାଗିତା ବଢ଼ିଛି।

## ଆଶାରାମଙ୍କୁ ଅନ୍ତରୀଣ ଜାମିନ ନାମଞ୍ଜୁର



**ନୂଆଦିଲ୍ଲୀ:** ଆଶାରାମ ବାପୁଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି। ୮୫ ବର୍ଷୀୟ ବୃଦ୍ଧ ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ। ଯୋଧପୁରର ଏମ୍ସରୁ ଏକ ଡାକ୍ତରୀ ରିପୋର୍ଟ ଆଧାରରେ, କୋର୍ଟ ଜାମିନକୁ ଅନାବଶ୍ୟକ ବୋଲି ବିବେଚନା କରିଛନ୍ତି। ସୁପ୍ରିମକୋର୍ଟ ଏହି ଆବେଦନକୁ ନିଜ ପାଖରେ ରଖିଛନ୍ତି ଏବଂ କହିଛନ୍ତି ଯେ ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ। ଶୁଣାଣି ସମୟରେ, ସୁପ୍ରିମକୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ୨୦ ଦିନର ପାରୋଲ ପ୍ରଦାନ କରିଛନ୍ତି।ଯୋଧପୁର ଏମ୍ସ ରିପୋର୍ଟରେ କହିଛି ଯେ ଆଶାରାମଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ୨୪ ଘଣ୍ଟା ନଜର ରଖିବା ଉଚିତ୍। ଏହି ରିପୋର୍ଟକୁ ଆଧାର କରି ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ଖାରଜ କରିଛନ୍ତି।୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରାଜସ୍ଥାନ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ଆଶାରାମଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଅସୁସ୍ଥତା ଦର୍ଶାଇ ଆଶାରାମ ମଧ୍ୟ ଅନ୍ତରୀଣ ଜାମିନ ଆବେଦନ କରିଥିଲେ।

## ଭାରତ-ନେପାଳ ସୀମାନ୍ତରେ ଉତ୍ତେଜନା



**ବାଲ୍ମୀକିନଗର:** ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲା ସଂଲଗ୍ନ ଭାରତ-ନେପାଳ ସୀମାନ୍ତ ସୁସ୍ତା ସେକ୍ଟରରେ ପୁଣିଥରେ ସୀମା ବିବାଦକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଭାରତୀୟ ସୀମା ଭିତରକୁ ଏକ ମାଟି ବନ୍ଧ ସମ୍ପ୍ରସାରଣ କରିବା ସହ ସଶସ୍ତ୍ର ସୀମା ବଳ (ଏସଏସବି) ଯବାନଙ୍କ ଉପରେ ପଥରମାଡ଼ କରିବା ଅଭିଯୋଗରେ ନେପାଳର ସୁସ୍ତା ଗ୍ରାମର ୧୫୦ ରୁ ୨୦୦ ଜଣ ଅଜ୍ଞାତ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ରାମପୁରୱାଠାରେ ଅବସ୍ଥାପିତ ୨୧ତମ ବାଟାଲିୟନ୍ ଏସଏସବି କମାଣ୍ଡର ତଥା ସହକାରୀ କମାଣ୍ଡାଣ୍ଟ ଅବଧେଶ କୁମାରଙ୍କ ଅଭିଯୋଗ ଆଧାରରେ ବାଲ୍ମୀକିନଗର ଥାନାରେ ଏହି ମାମଲା ଦାଖଲ କରାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।ସୂଚନା ମୁତାବକ, ଗତ ଜୁଲାଇ ୩୧ ତାରିଖରେ ନେପାଳର ଆର୍ମଡ୍ ପୋଲିସ ଫୋର୍ସ, ବାଗାହା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଏସଏସବି ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଫ୍ଲାଗ୍ ମିଟିଂରେ ଯଥାସ୍ଥିତି ବଜାୟ ରଖିବାକୁ ସହମତି ହୋଇଥିଲା। ତଥାପି ନିୟମ ଭଙ୍ଗ କରି ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଏସଏସବି ଯବାନମାନେ ନେପାଳ ପୋଲିସ ସହ ଆଲୋଚନା କରୁଥିବା ବେଳେ ୧୫୦ ରୁ ୨୦୦ ଗ୍ରାମବାସୀ ଲାଠି ଓ ପଥର ଧରି ଆକ୍ରମଣାତ୍ମକ ରୂପ ନେଇଥିଲେ। ସ୍ଥିତି ବିଗିଡ଼ିବା ଦେଖି ଯବାନମାନେ ପଛକୁ ହଟିବା ବେଳେ ସେମାନଙ୍କ ଉପରେ ଗ୍ରାମବାସୀ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି।

## ବ୍ରିଟିଶ ସେନା ତାଲିମ କଲେଜରେ ନାବାଳିକାଙ୍କୁ ଯୌନ ନିର୍ଯାତନା

**ଲଣ୍ଡନ:** ବ୍ରିଟେନର ଅନ୍ୟତମ ପ୍ରମୁଖ ସାମରିକ ତାଲିମ ଅନୁଷ୍ଠାନ ଆର୍ମି ଫାଉଣ୍ଡେସନ୍ କଲେଜ"" ବର୍ତ୍ତମାନ ଏକ ବଡ଼ ବିବାଦ ଘେରରେ! ଉତ୍ତର ୟୋର୍କସାୟାରର ହାରୋଗେଟସ୍ଥିତ ଏହି ଆର୍ମି ସ୍କୁଲରେ ୧୯ ବର୍ଷରୁ କମ୍ ବୟସର ନାବାଳକ-ନାବାଳିକାମାନଙ୍କୁ ସୈନ୍ୟ ତାଲିମ ଦିଆଯାଉଥିବା ବେଳେ, ସେଠାରେ ଗାଙ୍ଗରେପ୍, ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ବ୍ୟବହାର କରାଯାଉଥିବା ନେଇ ପୂର୍ବତନ ମହିଳା କ୍ୟାଡେଟମାନେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି।ସୂଚନା ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଏଠାରେ ୧୭ ବର୍ଷ ବୟସ୍କା ମହିଳା କ୍ୟାଡେଟମାନେ ସହଯୋଗୀ ସୈନିକ ଏବଂ ତାଲିମଦାତା ଷ୍ଟାଫଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଛନ୍ତି। ମାନସିକ ଯନ୍ତ୍ରଣା ସହିନପାରି ଅନେକ ମହିଳା ସୈନିକ ସେନା ଚାକିରି ଛାଡ଼ିଦେଇଛନ୍ତି। ଜଣେ ପୀଡ଼ିତାଙ୍କ କହିବା ଅନୁଯାୟୀ, ତାଙ୍କୁ ଘଣ୍ଟା ଘଣ୍ଟା ଧରି ଗାଙ୍ଗରେପ୍ କରାଯାଇଥିଲା ଏବଂ ଏସବୁ ବିରୋଧରେ ସ୍ୱର ଉଠାଇବାରୁ କଲେଜର ପୁରୁଷ ଇନଷ୍ଟ୍ରକ୍ଟରମାନେ ସେମାନଙ୍କ ପ୍ରତି ଅଶ୍ଳୀଳ ଓ ମହିଳା ବିରୋଧୀ ସ୍ଲୋଗାନ ଦେଇଥିଲେ।୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ଅସଦାଚରଣ ନେଇ ୧୭୬ଟି ଅଭିଯୋଗ ଆସିଥିବା ବ୍ରିଟିଶ ପ୍ରତିରକ୍ଷା ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡ଼ିଛି। ଏହି ଅଭିଯୋଗଗୁଡ଼ିକୁ ବ୍ରିଟିଶ ସେନା ଅତ୍ୟନ୍ତ ଗମ୍ଭୀର ବୋଲି ଗ୍ରହଣ କରିଛି। ଏହିପରି ଅପରାଧିକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସେନାର ମୁଖ୍ୟ ଶୃଙ୍ଖଳା ବାହାରେ ଏକ ସ୍ୱତନ୍ତ୍ର ତଦନ୍ତ ସଂସ୍ଥା ଗଠନ କରାଯାଇଛି ବୋଲି ସେନା ପ୍ରବକ୍ତା ସ୍ପଷ୍ଟ କରିଛନ୍ତି।

## ଏଆଇ ପାଇଁ ବଡ଼ କମ୍ପାନୀରେ ଚାକିରି କମିବ: ନିଲେକାନି

**ନୂଆଦିଲ୍ଲୀ:** ଭବିଷ୍ୟତରେ ଭାରତରେ ନୂଆ ନିଯୁକ୍ତି ଓ ରୋଜଗାରର ମୁଖ୍ୟ ମାଧ୍ୟମ ବଡ଼ ବଡ଼ କର୍ପୋରେଟ୍ କମ୍ପାନି ନୁହନ୍ତି, ବରଂ ଦେଶର କୋଟି କୋଟି କ୍ଷୁଦ୍ର ବ୍ୟବସାୟୀ ହେବେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଅଧିକ ସଂଗଠିତ ଓ ନିୟମିତ କାର୍ଯ୍ୟ କରୁଥିବା ବଡ଼ କମ୍ପାନିଗୁଡ଼ିକରେ କାମ ସହଜରେ ଅଟୋମେସନ୍ ବା ମେସିନ୍ ଦ୍ୱାରା ହୋଇପାରିବ। ଫଳରେ ଏହି ବଡ଼ ସଂସ୍ଥାଗୁଡ଼ିକରେ ଚାକିରି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାର ଆଶଙ୍କା ରହିଛି ବୋଲି ଇନଫୋସିସର ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନି କହିଛନ୍ତି।ନ୍ୟାସନାଲ୍ କାଉନ୍ସିଲ୍ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ସେ ସ୍ପଷ୍ଟ କରିଛନ୍ତି ଯେ ବଡ଼ କମ୍ପାନିଗୁଡ଼ିକରେ ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀ ନିର୍ଦ୍ଦିଷ୍ଟ ଯାହାକୁ ଏଆଇ ମାଧ୍ୟମରେ କରିବା ବହୁତ ସହଜ। ଆଗାମୀ ଦିନରେ ଏହି ବଡ଼ କମ୍ପାନିଗୁଡ଼ିକରୁ ନିଯୁକ୍ତି ବଢ଼ିବା ପରିବର୍ତ୍ତେ କମିବ। ଅନ୍ୟପଟେ କ୍ଷୁଦ୍ର ବ୍ୟବସାୟଗୁଡ଼ିକରେ ଜଣେ କର୍ମଚାରୀଙ୍କୁ ଅନେକ ପ୍ରକାରର ଭିନ୍ନ ଭିନ୍ନ କାମ କରିବାକୁ ପଡ଼ିଥାଏ। ତେଣୁ ସେଠାରେ ଏଆଇ ସମ୍ପୂର୍ଣ୍ଣ ଭାବେ ମଣିଷର ସ୍ଥାନ ନେଇପାରିବ ନାହିଁ। ଏହି କାରଣରୁ ନୂଆ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ହିଁ ଆଗାମୀ ଦିନରେ ଅର୍ଥବ୍ୟବସ୍ଥାର ମୁଖ୍ୟ ଆଧାର ହେବେ। ଏଥିପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହଜରେ ଋଣ ଯୋଗାଇଦେବା, ସରଳ ନିୟମାବଳୀ ପ୍ରଣୟନ କରିବା ଓଏନଡିସି ପରି ଡିଜିଟାଲ୍ ମାଧ୍ୟମ ସହ ଯୋଡ଼ିବା ଆବଶ୍ୟକ।ଏହା ବ୍ୟତୀତ ଭାରତ କେବଳ ଚିପ୍, ଡାଟା ସେଣ୍ଟର କିମ୍ବା ବଡ଼ ଏଆଇ ମଡେଲ୍ ତିଆରି କରିବା ପରି ଭିତ୍ତିଭୂମି ପ୍ରତିଯୋଗିତାରେ ନ ପଶି ଏଆଇର ବ୍ୟାବହାରିକ ବ୍ୟବହାର ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ସେ କହିଛନ୍ତି ଯେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ସାଧାରଣ ଲୋକଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଏଆଇକୁ ବ୍ୟବହାର କରାଯିବା ଦରକାର। ବିଶେଷ କରି ଇଂରାଜୀ ବଦଳରେ ଭାରତୀୟ ଆଞ୍ଚଳିକ ଭାଷା ଓ ଭଏସ୍ ଜରିଆରେ ଏଆଇ ଚଳାଇବାର ସୁବିଧା ହେଲେ ଦେଶର କୋଟି କୋଟି ନାଗରିକ ଏହାର ପ୍ରକୃତ ଫାଇଦା ପାଇପାରିବେ।କର୍ମଚାରୀଙ୍କ ସୁରକ୍ଷା ବିଷୟରେ ଆଲୋଚନା କରି ନିଲେକାନି କହିଛନ୍ତି ଯେ ଆଜିକାଲି ଲୋକମାନେ ପ୍ରାୟତଃ ଚାକିରି ବଦଳାଉଛନ୍ତି ଏବଂ ଗିଗ୍ କାମ ବଢ଼ୁଛି। ଏପରି ପରିସ୍ଥିତିରେ ଜଣେ ଶ୍ରମିକ କିମ୍ବା କର୍ମଚାରୀ ଗୋଟିଏ କମ୍ପାନି ଛାଡ଼ି ଅନ୍ୟ କମ୍ପାନିକୁ ଗଲେ ମଧ୍ୟ ତାଙ୍କର ପେନ୍ସନ୍, ସଞ୍ଚୟ, ବୀମା, ସ୍ୱାସ୍ଥ୍ୟସେବା ଏବଂ କାର୍ଯ୍ୟ ଅନୁଭବ ଯେପରି ସୁରକ୍ଷିତ ରହି ସାଙ୍ଗରେ ଯାଇପାରିବ ସେଥିପାଇଁ ଏକ ସାର୍ବଜନୀନ ଡିଜିଟାଲ୍ ବ୍ୟବସ୍ଥା ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ।

# ଆନ୍ଧ୍ରରେ ଗୁଗଲ ଡାଟା ସେଣ୍ଟର ପ୍ରକଳ୍ପକୁ ବିରୋଧ

## ପ୍ଲାକାର୍ଡ ଧରି ରାସ୍ତାକୁ ବାହାରିଲେ ପରିବେଶବିତ୍




**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶରେ ଗୁଗଲର ଡାଟା ସେଣ୍ଟର ପ୍ରକଳ୍ପକୁ ବିରୋଧ ଆରମ୍ଭ ହୋଇଛି। ପରିବେଶବିତ୍ମାନେ ଏକାଠି ହୋଇ ବିଶାଖାପାଟଣାରେ ଶୋଭାଯାତ୍ରା କରିଥିଲେ। 'ଆମେ ଡାଟା ପିଇପାରିବୁ ନାହିଁ' ପ୍ଲାକାର୍ଡ ଧରିଥିଲେ ଓ ନିଜ ହାତରେ ଗୁଗଲର ଲୋଗୋ ଲାଗିଥିବା ହାତକଡ଼ି ଲଗାଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଜଳସ୍ତର ଓ ପରିବେଶ ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ କହିଛନ୍ତି। ଗ୍ରିନ ବିଶାଖା ନାମକ ସଂସ୍ଥାର ପ୍ରତିଷ୍ଠାତା ରାଜା ରାମ ମୋହନ ରାୟ କହିଛନ୍ତି ଯେ ଲୋକମାନଙ୍କ ଜୀବନଜୀବିକା ବଦଳରେ ବିକାଶ ଗ୍ରହଣୀୟ ନୁହେଁ।ଏନେଇ ମାମଲା ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ପହଞ୍ଚିଛି। ପରିବେଶକର୍ମୀମାନେ କରିଥିବା ଅଭିଯୋଗ ଉପରେ ଜବାବ ଦାଖଲ କରିବାକୁ କୋର୍ଟ ସରକାରଙ୍କୁ କହିଛନ୍ତି। ତେବେ ସରକାରଙ୍କ ମତ ହେଉଛି ପ୍ରତିବାଦ କରିବା ଏକ ଗଣତାନ୍ତ୍ରିକ ଅଧିକାର। ସେମାନଙ୍କ ଅଭିଯୋଗରେ ଯଦି କିଛି ବି ସତ୍ୟତା ଥିବ ତେବେ ସେ ନେଇ ଆଲୋଚନା ହେବ ଓ ସମସ୍ୟାର ସମାଧାନ କରାଯିବ। ତେବେ ଗୁଗଲ ପ୍ରକଳ୍ପକୁ ନେଇ ପରିବେଶକର୍ମୀମାନେ କରିଥିବା ଆପତ୍ତି ଭୁଲ ଓ ବିଭ୍ରାନ୍ତିକର ବୋଲି ସରକାରଙ୍କ ସୂତ୍ରରୁ ଗଣମାଧ୍ୟମକୁ କୁହାଯାଇଛି।ଗୁଗଲ ଏହି ପ୍ରକଳ୍ପରେ ୧୫ ବିଲିଅନ ଡଲାର ନିବେଶ କରୁଛି ଯାହା ଭାରତରେ ହେଉଛି କମ୍ପାନିର ସର୍ବବୃହତ୍ ନିବେଶ। ଏହି ପ୍ରକଳ୍ପକୁ ଆଦାନୀ ଗ୍ରୁପ୍ ନିର୍ମାଣ କରିବ। ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ ବଡ଼ ଧରଣର ନିର୍ମାଣ କାର୍ଯ୍ୟ ଓ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରକଳ୍ପ ସ୍ଥଳଠାରୁ ମାତ୍ର ୮୬୦ ମିଟର ଦୂରରେ ଥିବା କମ୍ବଳକୋଣ୍ଡା ବନ୍ୟଜନ୍ତୁ ଅଭୟାରଣ୍ୟରେ ଥିବା, ବିଶେଷ କରି ଚିତାବାଘ ଓ ବଜ୍ରକାପ୍ତାମାନେ ପ୍ରଭାବିତ ହେବ। ଏହାର ଉତ୍ତରରେ ସରକାର କହିଛନ୍ତି ଯେ ଶବ୍ଦ ପ୍ରଦୂଷଣ ରୋକିବାକୁ ବ୍ୟବସ୍ଥା କରାଯିବ।

# ୟୁନମ ଶିଖର ଛୁଇଁବେ ଓଡ଼ିଶା ମହିଳା ପର୍ବତାରୋହୀ ଦଳ

- ୨୦,୧୦୦ ଫୁଟ ଉଚ୍ଚ ଶିଖରରେ ୮୦ ମିଟର ତ୍ରିରଙ୍ଗା ଉଡ଼ାଇବା ଲକ୍ଷ୍ୟ
- ଅଗଷ୍ଟ ୧୫ରେ ଶିଖର ଛୁଇଁବା ଲକ୍ଷ୍ୟ
- ଦଳରେ ଅଛନ୍ତି ୧୧ ଜଣ ମହିଳା ପର୍ବତାରୋହୀ






ଭୁବନେଶ୍ୱର,୬।୮(ସବ୍ୟୁ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ମହିଳା ନେତୃତ୍ୱାଧୀନ ପର୍ବତାରୋହୀ ଦଳ ହିମାଚଳ ପ୍ରଦେଶର ୨୦,୧୦୦ ଫୁଟ ଉଚ୍ଚ ମାଉଣ୍ଟ ୟୁନମ ଶିଖର ଆରୋହଣ ଭଳି ଏକ ଐତିହାସିକ ଅଭିଯାନରେ ସାମିଲ ହେବାକୁ ଯାଉଛି । ରାଜ୍ୟର ୧୧ ଜଣ ନିର୍ଭୀକ ମହିଳା ନିଜର ସାହସ, ଆତ୍ମବିଶ୍ୱାସ ଓ ଦେଶପ୍ରେମର ପ୍ରତୀକ ସ୍ୱରୂପ ହିମାଳୟ ଶିଖରରେ ୮୦ ମିଟର ଲମ୍ବ ଜାତୀୟ ପତାକା ଉତ୍ତୋଳନ କରିବାର ସଙ୍କଳ୍ପ ନେଇ ଏହି ଅଭିଯାନ ଆରମ୍ଭ କରିଛନ୍ତି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ର ଟେନିସ୍ ଅଡିଟୋରିଅମ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନର ଔପଚାରିକ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ଆସୋସିଏସନ୍ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍‌ର ସମ୍ପାଦକ ଗଣେଶ ଜେନା, ଉପ-ସଭାପତି ହରେଶ କୁମାର ମିଶ୍ର, ଅତିରିକ୍ତ ସଚିବ ସୁଧାକର ନାୟକ ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଆସୋସିଏସନ୍ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ ଦ୍ୱାରା ଆୟୋଜିତ ଏବଂ ରାଜ୍ୟର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ୍ ଓ ଇଭେଣ୍ଟ୍ ମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସର ସହଯୋଗରେ ଏହି ଅଭିଯାନ ଅଗଷ୍ଟ ୭ ତାରିଖରେ ଭୁବନେଶ୍ୱରରୁ ଆରମ୍ଭ ହେବ । ୧୫ ଅଗଷ୍ଟ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଏହି ଦଳ ହିମାଚଳର ମାଉଣ୍ଟ ୟୁନାମ ଶିଖରରେ ପହଞ୍ଚି ୮୦ ମିଟର ତ୍ରିରଙ୍ଗା ଉତ୍ତୋଳନ କରିବ । ୧୧ ସଦସ୍ୟ ବିଶିଷ୍ଟ ଏହି ମହିଳା ଦଳରେ ୫ ଜଣ ଅଭିଜ୍ଞ ପର୍ବତାରୋହୀଙ୍କ ସହ ୫ ଜଣ ସଦସ୍ୟ ନୂତନ ଭାବେ ଯୋଗ ଦେଉଛନ୍ତି । ସେମାନଙ୍କ ମଧ୍ୟରେ ୧୩ ବର୍ଷୀୟା ଆରାଧ୍ୟା ଜେନାଙ୍କ ଉପସ୍ଥିତି ଏହି ଅଭିଯାନକୁ ଆହୁରି ସ୍ୱତନ୍ତ୍ରତା ପ୍ରଦାନ କରୁଅଛି, ଯାହାକି ଓଡ଼ିଶାର ନୂତନ ପିଢିର ସାହସ, ସ୍ୱପ୍ନ ଓ ଆତ୍ମବିଶ୍ୱାସର ପ୍ରତୀକ । ଅଭିଯାନଟି ହିମାଚଳ ପ୍ରଦେଶର ସୋଲାଙ୍ଗ ଉପତ୍ୟକା, ଜିସ୍ପା ଓ ଭରତପୁର ଦେଇ ପର୍ଯ୍ୟାୟକ୍ରମେ ଅଗ୍ରସର ହେବ । ଶିବିର-୧ ସ୍ଥାପନ ପରେ ଦଳ ଶିଖର ଆରୋହଣ ପାଇଁ ଶେଷ ପ୍ରସ୍ତୁତି କରିବ । ସମଗ୍ର ଅଭିଯାନରେ ସୁରକ୍ଷା, ଶୃଙ୍ଖଳା ଓ ପରିବେଶର ସୁରକ୍ଷା ଓ ଦଳଗତ ସହଯୋଗକୁ ଗୁରୁତ୍ୱ ଦିଆଯିବ ।

ଦଳନେତ୍ରୀ ଅନିତା ସ୍ୱାଇଁ କହିଛନ୍ତି ଯେ, ଆମ ପାଇଁ ମାଉଣ୍ଟ ୟୁନମ କେବଳ ଏକ ପର୍ବତ ଶିଖର ନୁହେଁ, ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟର ଉଚ୍ଚତାରେ ପହଞ୍ଚାଇବାର ଏକ ସୁଯୋଗ । ରାଜ୍ୟର ପ୍ରତ୍ୟେକ ଯୁବତୀ ବଡ଼ ସ୍ୱପ୍ନ ଦେଖିବାର ସାହାସ ରଖନ୍ତୁ । ସ୍ୱାଧୀନତା ଦିବସରେ ୮୦ ମିଟର ତ୍ରିରଙ୍ଗାକୁ ପର୍ବତ ଶିଖରରେ ଉତ୍ତୋଳନ କରିବା ଆମ ଜାତି ପ୍ରତି ସର୍ବୋଚ୍ଚ ଶ୍ରଦ୍ଧାଞ୍ଜଳି ହେବ ।

'ଆଶାଦର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଜେନା କହିଛନ୍ତି ଯେ, ଗତ କିଛି ମାସ ଧରି ଦଳ ଫିଟ୍‌ନେସ୍, ସହନଶୀଳତା, ଉଚ୍ଚତା ଅନୁକୂଳ ଏବଂ ପର୍ବତାରୋହଣ ଶୃଙ୍ଖଳା ଉପରେ କଠିନ ପ୍ରଶିକ୍ଷଣ ନେଇଛି । ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ସୁଚିନ୍ତିତ ଭାବେ ଯୋଜନା ପ୍ରସ୍ତୁତ କରାଯାଇଛି । ଦଳ ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ସହ ଏହି ଚ୍ୟାଲେଞ୍ଜ୍ ପାଇଁ ପ୍ରସ୍ତୁତ ।

ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ କହିଛନ୍ତି ଯେ, କିଛି ଯାତ୍ରା କେବଳ ପ୍ରଶଂସାର ନୁହେଁ, ଦୃଢ଼ ସମର୍ଥନର ମଧ୍ୟ ହକ୍‌ଦାର । ଏହି ଅଭିଯାନ ସାହସ, ଦେଶପ୍ରେମ ଓ ଲକ୍ଷ୍ୟକୁ ଏକ ସୂତ୍ରରେ ବାନ୍ଧିଛି । ଆମର ବିଶ୍ୱାସ, ଏହି ମହିଳାମାନେ କେବଳ ଏକ ସଫଳ ଶିଖର ଆରୋହଣର କାହାଣୀ ନୁହେଁ ବରଂ ଓଡ଼ିଶା ଯୁବପିଢି ପାଇଁ ପ୍ରେରଣାର ଏକ ନୂତନ ଅଧ୍ୟାୟ ନେଇ ଫେରିବେ ।

'ଆଶାଦର ଉପ-ସଭାପତି ହରେଶ କୁମାର ମିଶ୍ର କହିଛନ୍ତି ଯେ, ଏହି ଅଭିଯାନ ଓଡ଼ିଶାରେ ଦୁଃସାହସିକ କ୍ରୀଡ଼ାର ଏକ ନୂତନ ଯୁଗର ଆରମ୍ଭ । ଏହା ଯୁବପିଢିଙ୍କ ମନରେ ଆତ୍ମବିଶ୍ୱାସ, ନେତୃତ୍ୱ ଓ ସ୍ଥିରତାର ମନୋଭାବକୁ ଆହୁରି ଦୃଢ଼ କରିବ ।

ଏଥିପୂର୍ବରୁ, ଓଡ଼ିଶା ବିଧାନ ସଭା ବାଚସ୍ପତି ସୁରମା ପାଢୀ ପର୍ବତାରୋହୀ ଦଳଙ୍କୁ ନିଜ ବାସଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ପତାକା ହସ୍ତାନ୍ତର କରି ଅଭିଯାନର ଶୁଭାରମ୍ଭ କରିଥିଲେ । ରାଜ୍ୟ ମହିଳାମାନଙ୍କର ଏହି ପ୍ରକାର ସାହାସିକ ପ୍ରେରଣାଦାୟୀ ନେତୃତ୍ୱ ତଥା ପ୍ରୟାସ ପାଇଁ ସେ ଗର୍ବ ପ୍ରକାଶ କରିବା ସହ ଅଭିଯାନର ସର୍ବାଙ୍ଗୀନ ସଫଳତା ପାଇଁ ଶ୍ରୀମତୀ ପାଢୀ ଆରୋହୀମାନଙ୍କୁ ଶୁଭକାମନା ଜଣାଇଥିଲେ ।

## ବୈଭବଙ୍କୁ ଲାଗିପାରେ ଝଟକା

ନୂଆଦିଲ୍ଲୀ,୬।୮(ଏଜେନ୍ସି):ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନକୁ ନେଇ ସବୁଠି ଚର୍ଚ୍ଚା । କିଛି ଦିନ ତଳେ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ମାତ୍ର ୧୫ ବର୍ଷ କ୍ରିକେଟରେ ଟି-୨୦ କ୍ରିକେଟରେ ଇତିହାସ ରଚିଛନ୍ତି । ସର୍ବକନିଷ୍ଠ ଖେଳାଳି ଭାବେ ତାଙ୍କର ଏହି ରେକର୍ଡ ଅନେକ ବର୍ଷ ଯାଏ ଅଭଙ୍ଗା ହୋଇରହିବ । ନିକଟରେ ଜିମ୍ବାୱେ ବିପକ୍ଷ ଟି-୨୦ ଶୃଙ୍ଖଳାରେ ବୈଭବ ଜମାଣିଆ ବ୍ୟାଟିଂ କରିଥିଲେ । ମ୍ୟାନ ଅଫ ଦ ସିରିଜ ପୁରସ୍କାର ମଧ୍ୟ ଜିତିଥିଲେ । ଏବେ ତାଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି । ଦୁଲ୍ଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ବୈଭବଙ୍କୁ ଇଷ୍ଟ ଜୋନ ଦଳରେ ସ୍ଥାନ ମିଳିଛି । ସେ ଉପଅଧିନାୟକ ଦାୟତ୍ୱ ମଧ୍ୟ ତୁଲାଇବେ । ଦଳର ନେତୃତ୍ୱ ନେବେ ଇଶାନ କିଷାନ । ଯାହାକୁ ନେଇ ବିବାଦ ଦେଖାଯାଇଛି । କେହି କେହି ଏହାକୁ ପସନ୍ଦ କରୁଥିବା ବେଳେ ଅନେକ ନାପସନ୍ଦ କରିଛନ୍ତି । ଇଷ୍ଟ ଜୋନର ଚୟନକର୍ତ୍ତା କହିଛନ୍ତି ବୈଭବଙ୍କୁ ଦାୟିତ୍ୱ ଦେଲେ ଅଧିକ ପରିପୋକ୍ୱ ହେବେ । ଭବିଶ୍ୟତରେ ଭାରତୀୟ ଦଳର ଅଧିନାୟକ ହୋଇପାରିବେ । ଇଶାନ କିଷାନ ୱିକେଟ କିପର ରହିବେ । ଦଳର ନେତୃତ୍ୱ ତାଙ୍କ ଉପରେ ନ୍ୟସ୍ତ ରହିବ । ସେ ହିଁ ସମସ୍ତ ନିଷ୍ପତ୍ତି ନେବେ । ଦେଖିବାକୁ ଗଲେ ଏବେ ଶୀଘ୍ର ଆଗକୁ ବଢ଼ିବା ଉଚିତ ନୁହେଁ । ତାଙ୍କର କଳା ଓ ସ୍କିଲ ଉପରେ ସନ୍ଦେହ ନାହିଁ । ସେ ଯେଉଁ ଭଳି ଭାବେ ବଲକୁ ଟାଇମ କରନ୍ତି, ତାହା ଖୁବ ଚମତ୍କାର । ହେଲେ ଅଧିନାୟକ କିମ୍ବା ଉପଅଧିନାୟକ ପଦ କେବଳ ଏକ ଦାୟିତ୍ୱ ଅଥବା ପୁରସ୍କାର ନୁହେଁ, ବର ଏହା ରଣନୀତିକୁ ବୁଝିବା, ବିରୋଧିଙ୍କ ଚାଲକୁ ମାତ ଦେବା ଏବଂ ଧୈର୍ଯ୍ୟ ରଖିବାର କଳା । ଯେଉଁ ବୟସରେ ବୈଭବଙ୍କ ନଜର କେବଳ ଖେଳ ଉପରେ ରହିବା କଥା ସେହି ବୟସରେ ସେ ଉପଅଧିନାୟକ ଦାୟିତ୍ୱ ନେଲେ ମାନସିକ ଚାପ ବଢ଼ିବ । ଇତିହାସ ସାକ୍ଷୀ ଅଛି ବିସିସିଆଇ ପରବର୍ତ୍ତୀ ସଚିନ ତେନ୍ଦୁଲକର ଗଢ଼ିବା ପାଇଁ ଅନେକ ପ୍ରତିଭାଙ୍କୁ ଆଗକୁ ଆଣିଛି । କିଛି ଦିନ ଭଲ ଖେଳିବା ପରେ ସେମାନେ ହଜି ଯାଇଛନ୍ତି । ପୃଥ୍ୱୀ ଶ କମ ବୟସରୁ କିଛି ସଫଳତା ପାଇଥିଲେ । ଏହାପରେ ସେ ଖେଳରେ ମନ ଦେଲେ ନି । ଯାହା ପରେ ତାଙ୍କ ପତନ ଆରମ୍ଭ ହୋଇଯାଇଥିଲା । ବୈଭବଙ୍କ ସହ ଏପରି ନଘଟୁ ବୋଲି ପ୍ରଶଂସ ଆଶା କରିଛନ୍ତି ।



## ମ୍ୟାଚ ବେଳେ ମାରିଲା ବିଜୁଳି

## ପଡ଼ିଆରେ ଟଳି ପଡିଲେ ଫୁଟବଲର

ନୂଆଦିଲ୍ଲୀ,୬।୮(ଏଜେନ୍ସି): ଫୁଟବଲ ମ୍ୟାଚ ଚାଲିଥିବା ବେଳେ ତୀବ୍ର ବିଜୁଳି ମାଡ ଯୋଗୁଁ ଜଣେ ଯୁବ ଫୁଟବଲରଙ୍କ ଜୀବନ ଚାଲିଯାଇଛି । ବିଜୁଳି ମାରିବା ସମୟର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ ହୋଇଥିଲା । କିଛି ଦର୍ଶକ ମ୍ୟାଚକୁ ମୋବାଇଲରେ ରେକର୍ଡିଂ କରିଥିଲେ । ଏହି ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଖୁବ ଜୋରରେ ଭାଇରାଲ ହେବାରେ ଲାଗିଛି । ବିଜୁଳି ମାଡରେ ଥାଇଲାଣ୍ଡର ଜଣେ ଯୁବ ଫୁଟବଲରଙ୍କ ଜୀବନ ଯାଇଛି । ୨୪ ବର୍ଷୀୟ ଖେଳାଳିଙ୍କ ନାଁ ସୋଫୱାନ ଆୱାୟେ । ଦକ୍ଷିଣ ଥାଇଲାଣ୍ଡରେ ଏକ ଫୁଟବଲ ମ୍ୟାଚ ସମୟରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି । ବ୍ରଜାଘାତରେ ସୋଫୱାନ ପଡ଼ିଆରେ ଆଖି ବୁଜିଥିଲେ ହେଁ ଆଉ ୧୨ ଜଣ ଖେଳାଳି ଆହତ ହୋଇଛନ୍ତି । ଏହି ଘଟଣା ଫୁଟବଲ ଜଗତରେ ଶୋକର ଛାୟ ଖେଳାଇ ଦେଇଛି । ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ପ୍ରବଳ ବର୍ଷା ମଧ୍ୟରେ ପଡ଼ିଆରେ ମ୍ୟାଚ ଚାଲିଥିଲା । ଦର୍ଶକ ଓଦା ହୋଇ ଏହାର ମଜା ନେଉଥିଲେ । କିନ୍ତୁ ହଠାତ ବ୍ରଜପାତ ହୋଇଥିଲା । କିଛି ସେକେଣ୍ଡ ପରେ ଜୋରଦାର ବିସ୍ଫୋରଣ ଭଳି ଶବ୍ଦ ଶୁଣାଯାଇଥିଲା । ଏହାପରେ ସୋଫୱାନ ପଡ଼ିଆ ମଝିରେ ଟଳି ପଡିଥିଲେ । ସାଥି ଖେଳାଳିମାନେ ପାଖକୁ ଦୌଡି ଯାଇ ତାଙ୍କ ଛାତିକୁ ଜୋର ଜୋର ଦାବିବାକୁ ଲାଗି ଥିଲେ । ଜରୁରୀ କାଳୀନ ଚିକିତ୍ସା ଦଳ ମଧ୍ୟ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ ହେଁ ସେ ଆଉ ଆଖି ଖୋଲିନଥିଲେ । ରିପୋର୍ଟ ଅନୁସାରେ ଏହି ଘଟଣା ଗୋଲକ ଏଫଏ କପ ନାମକ ଏକ ସ୍ଥାନୀୟ ଟୁର୍ଣ୍ଣାମେଣ୍ଟ ସମୟରେ ଘଟିଛି । ଏହି ପ୍ରତିଯୋଗିତାରେ ଥାଇ ମାଲେସିଆନ ଆମେଚର ଦଳ ଗୁଡିକ ଅଂଶଗ୍ରହଣ କରିଛନ୍ତି ।

## ଦେଶ ପାଇଁ ଖେଳିବାକୁ ସାମି ପ୍ରସ୍ତୁତ

ନୂଆଦିଲ୍ଲୀ,୬।୮(ଏଜେନ୍ସି): ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପାଇଁ ପ୍ରସ୍ତୁତ ଥିବା ବିସିସିଆଇ ଓ ଚୟନକର୍ତ୍ତାଙ୍କୁ ଜଣାଇଛନ୍ତି । ସାମି ୨୦୨୫ ଚାମ୍ପିଅନ୍ସ ଟ୍ରଫି ପରଠାରୁ ଜାତୀୟ ଦଳରୁ ବାହାରେ ଅଛନ୍ତି । ୨୦୨୩ ଦିନିକିଆ ବିଶ୍ୱକପରେ ସର୍ବାଧିକ ୱିକେଟ ହାସଲ କରିବା ଏବଂ ଘରୋଇ କ୍ରିକେଟରେ ଜମାଣିଆ ପ୍ରଦର୍ଶନ କରିବା ସତ୍ତ୍ୱେ ନିକଟ ଅତୀତରେ ବିସିସିଆଇ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପସନ୍ଦ ତାଲିକାରେ ସେ ନାହାନ୍ତି । ତଥାପି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସାମି ଆଶା ବାନ୍ଧିଛନ୍ତି । ତାଙ୍କ ପିଲା ଦିନର କୋଚ ମହମ୍ମଦ ବଦ୍ରୁଦିନ କହିଛନ୍ତି ଯେ, ସାମି ଆଗାମୀ ସିଜନ ପାଇଁ ସମ୍ପୂର୍ଣ୍ଣ ଫିଟ ରଖିବାକୁ ୫ କିଲୋ ଓଜନ କମାଇଛନ୍ତି । କୋଚଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟକୁ କିଭଳି ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା । ସାମିଙ୍କ ମନୋବଳ ଦୃଢ଼ ଅଛି । ଆଗାମୀ ସିଜନ ପାଇଁ ସେ ବେଶ ଉତ୍ସାହିତ ଅଛନ୍ତି । ତାଙ୍କ ଭିତରେ ଏବେ ଯଥେଷ୍ଟ କ୍ରିକେଟ ବାକି ଅଛି । ଦେଶ ପାଇଁ ଯେତେବେଳେ ବି ତାଙ୍କର ଆବଶ୍ୟକତା ପଡିବ ସେ ସେବା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି । ଗତ ସିଜନରେ ସାମି ରଣଜୀ ଟ୍ରଫିର ୭ଟି ମ୍ୟାଚରୁ ୩୭ ୱିକେଟ ନେଇଥିଲେ । ବିଜୟ ହଜାରେ ଟ୍ରଫିର ୭ଟି ମ୍ୟାଚରୁ ୫ଟି ୱିକେଟ ହାସଲ କରି ନିଜର ଦକ୍ଷତା ପ୍ରମାଣିତ କରିଥିଲେ । ହର୍ସିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଯୁବ ବୋଲରମାନେ ଆଘାତ ସମସ୍ୟା ଦେଇ ଗତି କରୁଥିବା ବେଳେ କୋଚ ବଦ୍ରୁଦିନ କହିଛନ୍ତି ଇଂଲଣ୍ଡ ଓ ଦ.ଆଫ୍ରିକା ଭଳି ବିଦେଶ ମାଟିରେ ବୋଲିଂ କରିବା ସହଜ ନୁହେଁ । ୨୦୨୭ ଦିନିକିଆ ବିଶ୍ୱକପ ଦ.ଆଫ୍ରିକା ହେବାକୁଥିବାରୁ ସେଠାରେ ସାମିଙ୍କ ଭଳି ଅଭିଜ୍ଞ ବୋଲର ଭାରତ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରିବେ । ନିକଟରେ ଆଜିଙ୍କ୍ୟ ରାହାଣେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିବା ପରେ ସାମି ତାଙ୍କର ପ୍ରଶଂସା କରିଥିଲେ । ଶୃଙ୍ଖଳା, ଆନୁଗତ୍ୟ ଓ ସମର୍ପଣ ଭିତରେ ଗଢ଼ି ଉଠିଥିବା ଏକ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡିଛି । ଭାରତୀୟ ଜର୍ସିରେ ପ୍ରତ୍ୟେକ ରନ, ସଂଘର୍ଷ ଏବଂ ଅଭୁଲା ମୁହୂର୍ତ୍ତ ପାଇଁ ଧନ୍ୟବାଦ ବୋଲି ସାମି ଲେଖିଥିଲେ ।

## ୭୨ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ କେନ୍ଦୁଝର ଦଳର ରାଇରଙ୍ଗପୁର ଯାତ୍ରା

କେନ୍ଦୁଝର,୬।୮(ସବ୍ୟୁ): ୦୬୦୮ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ଓଡିଶା ଆଥଲେଟିକ ଆସୋସିଏସନ ସହାୟତାରେ ଆସନ୍ତା ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ନବ ନିର୍ମିତ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପ୍ରଥମ ଥର ପାଇଁ ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି । ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗରେ ଏହି ପ୍ରତିଯୋଗିତା ନବର୍ନିମିତ ସିନ୍ଥେଟିକ ଟ୍ରାକରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଦୌଡ଼କୁଦ ପ୍ରତିଯୋଗିତାରେ ଯୋଗଦେବା ପାଇଁ ଏକ ୨୯ ଜଣିଆ କେନ୍ଦୁଝର ଦଳ ଆଜି ପୂର୍ବାହ୍ନରେ ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି । କେନ୍ଦୁଝର ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ବାଳିକା ବିଭାଗରେ (୧୪ ବର୍ଷରୁ କମ ) ପ୍ରତ୍ୟୁଷା ସିଂହ, ସୁନେଲି ମୁଣ୍ଡା, ଲୁଖି ଟୁଡୁ,(୧୬ ବର୍ଷରୁ କମ )ମାନସୀ ମୁଣ୍ଡା, ତପସ୍ୱିନୀ ମହାନ୍ତ, ଶ୍ୱେତ ପ୍ରଜ୍ଞାନ ମହାନ୍ତ, ସୁପ୍ରିୟା ସେଠୀ,(୧୮ ବର୍ଷରୁ କମ )ଅଞ୍ଜଳି ମାଝୀ, ଲକ୍ଷ୍ମୀପ୍ରିୟା ବାରିକ, ସନ୍ଧ୍ୟାରାଣୀ ନାଏକ, (୨୦ ବର୍ଷରୁ କମ )ଶାନ୍ତିଲତା ନାଏକ । ସେହିପରି ବାଳକ ବିଭାଗରେ(୧୪ ବର୍ଷରୁ କମ ) ଶ୍ରୀଲାଲ ସିଙ୍କୁ, (୧୬ ବର୍ଷରୁ କମ ) ସୌମ୍ୟରଞ୍ଜନ ମନ୍ତ୍ରୀ, ବିବେକାନନ୍ଦ ମହାନ୍ତ, ସାଇ ଆଦିତ୍ୟ ପଣ୍ଡା, ଦିଲ୍ଲୀପ ମଲ୍ଲିକ, ଶଙ୍କର୍ଷଣ ମୁଣ୍ଡା, ସୌମ୍ୟ ପ୍ରସାଦ ସେଠୀ, ଅଭୟ କୁମାର ବେହେରା, (୧୮ ବର୍ଷରୁ କମ ) ସଞ୍ଜୟ ହାଁସଦା, ହେମନ୍ତ ଖଡିଆ, ସଚ୍ଚିଦାନନ୍ଦ ମହାନ୍ତ, ଏସ କେ ଅଫନୱାର, ସ୍ୱାଧୀନ ରଣା, (୨୦ ବର୍ଷରୁ କମ ) ଧନେଶ୍ୱର ବାସ୍କେ, ମୁକୁନ୍ଦ ମହାକୁଡ଼, ସୌମ୍ୟ ରଞ୍ଜନ ସୁବୁଦ୍ଧି, ରଶ୍ମିକାନ୍ତ ଦେହୁରୀ ଏବଂ ନୀତେଶ କୁମାର ଦଳେଇ । ମ୍ୟାନେଜର ଭାବେ ବନେଇକଳା ଦୟାନିଧି ହାଇସ୍କୁଲର ରୋହିତ କୁମାର ମହାନ୍ତ ଏବଂ କୋଚ ଭାବେ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବରିଷ୍ଠ ଦୌଡ଼କୁଦ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସି ଓ ପ୍ରଗତି ହାଇସ୍କୁଲ, ମୈଦାନକେଲର ପ୍ରିୟମ୍ବଦା ମହାନ୍ତ ଦଳ ସହ ରାଇରଙ୍ଗପୁର ଯାତ୍ରା କରିଛନ୍ତି ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଗାଭାସ୍କରଙ୍କ ବିଶ୍ୱକପ ଟିମ୍



ନୂଆଦିଲ୍ଲୀ,୬।୮(ଏଜେନ୍ସି): ୨୦୨୭ ଦିନିକିଆ ବିଶ୍ୱକପକୁ ଆଉ ୧୪ ମାସ ବାକି ରହିଛି । ସମସ୍ତ ଦଳ ଏବେ ଠାରୁ ରଣନୀତି ଆରମ୍ଭ କରିଛନ୍ତି । କାହାକୁ ଖେଳାଇବେ, କାହାକୁ ସ୍ଥାନ ମିଳିବ ନାହିଁ ସେ ନେଇ ଗେମ ପ୍ଲାନ ଚାଲିଛି । ବିସିସିଆଇ ମଧ୍ୟ ଏଥିରେ ଆଗରେ ରହିଛି । କେଉଁ ଖେଳାଳିଙ୍କୁ ଭାରତ ବିଶ୍ୱକପ ଖେଳିବ ସେଥିପାଇଁ ଘନ ଘନ ବୈଠକ ବସୁଛି । ଖେଳାଳିଙ୍କ ପ୍ରଦର୍ଶନ ଉପରେ ଫୋକସ କରାଯାଉଛି । ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ନେଇ ସସପେନ୍ସ ରହିଛି । ଉଭୟ ଦଳରେ ଜାଗା ପାଇବାକୁ ଜୋରଦାର ପ୍ରସ୍ତୁତି କରୁଛନ୍ତି । କିନ୍ତୁ ବେଳେ ବେଳେ ଚୟନ କର୍ତ୍ତାଙ୍କ ମନ୍ତବ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କିଏ ବିଶ୍ୱକପ ଖେଳିଲେ ଭଲ ହେବ, କାହାକୁ ବାଦ ଦେବା ଉଚିତ । ଏସବୁ ପ୍ରଶ୍ନ ମଧ୍ୟରେ ସୁନୀଲ ଗାଭାସ୍କର ନିଜର ବିଶ୍ୱକପ ଏକାଦଶ ଚୟନ କରିଛନ୍ତି । ଏଥିରେ ଶୁଭମନ ଗିଲ, ରୋହିତ ଶର୍ମା, ଶ୍ରେୟାସ ଆୟର, ଲୋକେଶ ରାହୁଲଙ୍କୁ ସ୍ଥାନ ଦେଇଛନ୍ତି । ଇଶାନ କିଷାନ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ରବିନ୍ଦ୍ର ଜାଡେଜା ଅଛନ୍ତି । ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, କୁଲଦୀପ ଯାଦବ, ହର୍ସିତ ରାଣାଙ୍କୁ ବୋଲର ଭାବେ ଦଳରେ ସ୍ଥାନ ଦେଇଛନ୍ତି ଗାଭାସ୍କର । ଗାଭାସ୍କର ଟିମ ସମ୍ଭାବ୍ୟ ଭାରତୀୟ ଦଳ ସହ ମେଳ ଖାଇପାରେ ବୋଲି ଆଶା କରାଯାଉଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଲୁଚାଛପି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

## ୧୫ରୁ ଓଡ଼ିଶା ରାଜ୍ୟ ରାପିଡ, ବ୍ଲିଜ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୬।୮(ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଚେସ ପ୍ରଶିକ୍ଷଣ କେନ୍ଦ୍ର ଏସ ଆର ଚେସ ସେଣ୍ଟର ଓ ଏସ.ବି ୧ ଗ୍ରୁପ୍ ଅଫ କମ୍ପାନୀଜ୍ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାହାଳ ସ୍ଥିତ ମଦର ପବ୍ଲିକ ସ୍କୁଲ ଠାରେ ଚଳିତ ମାସ ୧୫ ଓ ୧୬ ତାରିଖ ଦୁଇଦିନ ଧରି ମର୍ଯ୍ୟାଦା ଜନକ ଓଡ଼ିଶା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଫିଡେ ରେଟିଂ କ୍ଷୀପ୍ର ଚେସ୍ ପ୍ରତିଯୋଗିତା ଆୟୋଜିତ ହେବ । ଫାଇଡ ଓ ଏ ଆଇ ସି ଏଫ୍ ଦ୍ୱାରା ସୀକୃତିପ୍ରାପ୍ତ , ନିଖିଳ ଓଡ଼ିଶା ଚେସ ସଂଘ ତରଫରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସହଯୋଗରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଚେସ ପ୍ରତିଯୋଗିତାରେ ରାଜ୍ୟର ଯେକୌଣସି ଚେସ୍ ଖେଳାଳି ୯୯୦/- ପ୍ରବେଶିକା ଦେୟ ଦେଇ ଉଭୟ ପ୍ରତିଯୋଗିତାରେ ୧୨ ତାରିଖ ରାତି ସୁଦ୍ଧା ସିଧାସଳଖ ଅଂଶଗ୍ରହଣ କରିପାରିବେ । ଉନ୍ନତ ପ୍ରଦର୍ଶନ କରିଥିବା ଖେଳାଳିମାନେ ଜାତୀୟ ଚେସକୁ ଓଡ଼ିଶାରୁ ମନୋନୀତ ହେବା ସହ ଏଥିରେ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବାର ଯୋଗ୍ୟତା ଅର୍ଜନ ମଧ୍ୟ କରିପାରିବେ ।




ମୋଟ ରେକର୍ଡ ୧,୨୦,୦୦୦/- ଓ ୬୦ ରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ଟ୍ରଫି ଓ ମେଡାଲ ଥିବା ଏହି ପ୍ରତିଯୋଗିତାରେ ରାପିଡ୍ ବିଭାଗରେ ଚାମ୍ପିଅନ କୁ ୨୦,୦୦୦/-, ରନରଅପ କୁ ୧୫,୦୦୦/- ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୧୦,୦୦୦/- ନଗଦ ଅର୍ଥ ସହ ଆକର୍ଷଣୀୟ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ ବୋଲି ଏସ ବି ୧ ଗ୍ରୁପ୍ ଅଫ କମ୍ପାନୀର ଅଧକ୍ଷ ବୈଜୟନ୍ତୀ ସାହୁ ପ୍ରକାଶ କରିଛନ୍ତି । ଏହା ଛଡ଼ା ଶ୍ରେଷ୍ଠ ୧୫ଜଣ ଖେଳାଳିଙ୍କୁ ନଗଦ ଅର୍ଥ ସହ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଶ୍ରେଷ୍ଠ ୪ଜଣ ଉଭୟ ବାଳକ ଓ ବାଳିକାଙ୍କୁ ଆକର୍ଷଣୀୟ ଟ୍ରଫି ସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ଇ ସାର୍ଟିଫିକେଟ ପ୍ରଦାନ କରାଯିବ । ପ୍ରତିଯୋଗିତାରେ ଶ୍ରେଷ୍ଠ ଭେଟ ରାନ , ଶ୍ରେଷ୍ଠ ମହିଳା , ଶ୍ରେଷ୍ଠ ଭିନ୍ନକ୍ଷମ , ୧୬୦୦ ରେଟିଂରୁ କମ୍ ୩ଜଣ ,୧୮୦୦ ରେଟିଂରୁ କମ୍ ୩ଜଣ ଓ ଭାଗ ନେଇଥିବା ଶ୍ରେଷ୍ଠ ୫ଜଣ ଅଣ ରେଟେଡ଼ ଖେଳାଳିଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯିବ । ସେହିପରି ବ୍ଲିଜ ବିଭାଗରେ ଚାମ୍ପିଅନ କୁ ୧୫,୦୦୦/-, ରନରଅପ କୁ ୧୦,୦୦୦/- ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୬,୦୦୦/- ନଗଦ ଅର୍ଥ ସହ ଆକର୍ଷଣୀୟ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ । ଏହା ବାଦ୍ ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ମୋଟ ୫୦ ହଜାର ଟଙ୍କାର ନଗଦ ଅର୍ଥ ରାଶି ପ୍ରଦାନ କରାଯିବ । ଅଧିକ ଜାଣିବା ପାଇଁ ସତ୍ୟ ରଞ୍ଜନ ପଟ୍ଟନାୟକ ମୋ -୯୪୩୭୨୦୮୫୦୬,୭୦୦୮୯୭୩୯୫୦ କିମ୍ବା ଏସ ଆର ଚେସ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ ମୋ ୯୮୬୧୩୯୧୨୫୮ ସହ ଯୋଗାଯୋଗ କରିବା ପାଇଁ ଏ ଓ ସି ଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଅନୁରୋଧ କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି